

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୧୪ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 14 SEPTEMBER 2022
Vol.No. 35 ■ No. 242 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ସବୁ ଆସନରେ ଲଢ଼ିବ ଆପ୍



ନୂଆଦିଲ୍ଲୀ, ୧୩/୦୯ : ଆଗକୁ ଗୁଜରାଟ ନିର୍ବାଚନ। ଏଥିପାଇଁ ଅଣ୍ଟା ଭିଡିଲେଣି ସମସ୍ତ ଦଳ। ଗୁଜରାଟ ଦଖଲ କରିବାକୁ ହେଲାଣି ପ୍ରସ୍ତୁତି। ସମସ୍ତ ଦଳ ଜୋରସୋର୍‌ରେ ଆରମ୍ଭ କରିଦେଲେଣି କସରତ। ଏହାରି ଭିତରେ ଏକ ବଡ ଘୋଷଣା କରିଛନ୍ତି ଆପ୍ ଆଦମୀ ପାର୍ଟି ସୁପ୍ରିମୋ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଆଗାମୀ ଗୁଜରାଟ ନିର୍ବାଚନରେ ସେ ସମସ୍ତ ଆସନରେ ଲଢ଼ିବେ ବୋଲି କହିଛନ୍ତି। ଏଥିସହ ' ଆସନ୍ତା ଦୁଇ ମାସ ଭିତରେ ବିଜେପି ଯାଉଛି ଆଉ ଆପ୍ ଆସୁଛି' ବୋଲି କେଜ୍ରିୱାଲ ନାରା ଦେଇଛନ୍ତି। ବର୍ତ୍ତମାନ ଗୁଜରାଟ ଗସ୍ତରେ ଅଛନ୍ତି ଅରବିନ୍ଦ କେଜ୍ରିୱାଲ। ଏଠାରୁ ସେ ବିଜେପିକୁ ଜୋରଦାର ଟାର୍ଗେଟ୍ କରିଛନ୍ତି। 'ମୁଁ ଏଠାରେ ଦୁଇମାସ ହେବ ବୁଲି ବୁଲି ସବୁ ବର୍ଗର ଲୋକଙ୍କ ସହ ମିଶୁଛି। ଜଣେ ବି ବ୍ୟକ୍ତି ବିଜେପି ଶାସନରେ ସନ୍ତୁଷ୍ଟ ଥିବା କଥା କହି ନାହାଁନ୍ତି। ଗୁଜରାଟରେ ଭ୍ରଷ୍ଟାଚାର ଭରି ରହିଛି। ଯେ କୌଣସି ସରକାରୀ ବିଭାଗରେ କାମ କରିବାକୁ ପଡିଲେ ଲାଞ୍ଚ ଦେବାକୁ ପଡୁଛି। ତଳସ୍ତରରୁ ଆରମ୍ଭ କରି ଉପରସ୍ତର ସବୁଠି ଦୁର୍ନୀତି ରହିଛି। ଏହା ବିରୋଧରେ ସ୍ୱର ଉଠାଇଲେ ଡରାଇବା ଓ ଧମକାଇବା ପାଇଁ ଚାଲିଆସୁଛନ୍ତି। ବ୍ୟବସାୟୀ ଓ ଶିଳ୍ପପତୀଙ୍କୁ ରେଡ୍ ଧମକ ମିଳିଛୁ ଓ ତୁମର ଧନ୍ଦା ବନ୍ଧ କରିଦେବୁ ବୋଲି ବିଜେପି ଧମକ ଦେଉଥିବା କେଜ୍ରିୱାଲ କହିଛନ୍ତି।' କେଜ୍ରିୱାଲ ଗୁଜରାଟର ଭୋଟରଙ୍କୁ ପ୍ରତିଶ୍ରୁତି ବି ଦେଇଛନ୍ତି। ସେ କହିଛନ୍ତି ରାଜ୍ୟରେ ଆମ୍ ଆଦମୀ ପାର୍ଟିର ସରକାର ଗଠନ ହେବା ପରେ ଏଠାରେ କୌଣସି ସରକାରୀ କାମ ପାଇଁ ଲୋକଙ୍କୁ ଲାଞ୍ଚ ଦେବାକୁ ପଡିବ ନାହିଁ । ସରକାରୀ କାମ କରିବାକୁ ଲୋକଙ୍କୁ ସରକାରୀ କାର୍ଯ୍ୟାଳୟ ଯିବାକୁ ପଡିବ ନାହିଁ ବରଂ ସରକାରୀ କର୍ମଚାରୀ ଲୋକଙ୍କ ପାଖକୁ ଆସିଯିବେ। ଏହାସହ ବିଜେପି କାର୍ଯ୍ୟକାଳରେ ହୋଇଥିବା ସମସ୍ତ ଦୁର୍ନୀତିର ଯାଞ୍ଚ ହେବ। ରାଜ୍ୟକୁ ଦୁର୍ନୀତି ଓ ଭୟ ମୁକ୍ତ ଶାସନ ଦିଆଯିବ ବୋଲି କେଜ୍ରିୱାଲ ପ୍ରତିଶ୍ରୁତି ଦେଇଛନ୍ତି। ସେପଟେ ଗୁଜରାଟ ଲୋକଙ୍କୁ ମାଗଣା, ବିଜୁଳି ଓ ମାଗଣା ଶିକ୍ଷା ଦେବାକୁ ଆମ୍ ଆଦମୀ ପାର୍ଟି ଘୋଷଣା କରିବା ପରେ ଏହାକୁ ବିଜେପି ଭିନ୍ନ ଭିନ୍ନ ଢ଼ଙ୍ଗରେ ବିରୋଧ କରୁଥିବା କଥା ଅଭିଯୋଗ କରିଛନ୍ତି କେଜ୍ରିୱାଲ। କେବଳ ବିଜେପି ନୁହେଁ କଂଗ୍ରେସକୁ ମଧ ଟାର୍ଗେଟ୍ କରିଛନ୍ତି ଆପ୍ ମୁଖ୍ୟ। କଂଗ୍ରେସର ଏକ ଅଭିଯୋଗର ଉତ୍ତର ଦେଇ ସେ କହିଛନ୍ତି, 'କଂଗ୍ରେସ ଶେଷ ହୋଇସାରିଛି।'

# ଧସ୍ତାଧସ୍ତି ଓ ଲାଠିମାଡ଼ରେ ଥରିଲା କୋଲକାତା



କୋଲକାତା, ୧୩/୦୯ : ପଶ୍ଚିମବଙ୍ଗରେ ପ୍ରବଳ ହଙ୍ଗାମା। ପୁଣି ଥରେ ଟିଏମ୍‌ସି ଓ ବିଜେପି ମୁହାଁମୁହିଁ ହୋଇଛନ୍ତି। ବିଜେପି ନେତାମାନେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ପୁଣିଥରେ ରାସ୍ତାକୁ ଓହ୍ଲାଇଛନ୍ତି। ରାଜ୍ୟ ବିଜେପି ନିଜର ବରିଷ୍ଠ ନେତାଙ୍କ ନେତୃତ୍ୱରେ ଆରମ୍ଭ କରିଛି 'ନବାନ୍ନ ଅଭିଯାନ'। ଏଥିରେ ବିଜେପିର ସମସ୍ତ ନେତା ମନ୍ତ୍ରୀ କର୍ମୀ ଯୋଗ ଦେଇ ନବାନ୍ନ ଯାଏଁ ପଦଯାତ୍ରା କରିଛନ୍ତି। ତେବେ ଅଧା ବାଟରେ ବିଜେପି କର୍ମୀ ଓ ପୁଲିସ ମୁହାଁମୁହିଁ ହୋଇଛନ୍ତି। ୪ ବଜେପି ନେତାଙ୍କୁ ପୁଲିସ ଅଟକ ରଖିଛି। ଏଥସହ ଅନେକ କର୍ମୀଙ୍କୁ ଗିରଫ କରାଯାଇଛି। ହାୱଡାରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ନବାନ୍ନ(ସଚିବାଳୟ) ଆଡକୁ ଯାଉଥିବା ବେଳେ ତାଙ୍କୁ ପୁଲିସ ଅଟକାଇଛି। ତେବେ ଶୁଭେନ୍ଦୁ ଏହା ବିରୋଧରେ କୋର୍ଟ ଯିବେ ବୋଲି ଧମକ ଦେଇଛନ୍ତି। ଏଥିସହ ଲେଡି କିଙ୍ଗ ମମତା ବାନାର୍ଜୀ ପଶ୍ଚିମବଙ୍ଗକୁ ନର୍ଥ କୋରିଆ କରିସାରିଲେଣି। ପୁଲିସ କେବଳ ମମତା ବାନାର୍ଜୀ ପାଇଁ କାମ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ତୃଣମୂଳ କଂଗ୍ରେସ ସରକାର ଦୁର୍ନୀତି କରୁଥିବା ଅଭିଯୋଗ କରି ପଶ୍ଚିମବଙ୍ଗ ବିଜେପି ପ୍ରତିବାଦ ପଦଯାତ୍ରା ଆରମ୍ଭ କରିଛି। ପଦଯାତ୍ରାରେ ଯୋଗ ଦେବା ପାଇଁ ପାନଗଡ଼ ଷ୍ଟେସନ୍‌ରେ ଟ୍ରେନ ଚଢ଼ିବା ପୂର୍ବରୁ ୪ଜଣ କର୍ମୀଙ୍କୁ ଗିରଫ କରାଯାଇଥିବା କଥା ଅନ୍ୟ ବିଜେପି କର୍ମୀ ଓ ସମର୍ଥକମାନେ କହିଛନ୍ତି। ପ୍ରତି ଷ୍ଟେସନ୍‌ରେ ପଶି ପୁଲିସ ବାଛି ବାଛି ବିଜେପି କର୍ମୀ ଓ ସମର୍ଥକମାନଙ୍କୁ ଗିରଫ କରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ବିଜେପି 'ନବାନ୍ନ ଅଭିଯାନ'ରେ ଯୋଗ ଦେବା ପାଇଁ ଅସଂଖ୍ୟ 'ବିଜେପି'କର୍ମୀ ଟ୍ରେନ୍ ଯୋଗେ କୋଲ୍‌କାତା ଅଭିମୁଖେ ଆସୁଥିବାରୁ ରାଜ୍ୟ ପୁଲିସ ରେଳ ଷ୍ଟେସନ୍ ?କୁ ପଡ଼ିଥିବା ରାସ୍ତାରେ ବାରିକେଡ୍ ବସାଇଛି। ଏହାରି ଭିତରେ ପୁଲିସ ଓ ବିଜେପି କର୍ମୀଙ୍କ ମଧରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଛି। ବିଜେପି କର୍ମୀଙ୍କୁ ଅଟକାଇବା ପାଇଁ ପୁଲିସ ଲୁହ ବୁହା ଗ୍ୟାସ୍ ଓ ପାଣି ମାଡ ମଧ କରିଛି। ସେହିପରି, 'ନବାନ୍ନ ଅଭିଯାନ'ରେ ଯୋଗ ଦେବାକୁ କୋଲକାତା ଯିବା ପାଇଁ ବାହାରିଥିବା 'ବିଜେପି' କର୍ମୀଙ୍କର ରାଣୀଗଞ୍ଜ ▶▶ପୃଷ୍ଠା ୭

# ପୁଣିଥରେ ମୁନ୍ ମିଶନ୍ ପାଇଁ ପ୍ରସ୍ତୁତ ନାସା

ନୂଆଦିଲ୍ଲୀ, ୧୩/୦୯ : ଆର୍ଟେମିସ୍ ୧ ର ଉନ୍ମୋଚନ ମିଶନ ଆରମ୍ଭ କରିବାକୁ ନାସା ଦୁଇଟି ଅସଫଳ ପ୍ରୟାସ କରିଛି । ତେବେ ଏଥର ନାସା ମଧ ଅକ୍ଟୋବର ୨ ତାରିଖକୁ ବ୍ୟାକଅପ୍ ଭାବେ ସ୍ଥିର କରାଯାଇଥିଲେ ବି ଏହାର ଉତକ୍ଷେପଣ ଭାରତୀୟ ସମୟ ଅନୁସାରେ ସେପ୍ଟେମ୍ବର ୨୭ ତାରିଖ ରାତି ୯ଟା ୭ ମିନିଟରେ କରାଯିବ ବୋଲି ଧାର୍ଯ୍ୟ ହୋଇଛି । ଆମେରିକାର ମହାକାଶ ଏଜେନ୍ସି 'ନାସା' ପୁଣି ଥରେ ଏହାର ବହୁ ପ୍ରତୀକ୍ଷିତ 'ଚନ୍ଦ୍ର ମିଶନ'ର ଏକ ଅଂଶ ଭାବରେ 'ଆର୍ଟେମିସ୍-୧' ମିଶନ ଆରମ୍ଭ କରିବାକୁ ଚେଷ୍ଟା କରିବାକୁ ଯାଉଛି । ସେପ୍ଟେମ୍ବର ୨୭ ରେ ନାସା ଏହାକୁ ଉନ୍ମୋଚନ କରିବ । ଏହା ପୂର୍ବରୁ ନାସା ଆର୍ଟେମିସ୍- ୧ ର ଉନ୍ମୋଚନ ମିଶନ ଆରମ୍ଭ କରିବାରେ ବିଫଳ ହେବା ଏହା ତୃତୀୟ ପ୍ରୟାସ । ଏଥର ନାସା ଅକ୍ଟୋବର ୨ ତାରିଖକୁ ବ୍ୟାକଅପ୍ ଭାବେ ସ୍ଥିର କରିଛି। ଏହା ପୂର୍ବରୁ ନାସା ଆର୍ଟେମିସ୍ ୧ ମିଶନକୁ ଦୁଇଥର ଲଞ୍ଚ କରିବାକୁ ଚେଷ୍ଟା କରିଛି । କିନ୍ତୁ ଉଭୟ ଥର ଏହା ବିଫଳ ହେଲା । ହାଇଡ୍ରୋଜେନ୍ ଲିକେଜ୍ ହେତୁ ଦ୍ୱିତୀୟ ଉତକ୍ଷେପଣ ବାତିଲ୍ କରିବାକୁ ପଡିଲା ।

# ପଞ୍ଜାବରେ ଅପରେସନ୍ ଲୋଟସ୍ ! ଆପ୍‌ର ୧୦ ବିଧାୟକଙ୍କୁ ୨୫ କୋଟି ଲେଖାଏଁ ଅଫର



ଚଣ୍ଡିଗଡ଼, ୧୩/୦୯ (ନି.ପ୍ର): ଦିଲ୍ଲୀରେ ବିଫଳ ହେବା ପରେ ପଞ୍ଜାବରେ 'ଅପରେସନ୍ ଲୋଟସ୍' ଆରମ୍ଭ କରିଛି ବିଜେପି। ମଙ୍ଗଳବାର ଏଭଳି ଅଭିଯୋଗ କରିଛି ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ପଞ୍ଜାବ ଅର୍ଥ ମନ୍ତ୍ରୀ ହରପାଲ ଚୀମା କହିଛନ୍ତି, ଆମ ଦଳର ବିଧାୟକ ମାନଙ୍କୁ ଦିଲ୍ଲୀ ଡକରା ହେଉଛି। ସେଠାରେ ବିଜେପିର ବଡ଼ ନେତାଙ୍କ ସହିତ ସାକ୍ଷାତ କରାଇବା ସହିତ ଦଳ ବଦଳାଇବା ପାଇଁ କୋଟି କୋଟି ଟଙ୍କାର ଅଫର ଦିଆଯାଉଛି। ୧୦ ଜଣ ବିଧାୟକଙ୍କ ପାଖକୁ ଦିଲ୍ଲୀରୁ ଏମିତି ଫୋନ୍ ଆସିଥିବା ଦର୍ଶାଇ ଶ୍ରୀ ଚୀମା ଏହି କଥା କହିଛନ୍ତି। ସେ କହିଛନ୍ତି, ଏହି ବିଧାୟକମାନଙ୍କୁ ଦଳ ବଦଳାଇଲେ ୨୫ କୋଟି ଲେଖାଏଁ ଦିଆଯିବ ବୋଲି କୁହାଯାଇଛି। ଏହା ସହିତ ସରକାର ବଦଳିଗଲେ ସେମାନଙ୍କୁ ବଡ଼ ପଦପଦବୀ ଦିଆଯିବାକୁ କୁହାଯାଇଛି। ଶ୍ରୀ ଚୀମା କହିଛନ୍ତି, ଗଲା ଗୋଟିଏ ସପ୍ତାହ ହେଲା ସେମାନେ ଆମ ବିଧାୟକମାନଙ୍କୁ କିଣିବାକୁ ପ୍ରୟାସ କରୁଛନ୍ତି। ସେମାନେ୧୦ ଜଣ ବିଧାୟକଙ୍କ ସହିତ ପ୍ରତ୍ୟକ୍ଷ ବା ପରୋକ୍ଷରେ ଯୋଗାଯୋଗ କରିଛନ୍ତି। ଏନେଇ ଆମ ପାଖରେ ପ୍ରମାଣ ରହିଛି ଓ ଏହାକୁ ଠିକ୍ ସମୟରେ ଉପସ୍ଥାପନ କରାଯିବ। ଆଇନର ସାହାଯ୍ୟ ନେଇ ଏ ଦିଗରେ କ'ଣ କରିହେବ ଏବେ ଆପ୍ ତା'ଉପରେ କାର୍ଯ୍ୟ କରୁଛି। ସେ ଆହୁରି କହିଛନ୍ତି, ଅପରେସନ୍ ଲୋଟସ କର୍ଣ୍ଣାଟକା ବା ମହାରାଷ୍ଟ୍ରରେ ସଫଳ ହୋଇପାରେ, କିନ୍ତୁ ଦିଲ୍ଲୀରେ ହେଲା ନାହିଁ। ସେଠାରେ ଆମ ବିଧାୟକମାନେ ଦୃଢ଼ ରହିଲେ ଓ ବିଜେପି କଥାରେ ଭାସିଗଲେ ନାହିଁ। ଅନ୍ୟପକ୍ଷରେ ବିଜେପି ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି । ବିଜେପି କହିଛି, ଏହି ଅଭିଯୋଗ ଭିତ୍ତିହୀନ। ଆପ୍‌ରେ ଏବେ ଫାଟ ଦେଖା ଦେଇଛି।

# ବଢ଼ାଇ ହେବନି ଆୟୁଷ ଡାକ୍ତରଙ୍କ ଅବସର ବୟସସୀମା

ଭୁବନେଶ୍ୱର,୧୩/୦୯ (ନି.ପ୍ର): ରାଜ୍ୟରେ ଆୟୁଷ ଓ ହୋମିଓପ୍ୟାଥି ଡାକ୍ତରଙ୍କ ଅବସର ବୟସ ୬୦ବର୍ଷ ରହିବ । ଏହାକୁ ବୃଦ୍ଧି କରାଯିବାକୁ ରାଜ୍ୟ ସରକାରଙ୍କ କୌଣସି ଯୋଜନା ନାହିଁ କିମ୍ବା ଏଥିପାଇଁ କର୍ମଚାରୀମାନେ ବାଧ କି ଦାବି କରିପାରିବେ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ରୋକଠୋକ୍ ଭାବେ ଶୁଣାଇ ଦେଇଛି । ଆଲୋପ୍ୟାଥିକ ଡାକ୍ତରଙ୍କ ଅବସର ବୟସ ୬୫ବର୍ଷକୁ ବୃଦ୍ଧି ପାଇଥିବାବେଳେ ଅନୁରୂପ ଭାବେ ଅବସର ବୟସ ବଢ଼ାଇବା ନିମନ୍ତେ ୬ଜଣ ହୋମିଓପ୍ୟାଥି ମେଡିକାଲ ଅଫିସରଙ୍କ ଦାବିପତ୍ର ଉପରେ ବିଚାର କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଗତକାଲି ଏହା କହିଛି । ହୋମିଓପ୍ୟାଥି ମେଡିକାଲ ଅଫିସର ଡାକ୍ତର ସନ୍ତୋଷ କୁମାର ମହାପାତ୍ର, ଡାକ୍ତର ପ୍ରଭାତ ରଥ, ଡାକ୍ତର ରଞ୍ଜନ ସାମନ୍ତ, ଡାକ୍ତର ନାରାୟଣ ପ୍ରଧାନ, ଡାକ୍ତର ଅନୁସୟା ରାଉତ ଓ ଡାକ୍ତର ▶▶ପୃଷ୍ଠା ୭

# ବସ୍ତା ବିଧାୟକଙ୍କୁ ହତ୍ୟା ଧମକ !



ବସ୍ତା,୧୩।୯(ନିପ୍ର) : ଆଶ୍ଚର୍ଯ୍ୟ ଜନକ ଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଙ୍କୁ କେହି ଦୁର୍ବୃତ୍ତ ହତ୍ୟା ଧମକ ଦେବା ନେଇ ଆଲୋଡନ ସୃଷ୍ଟି ହୋଇଛି। ସୁପାରୀ କିଲର ସମେତ ୩ଜଣ କାରରେ ଆସି ତାଙ୍କୁ ହତ୍ୟା କରିବେ ବୋଲି ଫୋନ(ଫୋନ ନଂ ୮୦୯୩୮୯୯୦୮୮)ରେ ଧମକ ଦେବା ସହ ଟଙ୍କା ଦେବାକୁ କହିଥିଲେ। ଏ ସଂକ୍ରାନ୍ତରେ ବିଧାୟକ ଏସପି ସୁଧାଂଶୁ ମିଶ୍ରଙ୍କୁ ସୂଚନା ଦେଇଥିଲେ। ଏସପି ତୁରନ୍ତ ଏ ବାବଦରେ ତଦନ୍ତ କରି ଯାଜପୁରରେ ସେହି ଦୁର୍ବୃତ୍ତଙ୍କୁ ଧରି ପଚରାଉଚରା ଚଳାଇଛନ୍ତି। ଅନୁରୂପ ଭାବେ ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କୁ ମଧ ଧମକ ମିଳିଥିବା ସୂଚନା ମିଳିଛି। ତେବେ ଜଣଙ୍କୁ ଏସପି ରଖି ତଦନ୍ତ ଚଳାଇଛନ୍ତି ।

# ଚୀନକୁ ଚକମା ଦେଲା ଭାରତୀୟ ସେନା

ନୂଆଦିଲ୍ଲୀ, ୧୩/୦୯ : ଏଲଏସିରେ ଚୀନକୁ ଜବାବ ଦେବାକୁ ପ୍ରସ୍ତୁତ ହେଉଛି ଭାରତୀୟ ସେନା । ଗୋଟିଏ ପରେ ପଟେ ଗୋଟିଏ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବେ ଚୀନ ସୀମାରେ ମୁତୟନ ହେବାରେ ଲାଗିଛି । ଆଉ ଏହାରି ଭିତରେ ଗୋଟିଏ ଭିଡିଓ ଏବେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଚୀନ୍ ସୀମାରେ ଭାରତୀୟ ସେନା ପୁଣି ଥରେ ତାର ଜଲୱା ଦେଖାଇଛି । ମାତ୍ର କେଇ ସେକେଣ୍ଡ ଭିତରେ ସିନ୍ଧୁ ନଦୀରେ ତିଆରି ହେଇଛି ଏମିତି ଅତ୍ୟାଧୁନିକ ପୋଲ । ଯାହା ଉପରେ ଖାଲି ଯବାନ ନୁହେଁ ସେନାର ଭାରି ଯାନ ବି ଯା ଆସ କରିପାରୁଛି । ତେବେ ଭାରତୀୟ ସେନାର କୋର୍ ଅଫ୍ ଇଞ୍ଜିନିୟର୍ସ ଲଦାଖ ▶▶ପୃଷ୍ଠା ୭

# ନକଲି ଔଷଧ କାରବାର ମାମଲା : ଜେଲ୍ ଗଲେ ୨ ଡିଲର୍



ଭୁବନେଶ୍ୱର,୧୩/୦୯ (ନି.ପ୍ର): କଟକରେ ନକଲି ଔଷଧ କାରବାର ମାମଲାରେ ଗିରଫ ଦୁଇ ଅଭିଯୁକ୍ତ ଜେଲ୍ ଯାଇଛନ୍ତି। ମଙ୍ଗଳବାର ଦିନ ଦୁଇ ଅଭିଯୁକ୍ତ ଭିଆର ଡ୍ରଗ୍ସର ମାଲିକ ରାହୁଲ କ୍ୟାଲ ଓ ପୂଜା ଏଂଟରପ୍ରାଇଜେସ୍ ମାଲିକ ସଞ୍ଜୟ ଜଲାନଙ୍କୁ କଟକ ଏସଡିଜେଏମ କୋର୍ଟରେ ହାଜର କରାଇଥିଲା କଟକ ପୁରୀଘାଟ ଥାନା ପୋଲିସ୍। ଉଭୟ ଜାମିନ ପାଇଁ ଆବେଦନ କରିଥିବା ବେଳେ କୋର୍ଟ ଏହାକୁ ଖାରଜ କରିଛନ୍ତି। ଏହାପରେ ଉଭୟଙ୍କୁ ୧୪ ଦିନ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦିଆଯାଇଛି। ଜାମିନ ଆବେଦନ ଖାରଜ ପରେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ରାହୁଲ କ୍ୟାଲ ଓ ସଞ୍ଜୟ ଜଲାନଙ୍କ ଓକିଲ ପାର୍ଥ ସାରଥି ନାୟକ। ସୂଚନାଯୋଗ୍ୟ ଯେ ଡ୍ରଗ୍ସ କଂଟ୍ରୋଲରର ▶▶ପୃଷ୍ଠା ୭

# ମୁମ୍ବାଇରେ ୧୫ଟି କମ୍ପାନୀର ପ୍ରତିନିଧିଙ୍କ ସହ ଆଲୋଚନା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୩/୦୯ (ନି.ପ୍ର): ଆଗାମୀ ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ଯାଏଁ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ମେକ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍ ପାଇଁ ବୃହତ୍ କମ୍ପାନୀଗୁଡ଼ିକୁ ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ଆକର୍ଷିତ କରିବା ଉଦ୍ଦେଶ୍ୟରେ ମୁମ୍ବାଇଠାରେ ଏକ ଓଡ଼ିଶା ଇନ୍ ଭେଷ୍ଟର୍ସ ମିଟ୍ ରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାର ଅବ୍ୟବହିତ ପୂର୍ବରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ୧୫ଟି କମ୍ପାନୀର ମୁଖ୍ୟମାନଙ୍କ ସହ ବ୍ୟକ୍ତିଗତ ଭାବେ ବୈଠକ କରି ଓଡ଼ିଶାର ଶିଳ୍ପ ଆଭିମୁଖ୍ୟ ଉପରେ ଆଲୋଚନା କରିଛନ୍ତି । କ୍ରିସିଲ୍ ଲିଃ, ନାଲ୍‌କୋ ଓ ସହଯୋଗୀ କମ୍ପାନୀ, ଥାଇସେନ୍‌କ୍ରୁପ୍ ଇଣ୍ଡିଆ ଲିଃ, ଆଇଏମ୍‌ପି ପାୱାର ଲିଃ, ରୋଚେନ୍ ସେପାରେସନ୍ ସିଷ୍ଟମ୍(ଇଣ୍ଡିଆ) ପ୍ରା.ଲିଃ ପ୍ରମୁଖ କମ୍ପାନୀଗୁଡ଼ିକର ପ୍ରତିନିଧିମାନଙ୍କ ସହ ମୁଖ୍ୟ ଶାସନ ସଚିବ ପୃଥକ ପୃଥକ ଭାବେ ଆଲୋଚନା କରିଥିଲେ । ଶ୍ରୀ ମହାପାତ୍ର ଓଡ଼ିଶା ସରକାର ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ନିମନ୍ତେ ଦେଉଥିବା ବିଭିନ୍ନ ସୁବିଧାସୁଯୋଗ ଏବଂ ଭିତିଭୂମି ବିକାଶ ବାବଦରେ ସେମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଜମିଯୋଗାଣ, ଉନ୍ନତ ମାନର ବିଦ୍ୟୁତ, ଶିଳ୍ପପୁଞ୍ଜ ଏବଂ ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସ୍ ଭଳି ବ୍ୟବସ୍ଥା ଉପଲବ୍ଧ ହେଉଥିବା ବିଷୟ ଉପସ୍ଥାପନ କରିଥିଲେ । ଏହି ଆଲୋଚନାରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ୧୪ ଜିଲ୍ଲାରେ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୩/୦୯ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହେବାପରେ ଦୁର୍ବଳ ହୋଇଯାଇଛି। ଆଜିଠୁ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇବ। ତେବେ ମୌସୁମୀ ସକ୍ରିୟ ରହିଥିବା ଯୋଗୁ ରାଜ୍ୟରେ ଦୁଇ ଦିନ ଯାଏଁ କିଛି ଜିଲ୍ଲାରେ ବର୍ଷା ହୋଇପାରେ। ଅନ୍ୟପକ୍ଷରେ ଆସନ୍ତା ୧୮ତାରିଖ ବେଳକୁ ଉତର ବଙ୍ଗୋପସାଗର ଅଂଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ,କେନ୍ଦ୍ରପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ ଓ ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୪ ରୁ ୧୫ ତାରିଖ ମଧ୍ୟରେ ମୟୂରଭଂଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ , କନ୍ଧମାଳ, ନୟାଗଡ, କଟକ ଓ ଗଂଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ▶▶ପୃଷ୍ଠା ୭

# ଜାମିନ ପରେ ଜେଲରେ ରହିବେ ସିଦ୍ଦିକୀ କପ୍ପନ



ନୂଆଦିଲ୍ଲୀ, ୧୩/୦୯ : ସୁପ୍ରିମକୋର୍ଟ କେରଳର ସାମ୍ବାଦିକ ସିଦ୍ଦିକୀ କପ୍ପନଙ୍କୁ ଜାମିନ ପ୍ରଦାନ କରିଛନ୍ତି । ପାଖାପାଖି ୨୩ ମାସ ପରେ କୋର୍ଟ ତାଙ୍କ ଜାମିନ ଆବେଦନକୁ ଗ୍ରହଣ କରିଥିଲେ । ତେବେ ଜାମିନ ପରେ ମଧ ସେ ଜେଲରେ ରହିବେ । ତାଙ୍କ ବିରୋଧରେ ଇଡି ଯାଞ୍ଚ କରୁଛି । ତେଣୁ ବର୍ତ୍ତମାନ ତାଙ୍କୁ ଜାମିନ ପରେ ମଧ ଜେଲରେ ରହିବାକୁ ପଡିବ । ସୁପ୍ରିମକୋର୍ଟରୁ ଜାମିନ ମିଳିବା ପରେ ଉତ୍ତର ପ୍ରଦେଶର ଏକ ସ୍ଥାନୀୟ ଅଦାଲତ ହାଥରସ ଘଟଣାର ପ୍ରସାରଣ ପାଇଁ ଯାଉଥିବା ବେଳେ ୨୦୨୦ ଅକ୍ଟୋବର ମାସରେ ଗିରଫ କେରଳର ସାମ୍ବାଦିକ ସିଦ୍ଦିକୀ କପ୍ପନଙ୍କୁ ଜେଲରୁ ମୁକ୍ତ ପାଇଁ ଆଦେଶ ଦେଇଥିଲେ । ସୋମବାର ଏନେଇ ରାୟ ଦେଇଥିଲେ କୋର୍ଟ । କପ୍ପନଙ୍କୁ ବେଆଇନ ଗତିବିଧି ନିରୋଧକ ଅଧିନିୟମ, ଆଇଟି ଅଧିନିୟମ ତଥା ଭାରତୀୟ ଦଣ୍ଡବିଧିର ବିଭିନ୍ନ ଧାରାରେ ଗିରଫ କରାଯାଇଥିଲା । ଜଷ୍ଟିସ ଅନୁରୋଧ ମିଶ୍ରା କପ୍ପନଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁର ଜାମିନ ପତ୍ର ତଥା ବ୍ୟକ୍ତିଗତ ମୁଚାଲିକାରେ ଜାମିନ ପ୍ରଦାନ କରିଛନ୍ତି । ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଧାରିତ ସର୍ତ୍ତ ଉଲ୍ଲଙ୍ଘନ ନକରିବାକୁ କୁହାଯାଇଛି । ୨୦୨୦ ମସିହା ଅକ୍ଟୋବର ୫ ତାରିଖରେ କେରଳର ସାମ୍ବାଦିକ ସିଦ୍ଦିକୀ କପ୍ପନ ତଥା ଅନ୍ୟ ତିନି ଜଣଙ୍କୁ ଉତ୍ତର ପ୍ରଦେଶ ପୋଲିସ ଗିରଫ କରିଥିଲା । ଏମାନଙ୍କୁ ଅପରାଧ କରିବା ପାଇଁ ଯୋଜନା ରଖିଥିବା ସନ୍ଦେହରେ ତାଙ୍କୁ ଗିରଫ କରାଯାଇଛି । ପୋଲିସ ସେମାନଙ୍କର ପପୁଲାର ଫ୍ରଣ୍ଟ ଅଫ ଇଣ୍ଡିଆ ସହ ସମ୍ବନ୍ଧ ରଖିଥିବାର ଅଭିଯୋଗ ଲଗାଇଥିଲା । କପ୍ପନଙ୍କ ସହ ଅଥିକୁର ରହମାନ, ଆଲମ ଏବଂ ମସୁଦକୁ ଭାରତୀୟ ଦଣ୍ଡ ସଂହିତା ଆଧାରରେ ଗିରଫ କରାଯାଇଥିଲା ।

# ଅନିଶ୍ଚିତତାରେ ଓଡ଼ିଶାରେ କୁକୁଡ଼ା ଚାଷୀ



କଟକ ,୧୩/୦୯ (ନି.ପ୍ର): ଓଡ଼ିଶାରେ ବେକାର ଯୁବକମାନଙ୍କୁ ନିଯୁକ୍ତି ଦେଇ କୁକୁଡ଼ା ଚାଷର ଉନ୍ନତି ପାଇଁ ବିଭିନ୍ନ କମ୍ପାନିମାନେ କିଛିବର୍ଷ ଧରି ଉଦ୍ୟମ କରି ଆସୁଛନ୍ତି । ଏହି ଇଣ୍ଟିଗ୍ରେଟେଡ କୁକୁଡା ଚାଷ ପ୍ରଣାଳୀରେ ଓଡ଼ିଶା ଆଜି ସ୍ୱାବଲମ୍ବୀ ହେବାସହିତ ଆଉ ଅନ୍ୟ ରାଜ୍ୟରୁ କୁକୁଡ଼ା ଓ ଅଣ୍ଡା ଇତ୍ୟାଦି ଆମଦାନୀ ନ କରି ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଏବଂ ଅନ୍ୟାନ୍ୟ ରାଜ୍ୟକୁ ମଧ ଯୋଗାଇବାକୁ ସକ୍ଷମ ହୋଇପାରିଛି । ଏହି ଇଣ୍ଟିଗ୍ରେଟେଡ୍ ଚାଷ ମାଧମରେ ଚାଷୀମାନଙ୍କୁ କୁକୁଡା ଛୁଆ, ଦାନା, ମେଡିସିନ୍ ଆଧୁନିକ ପ୍ରଣାଳୀରେ ଚାଷ, ଡାକ୍ତରୀ ପରାମର୍ଶ ଇତ୍ୟାଦି ଯୋଗାଇ ଦେବାସହିତ ସୁଲଭ ମୂଲ୍ୟରେ ଉତ୍ପାଦିତ କୁକୁଡା କିଣିନେଇ ଚାଷୀମାନଙ୍କୁ ଆର୍ଥିକ ସାହାଯ୍ୟ ମଧ କରିଆସୁଛନ୍ତି । ଏହାଫଳରେ, ରାଜ୍ୟରେ ଲକ୍ଷାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ମାତ୍ର, ଇଣ୍ଟିଗ୍ରେଟେଡ୍ ଚାଷ ସୁବିଧାରୁ ବଞ୍ଚିତ ହୋଇଥିବା କିଛି ଅସାଧୁ ବ୍ୟକ୍ତି ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ମିଥ୍ୟା ସମ୍ବାଦ ପ୍ରସାରିତ କରୁଛନ୍ତି । କମ୍ପାନି ମାନଙ୍କର ପ୍ରତିନିଧି ମାନଙ୍କୁ ଧମକାଇବା, ବାଡେଇବା ସହ ବିଭିନ୍ନ ଫାର୍ମକୁ କୁକୁଡା ଓ ଦାନା ଗାଡିକୁ ନ ଛାଡିବା ସହ ବିରୋଧ କରୁଛନ୍ତି । ଏଥିପାଇଁ ବିଭିନ୍ନ ସ୍ଥାନରେ ଜନଅସନ୍ତୋଷ ମଧ ବୃଦ୍ଧି ପାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସରକାରଙ୍କ ଦ୍ୱାରା ପଞ୍ଜିକୃତ କୌଣସି କୁକୁଡା ଚାଷ ସଂଘ ନାହିଁ । କିଛି ଅସାମାଜିକ ବ୍ୟକ୍ତି ଆତ୍ମଘୋଷିତ ସଭାପତି ଓ ସମ୍ପାଦକ ଭାବେ ପ୍ରକୃତ ଚାଷୀମାନଙ୍କୁ ବିଭ୍ରାନ୍ତ କରୁଛନ୍ତି । କୌଣସି ଯୁବକମାନଙ୍କୁ ଜୋରଜବରଦସ୍ତି ଭାବେ ଇଣ୍ଟିଗ୍ରେଟେଡ୍ କୁକୁଡା ଚାଷ କରିବା ପାଇଁ କୌଣସି କମ୍ପାନି ପକ୍ଷରୁ ବାଧ କରାଯାଏନାହିଁ । ସ୍ୱଇଛାରେ ବେକାର ଯୁବକମାନେ ଏହି ମାଧମରେ କୁକୁଡା ଚାଷ କରି ଲାଭ କରିବା ସହ ସ୍ୱାବଲମ୍ବୀ ହୋଇ ନିଜର ପରିବାର ପୋଷଣ ମଧ କରୁଛନ୍ତି । ଭଦ୍ରକ, ଢେଙ୍କାନାଳ ଇତ୍ୟାଦି ସ୍ଥାନରେ ଏହି ଅସାମାଜିକ ଯୁବକମାନଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ ମଧ କରାଯାଇଛି । ପ୍ରଶାସନ ଏବଂ ପୁଲିସ ମଧ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ସରକାର ପଦକ୍ଷେପ ନେଇ ଏହି ଅସାମାଜିକ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବା ପାଇଁ କମ୍ପାନିମାନଙ୍କ ପକ୍ଷରୁ ନିବେଦନ କରାଯାଇଛି । ଶୀଘ୍ର ପଦକ୍ଷେପ ନ ନେଲେ ଓଡ଼ିଶାର କୁକୁଡା ଚାଷ ଗଭୀରଭାବେ କ୍ଷତିଗ୍ରସ୍ତ ହେବ ଏବଂ ବର୍ତ୍ତମାନର ପ୍ରକୃତ ଚାଷୀମାନଙ୍କ ସହିତ ଖାଉଟିମାନେ ମଧ ବହୁ ଅସୁବିଧାର ସମ୍ମୁଖୀନ ହେବେ । ଏଥିସହିତ, କୁକୁଡାର ମୂଲ୍ୟ ମଧ ବୃଦ୍ଧି ପାଇବ ବୋଲି କମ୍ପାନିମାନେ ପ୍ରକାଶ କରିଛନ୍ତି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର,୧୩/୦୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ବୀରମହାରାଜପୁର ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୪୩ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୫ ଗୋଟି, ସାମୁହିକ ଦରଖାସ୍ତ ୮ଗୋଟି ରହିଥିବା ବେଳେ ତନ୍ମଧରେ ଗୋଟିଏ ଦରଖାସ୍ତ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସାହାଯ୍ୟ ନିମନ୍ତେ ଗ୍ରହଣ କରାଯାଇଛି । ଗ୍ରହଣ କରାଯାଇଥିବା ଦରଖାସ୍ତ ମଧରୁ ଶିବିରରେ ବିଭିନ୍ନ ମାମଲାର ୨୨ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୧୩ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଧିଷ୍ଟ ସମୟ ମଧରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି । ଅଦ୍ୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଗତ ଏକ ମାସ ମଧରେ ବୀରମହାରାଜପୁର ବ୍ଲକର ବିଭିନ୍ନ ସମସ୍ୟା ଉପରେ ପ୍ରକାଶିତ ଖବର ଉପରେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି, ବିଭାଗୀୟ ଅଧିକାରୀ ମାନେ ଅଂଚଳର ଜନ ଜୀବନକୁ ପ୍ରଭାବିତ କରୁଥିବା ଭଳି ବିଭାଗୀୟ ଖବର ଗୁଡିକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀର ମହାରାଜପୁର ମୋତିଲାଲ ସୁଲିଆଙ୍କ ତତ୍ତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହର, ଉପ ଜିଲ୍ଲାପାଳ, ବୀରମହାରାଜପୁର ଅଶୋକ ଭୋଇ, ବ୍ଲକ ଅଧକ୍ଷା, ବୀରମହାରାଜପୁର ଶାନ୍ତି ଲୁହା, ବ୍ଲକ ଉପାଧକ୍ଷ ଶ୍ରୀ ନାରାୟଣ ଲୁହା, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ,୧୩/୦୯ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ସୋମବାର ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଉପଜିଲ୍ଲାପାଳ ଶ୍ରୀ ଭବତାରଣ ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣୀରେ ଏସପି ଡ. କନୱର ବିଶାଲ ସିଂ, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାୟକ, ଜିଲ୍ଲା ପରିଷଦର ଅତିରିକ୍ତ ସିଡିଓ ତଥା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରେଖା ଦାସ, ସହକାରୀ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପର୍ଶୁରାମ ମଲ୍ଲିକ, ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ, ବିଡ଼ିଓ ତୁଷାର ଜ୍ୟୋତି ରଞ୍ଜନ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ମୋଟ ୬୧ ଗୋଟି ଅଭିଯୋଗ ପତ୍ର ମିଳିଥିବା ବେଳେ ତତକ୍ଷଣାତ ଗୋଟିଏ ଅଭିଯୋଗ ର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ପତ୍ର ଗୁଡିକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଦାନ ସହ ଆଇନ ଅନୁଯାୟୀ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ପୂର୍ବତନ ସରପଞ୍ଚ ସତ୍ୟଭାମାଙ୍କ ପରଲୋକ

ବାସୁଦେବପୁର,୧୩/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଂଚାୟତ ର ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟା ସତ୍ୟଭାମା ବେହେରା ଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା । ଭୁବନେଶ୍ୱର ଏମ୍ସ ମେଡ଼ିକାଲ ରେ ସେ ୪ ମାସ ଧରି ଚିକିତ୍ସିତ ହେଉଥିଲେ । ତାଙ୍କୁ ଅଲସର ରୋଗ ହୋଇଥିଲା । ପୁରୀ ସ୍ୱର୍ଗଦ୍ୱାର ରେ ତାଙ୍କର ଶବ ସତ୍କାର କରାଯାଇଛି । ସତ୍ୟଭାମା ଙ୍କ ସ୍ୱାମୀ ସମାଜସେବୀ କମଳାକାନ୍ତ ବେହେରା, ପୁତ୍ର ସୁଜିତ ବେହେରା, କନ୍ୟା ସସ୍ମିତା ବେହେରା, ଗଜେନ୍ଦ୍ର ପାତ୍ର, ରତିକାନ୍ତ ପଣ୍ଡା, ରମାକାନ୍ତ ଦାସ ପ୍ରମୁଖ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ । ସତ୍ୟଭାମା ଜଣେ ପରୋପକାରୀ ଓ ମିଷ୍ଟଭାଷୀ ମହିଳା ଥିଲେ । ତାଙ୍କର ମୃତ୍ୟୁ ରେ ବାସୁଦେବପୁର ବ୍ଲକରେ ଶୋକର ଛାୟା ଖେଳି ଯାଇଛି । ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବରଣ୍ଡିଆ ସେବା ସମବାୟ ସମିତିର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ,କବି ଓ ଡାକ୍ତର ନରେନ୍ଦ୍ର ପ୍ରସାଦ ସାହୁ, ନରସିଂହପୁର ପଂଚାୟତ ର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଇଂ ଭାଗିରଥି ମହାପାତ୍ର, ବସନ୍ତ ପଣ୍ଡା, ରବୀନ୍ଦ୍ର ପଣ୍ଡା, ଆମ ଗାଁ ସାହିତ୍ୟ ପତ୍ରିକା ର ସମ୍ପାଦକ କବି ରତ୍ନାକର ପଣ୍ଡା, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି,ଶିକ୍ଷାବିତ ଶୈଳେନ୍ଦ୍ର ନାରାୟଣ ପାଢ଼ୀ,ଦିବାକର ନାୟକ,ଶଶଧର ପଣ୍ଡା, ଜ୍ଞାନେନ୍ଦ୍ର ପାଢ଼ୀ,ମୁନି ସମାଜର ପ୍ରଚାରକ ଅକ୍ଷୁ ପାତ୍ର ପ୍ରମୁଖ ଶ୍ରୀମତୀ ବେହେରା ଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

## ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ଘାଇ


ମୁଖୀଗୁଡା,୧୩/୦୯ (ନି.ପ୍ର): ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ଡୁଙ୍ଗୁରିପଡା ନିକଟରେ ଭୁଶୁଡ଼ିଯିବା ଯୋଗୁଁ ଡୁଙ୍ଗୁରିପଡାର ତିନୋଟି ଘରେ ପାଣି ପଶିବା ସହ ଚାଷୀଙ୍କ ଜମି ବାଲିଚର ହୋଇଥିବା ଜଣାପଡ଼ିଛି । ଗତ ରାତି ପ୍ରାୟ ୧୨ଟା ବେଳେ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ଜୟପାଟଣା ବ୍ଲକ ଅନ୍ତର୍ଗତ ସର୍ଗିଗୁଡା ପଂଚାୟତ ଅନ୍ତର୍ଗତ ଡୁଙ୍ଗରିପଡ଼ା ଆରଡ଼ି ୮୪୩୦ ମିଟର ନିକଟରେ ଭୁଶୁଡ଼ି ପଡିବା ଯୋଗୁଁ ପ୍ରାୟ ୧୦ ମିଟର ଘାଇ ସୃଷ୍ଟି ହୋଇଛି । ଗତକାଲି ମଙ୍ଗଳପୁର ହାତୀ ବ୍ୟାରେଜରୁ ଇନ୍ଦ୍ରାବତୀ ବାମ କେନାଲରେ ୫୯ କ୍ୟୁମେକ୍ସ ପାଣି ଛଡାଯାଇଥିଲା । ରାତି ପ୍ରାୟ୧୨ଟା ବେଳେ ଆରଡ଼ି ୮୪୩୦ ମିଟରରେ ଭୁଶୁଡ଼ି ୧୦ ମିଟର ଘାଇ ସୃଷ୍ଟି ହୋଇଥିଲା । ରାତି ୩ଟା ବେଳେ କେନାଲ କର୍ତ୍ତୃପକ୍ଷ ମଙ୍ଗଳପୁର ହାତୀ ବ୍ୟାରେଜ ଗେଟ ବନ୍ଦ କରି ଦେଇଥିଲେ । ଡୁଙ୍ଗୁରିପଡାର ମଧୁସୂଦନ ଠାକୁର, ସୋମନାଥ ଠାକୁର, ସୁଦର୍ଶନ ଠାକୁରଙ୍କ ଘରେ ପାଣି ପସିଯାଇଥିଲା । ସେହିପରି ୨ ଜଣ ଚାଷୀଙ୍କ ୩ ଏକର ଚାଷ ଜମି ଜଳମଗ୍ନ ହୋଇଛି । ଜମିରେ ପାଣି କମିବା ପରେ ପ୍ରକୃତ କ୍ଷୟକ୍ଷତି ଆକଳନ କରାଯାଇପାରିବ ବୋଲି ବଡକରଲାକୋଟ ଆରଆଇ ପ୍ରକାଶ କରିଛନ୍ତି । କେନାଲ ଭାଙ୍ଗିବା ସ୍ଥାନରେ ଦୀର୍ଘ ଦିନରୁ ପାଣି ଲିକ ହେଉଥିଲା ହେଲେ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ମଙ୍ଗଳପୁର ଏସଡିଓ ରଘୁନାଥ ମୁଣ୍ଡା ଏବଂ ଏସଇ ପହଂଚି ସ୍ଥିତି ଅନୁଧ୍ୟାନ କରିବା ସହ ଘାଇ ମରାମରି କାର୍ଯ୍ୟ ଆରମ୍ଭ କରାଯାଇଛି । ପ୍ରକାଶ ଥାଉକି, ଗତ ୩ ତାରିଖରେ ଇନ୍ଦ୍ରାବତୀ ବାମକେନାଲ ଧର୍ମଗଡ଼ ବଗାଡ଼ ନିକଟରେ ଭୁଶୁଡ଼ିଥିଲା ।

# ପାଇଖାନା ନିର୍ମାଣରେ ଦୁର୍ନୀତି : ୨୧ ଜଣଙ୍କ ନାଁରେ ମାମଲା ରୁଜୁ ନିର୍ଦ୍ଦେଶ



ଗୋପ ,୧୩/୦୯ (ନି.ପ୍ର): ପୁରୀ ଜିଲ୍ଲା ଗୋପ ବ୍ଲକ୍ ପାଇଖାନା ଦୁର୍ନୀତିକୁ ନେଇ ଆଜି ଲୋକାୟୁକ୍ତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ୨୧ ଜଣଙ୍କ ବିରୋଧରେ ତଦନ୍ତ କରି ଆସନ୍ତା ୩ ମାସ ମଧରେ ରିପୋର୍ଟ ପ୍ରଦାନ ପାଇଁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗୋପ ବ୍ଲକ୍‌ର ଅଣ୍ଡରା ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନା ଅଧୀନସ୍ଥ ପାଇଖାନା ଦୁର୍ନୀତିକୁ ନେଇ ଅଭିଯୋଗ ହୋଇଥିଲା । ସମୁଦାୟ ୭୫୦ ପାଇଖାନା ନିର୍ମାଣ ହୋଇଥିବା ଦର୍ଶାଯାଇ ଏହାର ବିଲ୍ କରାଯାଇଥିଲା । ମାତ୍ର, ଏଥିରେ ଦୁର୍ନୀତି ହୋଇଥିବା ନେଇ ଗୋପ ବ୍ଲକ୍ ଦୁର୍ନୀତି ନିବାରଣ ମଞ୍ଚର ଆବାହକ ଗଙ୍ଗାଧର ପାଇକରାୟ ସ୍ଥାନୀୟ ବିଡିଓ ଓ ପୁରୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ । ଏହାଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ସେ ଲୋକାୟୁକ୍ତ ଓ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ଇନ୍ସପେକ୍ଟର ମମିତା ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ପଞ୍ଚାୟତର ଘରେ ଘରେ ବୁଲି ତଦନ୍ତ କରିଥିଲେ ଏବଂ ଏ ସଂକ୍ରାନ୍ତୀୟ ପ୍ରାଥମିକ ରିପୋର୍ଟ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରିଥିଲେ । ଏହି ରିପୋର୍ଟରୁ ଜଣାପଡ଼ିଥିଲା ଯେ ୧୧୯ଟି ପାଇଖାନା ନିର୍ମାଣ ନକରି ବିଲ୍ କରାଯାଇଛି । ୩୪ଟି ପାଇଖାନା ନିର୍ମାଣ ଅଧା ରହିଥିବାବେଳେ ସମ୍ପୂର୍ଣ୍ଣ ବିଲ୍ କରାଯାଇଛି । ବିଲ୍ ବାବଦ ଅର୍ଥକୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସମ୍ପୃକ୍ତ ବ୍ୟକ୍ତିବିଶେଷ ଆତ୍ମସାତ୍ କରିଛନ୍ତି । ସମୁଦାୟ ୧୬ଲକ୍ଷ ୩୨ ହଜାର ଟଙ୍କାର ଦୁର୍ନୀତି କରାଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା । ଏହି ରିପୋର୍ଟ ଆଧାରରେ ଲୋକାୟୁକ୍ତ ସମସ୍ତ ୨୧ଜଣ ଅଭିଯୁକ୍ତ କନିଷ୍ଠ ଯନ୍ତ୍ରୀ, ଗୋପ ବ୍ଲକ୍ ସତ୍ୟ ନାରାୟଣ ତ୍ରିପାଠୀ, ଗ୍ରାମ୍ୟ ପାନୀୟ ଜଳ ବିଭାଗ,ଭୁବନେଶ୍ୱର କନିଷ୍ଠ ଯନ୍ତ୍ରୀ ଗୀତାଞ୍ଜଳି ସାହୁ(ନିଲମ୍ବିତ), ଅଣ୍ଡରା ଇଚ୍ଛାପୁର ପଞ୍ଚାୟତର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ କାଳୁଚରଣ ନାୟକ, କୋଣାର୍କସ୍ଥିତ ଅର୍କକ୍ଷେତ୍ର ବହୁମୁଖୀ ସମବାୟ ସମିତି ( ଏନ୍‌ଜିଓ)ର ସମ୍ପାଦିକା ମୀନର୍ଭା ରାଉତ, ସଭାନେତ୍ରୀ ମଞ୍ଜୁଲତା ବେହେରା. ମା' ବନଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସୁଚିତ୍ରା ଦେଇ, ସମ୍ପାଦିକା ରିଲି ଭୋଇ, ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ, ଦିହୁଡାର ସଭାନେତ୍ରୀ ଜ୍ୟୋସ୍ନାରାଣୀ ସ୍ୱାଇଁ, ସମ୍ପାଦିକା ନିରୁପମା ସ୍ୱାଇଁ, ଆରଡବ୍ଲ୍ୟୁଏସ୍ଏସ୍ , ନିମାପଡ଼ାର ପୂର୍ବତନ ଡାଟା ଏଣ୍ଟ୍ରି ଅପରେଟର ଚିନ୍ମୟ ବେହେରା, ରଶ୍ମିରଞ୍ଜନ ପ୍ରଧାନ, ହିତାଧିକାରୀ ଧ୍ରୁବଚରଣ ସ୍ୱାଇଁ, ପ୍ରଶାନ୍ତ ଜେନା, କୃଷ୍ଣଚନ୍ଦ୍ର ପ୍ରଧାନ, ଆଶିଷ କୁମାର ଜେନା, ଧ୍ରୁବଚରଣ ସାହୁ, ଆର୍ତ୍ତତ୍ରାଣ ପରିଡ଼ା, ରବିନାରାୟଣ ପରିଡ଼ା, ନିରୁପମା ମହାରଣା, ଉର୍ମିଳା ଓଝା, କାଳୁ ବେହେରାଙ୍କୁ ମାମଲା ସମ୍ପର୍କରେ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର, ସେମାନଙ୍କ ମଧରୁ କେତେଜଣ ଆଦୌ ଲୋକାୟୁକ୍ତଙ୍କ ନିକଟରେ ହାଜର ହୋଇନଥିଲେ । ଅନ୍ୟ କେତେଜଣ ସେମାନଙ୍କ ନାମରେ ଆସିଥିବା ଅଭିଯୋଗ ନେଇ କୌଣସି ପକ୍ଷ ରଖି ନ ଥିବାବେଳେ କନିଷ୍ଠ ଯନ୍ତ୍ରୀ ଶ୍ରୀ ତ୍ରିପାଠୀ, ଅଣ୍ଡରା ଇଚ୍ଛାପୁର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନାୟକ ପକ୍ଷ ରଖି ସେମାନେ କୌଣସି ପ୍ରକାର ଦୁର୍ନୀତି କରିନାହାନ୍ତି ବୋଲି ସଫେଇ ଦେଇଥିଲେ । ମାତ୍ର, ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ ସମସ୍ତ ୨୧ ଜଣ ଜାଲି ଦଲିଲ କରିବା, ଠକାମି, ସରକାରୀ ଅର୍ଥ ତୋଷାରପାତ ଓ ଦୁର୍ନୀତି କରିଥିବା ନେଇ ପ୍ରମାଣ ମିଳିଥିବା ଲୋକାୟୁକ୍ତ ସ୍ପଷ୍ଟ କରିଛନ୍ତି । ଏଥିସହିତ, ଏହାଉପରେ ଉଚ୍ଚସ୍ତରୀୟ ତଦନ୍ତ କରି ୩ ମାସ ମଧରେ ରିପୋର୍ଟ ପ୍ରଦାନ କରିବାକୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଭୁବନେଶ୍ୱର ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ଅକ୍ଷୟ କୁମାର ମିଶ୍ର କହିଛନ୍ତି, ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ମିଳିବା ପରେ ୨୧ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରିବୁ ।

# କବି ଓ ସାମ୍ବାଦିକ ବନମାଳି ବାରିକଙ୍କ ପରଲୋକ



ବାସୁଦେବପୁର,୧୩/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ର ବରିଷ୍ଠ ସାମ୍ବାଦିକ,ଅବସର ପତ୍ରିକା ର ସମ୍ପାଦକ କବି ବନମାଳୀ ବାରିକ ଙ୍କ ର ହୃଦଘାତ ରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ବାରିକ ଙ୍କ ମର ଶରୀର କୁ ତାଙ୍କର ଜନ୍ମସ୍ଥାନ ଚିରଳ ରୁ ଅଣାଯାଇ ବାସୁଦେବପୁର ବାଲି ନଗର ପଡ଼ିଆରେ ପହଂଚାଯାଇଥିଲା । ସେଠାରୁ ଶୋଭାଯାତ୍ରା ବାସୁଦେବପୁର ସହର ପରିକ୍ରମା କରିଥିଲା । ବରିଷ୍ଠ ସାମ୍ବାଦିକ ଓ କବି ବନମାଳୀ ବାରିକ ଅମର ରହେ ସ୍ଲୋଗାନ ରେ ବାସୁଦେବପୁର ସହର ପ୍ରକମ୍ପିତ ହୋଇଥିଲା । ବହୁ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ସ୍ୱର୍ଗତ ବାରିକଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବନମାଳୀ ବାବୁଙ୍କ ବିୟୋଗ ରେ ସମଗ୍ର ଭଦ୍ରକ ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି । କବି ସ୍ୱର୍ଗତ ବାରିକଙ୍କ ଗାଁରେ ତାଙ୍କର ଶବ ସତ୍କାର କରାଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ସ୍ୱର୍ଗତ ବାରିକଙ୍କ ପୁତ୍ର ସୂର୍ଯ୍ୟ ସାରଥୀ ବାରିକ, ପାର୍ଥ ସାରଥୀ ବାରିକ,କନ୍ୟା, ପତ୍ନୀ, ଭାଇ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗତ ବାରିକ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ । ଦୈନିକ ସମାଜ ଖବରକାଗଜର ବାସୁଦେବପୁର ସାମ୍ବାଦିକ ଭାବେ ସେ କାର୍ଯ୍ୟ କରିବା ସହିତ କବି ଓ ସାହିତ୍ୟିକ ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଅବସର ସାହିତ୍ୟ ଅନୁଷ୍ଠାନର ସମ୍ପାଦକ ଭାବେ ପ୍ରତ୍ୟେକ ବର୍ଷ ସାହିତ୍ୟ ଉତ୍ସବ ପାଳନ କରୁଥିଲେ । ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଧାୟକ ପ୍ରତିନିଧି ଅସିତ ଦାଶ, ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡ଼ିଓ ସତ୍ୟଜିତ ରାଉତ, ସାମ୍ବାଦିକ ଓ ସମାଜସେବୀ କିଶୋର କୁମାର ମହାପାତ୍ର, ପ୍ରହ୍ଲାଦ ବାରିକ, କବି ରତ୍ନାକର ପଣ୍ଡା, ବାସୁଦେବପୁର ପ୍ରେସ କ୍ଲବର ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟ, କବି ଅଭିମନ୍ୟୁ ବେହେରା, ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ, ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ, ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, ଗୀତିକାର ପିତାମ୍ବର ମିଶ୍ର, ଶିକ୍ଷାବିତ ଦୁଃଶାସନ ରାଉତ, ସହିଦ ତୀର୍ଥଯାତ୍ରୀର ପ୍ରତିଷ୍ଠାତା ବୈଲୋଚନ ଜେନା, ବାଇ ଚଢେଇର ସମ୍ପାଦକ କବି ବିକାଶ ଶତପଥୀ, ଗାଳ୍ପିକ ସୁଦର୍ଶନ ସାମଲ, କବି ରତ୍ନାକର ବାରିକ, ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ପ୍ରମୁଖ କବି ବନମାଳୀ ବାରିକଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

## ଓଡିଶା ହକି ଚମ୍ପିୟାନସିପରେ ଭାଗ ନେବ କନ୍ଧମାଳ ଟିମ୍

କନ୍ଧମାଳ ,୧୩/୦୯ (ନି.ପ୍ର): କନ୍ଧମାଳ ଜ଼ିଲ୍ଲା ର ପୁରୁଷ ହକି ଟିମ୍ , ଭୁବନେଶ୍ୱର ରେ ହେବାକୁଥିବା, ଓଡିଶା ହକି ଚମ୍ପିୟାନସିପ ପ୍ରତିଯୋଗିତା ରେ ଭାଗ ନେବ । ଏଥି ନିମନ୍ତେ ନକୁଳ ପ୍ରଧାନ ଙ୍କ ନେତୃତ୍ୱ ରେ ୧୬ ଜଣ ଖେଳାଳି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ଟିମ୍ ର କୋଚ ଭାବରେ ସାମନ୍ତ ବିଶୋଇ ଓ ମ୍ୟାନେଜେର ଭାବରେ ସିଦ୍ଧାନ୍ତ କୁମାର ପ୍ରଧାନ ଦାୟିତ୍ୱ ନେଇ, ଦଳ ସହ ଯାତ୍ରା କରିଛନ୍ତି । ଟିମ୍ ପ୍ରତୀଯୋଗିତା ରେ ଭାଗ ନେବାପାଇଁ ଭୁବନେଶ୍ୱର ଯିବା ବେଳେ, କନ୍ଧମାଳ ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ଼, ଧନୁତୀର ଖେଳାଳି ପ୍ରଶିକ୍ଷକ ଆଶାରାମ ହାଂସଦା, ଫୁଟବଲ ପ୍ରଶିକ୍ଷକ ଯୋଶପାଲ ଉର୍ମା, ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଲବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଦୁର୍ଦ୍ଦିନରେ 'ଜନତା ଡାକ୍ତର' : ଚୁକ୍ତି କରି ଠକିଦେଲେ ସରକାର



ମାହାଙ୍ଗା, (ଦୀପକ ସାହୁ): ସେମାନଙ୍କୁ କୁହାଯାଉଥିଲା 'ଜନତା ଡାକ୍ତର' । ଯେଉଁସମୟରେ ହଇଜା, କ୍ୟାନ୍ସର, ଏଡ୍ସ ଭଳି ରୋଗୀଙ୍କୁ ଅଛୁଆଁ ଭାବେ ବିଚାର କରାଯାଉଥିଲା, ସେହିସମୟରେ ସେମାନଙ୍କ ନିକଟରେ ସେବା ପହଞ୍ଚାଇବା ଏବଂ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା । ଦେଶରେ ଜରୁରୀକାଳୀନ ପରିସ୍ଥିତି ପରେ ହୋଇଥିବା ସାଧାରଣ ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲା । ଜନତା ଦଳ ସରକାର ଗଠନ କରିବା ପରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା । ହେଲେ, ଏଭଳି ଲକ୍ଷାଧିକ 'ଜନତା ଡାକ୍ତର'ଙ୍କ ମଧ୍ୟରୁ ଅନେକେ ଏବେ ମରିହଜି ଗଲେଣି । ଯେଉଁମାନେ ବଞ୍ଚିଛନ୍ତି, ସେମାନେ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ତତ୍କାଳୀନ ସରକାରଙ୍କ ପକ୍ଷରୁ ୧୯୭୭ ମସିହାରେ 'ଜନତା ଡାକ୍ତର' ନିଯୁକ୍ତି ଦିଆଯାଇଥିଲା । ସେହି ସମୟରେ ସେମାନଙ୍କର ମାସିକ ପାରିଶ୍ରମିକ ୫୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା । ଜଣେ ଜଣେ ଜନତା ଡାକ୍ତରଙ୍କ ଅଧୀନରେ ଜନସଂଖ୍ୟା ଅନୁଯାୟୀ ୪/୫ଟି ଗ୍ରାମକୁ ରଖାଯାଇଥିଲା । ସେମାନେ ୨୦ ବର୍ଷ କାର୍ଯ୍ୟ କରିବେ ବୋଲି ଚୁକ୍ତି କରାଯାଇଥିଲା । ଏହି ଚୁକ୍ତିରେ ସର୍ତ୍ତ ଥିଲା ଯେ ଏହି ନିଯୁକ୍ତି ସଂପୂର୍ଣ୍ଣ ସେବାମୂଳକ । ଭବିଷ୍ୟତରେ ଏମାନେ କେବେ ବି ନିଜର ସେବା ପାଇଁ କୌଣସି ସୁବିଧା ଦାବି କରିପାରିବେ ନାହିଁ । ସରକାର ଅଧିକ ସୁବିଧା ତ ଦେଲେନି, ଅନ୍ୟପଟେ ଚୁକ୍ତି ଅନୁଯାୟୀ ୨୦ ବର୍ଷ ନ ରଖି ୫ ବର୍ଷରେ ଛଟେଇ କରିଦେଲେ । ଫଳରେ, ଏହି ଜନତା ଡାକ୍ତରଙ୍କ ମଧ୍ୟରୁ କିଏ ବାଧ ହୋଇ ମଜୁରୀ ଲାଗିଲା ତ କିଏ ଟ୍ୟୁସନ୍ ଆଉ ଚାଷ କଲା । ସରକାରଙ୍କ ଏହି ପଦକ୍ଷେପ ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିଥିଲା । ସେମାନଙ୍କ ଉପରେ ନ୍ୟସ୍ତ ଦାୟିତ୍ୱକୁ ଭିତ୍ତିକରି 'ଜନତା ଡାକ୍ତର'ମାନେ ୩୦୦୦ ଟଙ୍କା ଦିଆଯାଉ ବୋଲି ଦାବି କରୁଥିଲେ । ମାତ୍ର, ସରକାର ତାହାକୁ ଗୁରୁତ୍ୱ ଦେଲେନି । ସେପଟେ ୩ ବର୍ଷରେ ସରକାର ପରିବର୍ତ୍ତନ ହେବାସହ ପୁରୁଣା ସରକାରର ନିଷ୍ପତ୍ତିକୁ କାଏମ ରଖିବାକୁ ନୂଆ ସରକାର ଆଗ୍ରହ ପ୍ରକାଶ କଲେନି । ଫଳରେ, ଏ ପ୍ରକ୍ରିୟାରେ ଦେଶର ଲକ୍ଷାଧିକ 'ଜନତା ଡାକ୍ତର' ବଳି ପଡ଼ିଗଲେ । ସେମାନଙ୍କୁ ୫ ବର୍ଷ ପରେ ସେବାରହିତ କରି ଦିଆଯାଇଥିଲା । ବିଭିନ୍ନ ସମୟରେ ସେମାନେ ନିଜର ଦାବି ପାଇଁ ଆନ୍ଦୋଳନକୁ ଓହ୍ଲାଇ ଥିଲେ ବି ସରକାର ଆଉ ସେମାନଙ୍କ କଥା ଶୁଣିଲେ ନାହିଁ । ବୟସର ସାୟାହ୍ନରେ ପହଞ୍ଚିଥିବା ଏଭଳି ଅନେକ ଜନତା ଡାକ୍ତର ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଜନତା ଡାକ୍ତର ଭାବେ ନିଯୁକ୍ତି ପାଇଥିବା ୬୬ ବର୍ଷୀୟ ରବୀନ୍ଦ୍ର ବଳବନ୍ତରାୟ କହିବା ଅନୁଯାୟୀ, ସେ ସମୟରେ ରୋଗୀମାନଙ୍କୁ ସେବା କରିବାପାଇଁ ବହୁ କଷ୍ଟ ଭୋଗିବାକୁ ପଡୁଥିଲା । ସେତେବେଳେ ଲୋକେ ଡାକ୍ତରଙ୍କୁ ବିଶ୍ୱାସ କରୁ ନଥିଲେ । ରୋଗ ଭଲ କରିବା ପାଇଁ ଝଡ଼ାଫୁଙ୍କା କରିବା ସହ ଚେରମୂଳିକୁ ଔଷଧ ଭାବେ ବ୍ୟବହାର କରୁଥିଲେ । ଏଭଳି ଅନ୍ଧବିଶ୍ୱାସକୁ ଦୂର କରି ଔଷଧ ବ୍ୟବହାର କରିବା ପାଇଁ ଲୋକଙ୍କୁ ବୁଝାଇବା କାଠିକର ପାଠ ହେଉଥିଲା । ମାସକୁ ୪ଥର ମାହାଙ୍ଗା ଡାକ୍ତରଖାନାକୁ ଯାଇ ଔଷଧ ଆଣି ଗାଁକୁ ଗାଁ ବୁଲି ଲୋକଙ୍କୁ ଦେବାକୁ ପଡୁଥିଲା । କିନ୍ତୁ, ହଠାତ୍ ଏହି ଚାକିରିରୁ ଛଟେଇ ହେବା ପରେ କ'ଣ କରିବୁ ଚିନ୍ତାରେ ପଡିଥିଲୁ । ଚାଷ କରି ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରିଥିଲି । କିନ୍ତୁ ଆଶା ଥିଲା, ସରକାର କିଛି କରିବେ ବୋଲି । କିନ୍ତୁ ୪୦ ବର୍ଷ ଭିତରେ କେହି ବି ଆମକୁ ଗୁରୁତ୍ୱ ଦେଲେନି ବୋଲି କୁହନ୍ତି ମାହାଙ୍ଗା ମୂଳବସନ୍ତ ଗ୍ରାମର ରବୀନ୍ଦ୍ର ।

# କୁଇଗୁର୍ ପୋଲ ଉପରେ ପାଣି : ଆନ୍ଧ୍ରକୁ ଯୋଗାଯୋଗ ବିଚ୍ଛିନ୍ନ

ମାଲକାନଗିରି ,୧୩/୦୯ (ନି.ପ୍ର): ଲଗାଣ ବର୍ଷାରେ ମାଲକାନଗିରି ଜିଲ୍ଲା ସୀମାନ୍ତ ମୋଟୁ ଅଂଚଳରେ ଥିବା ପୋଲ ଉପରେ ପ୍ରବାହିତ ହେଉଛି ବର୍ଷା ପାଣି । ଗତକାଲି ରାତିରୁ ଆନ୍ଧ୍ରକୁ ଯୋଗାଯୋଗ କରୁଥିବା କୁଇଗୁର୍ ପୋଲ ଉପରେ ୨ରୁ ୩ ଫୁଟ୍ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଛି । ଗୋଦାବରୀ ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ପୋଲ ଉପରେ ପାଣି ପ୍ରବାହିତ ହେଉଛି । ଫଳରେ ଆନ୍ଧ୍ର-ଓଡ଼ିଶା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିବା ବେଳେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଉଭୟ ପଟେ ଯାନବାହାନ ଅଟକି ରହିଛି । ଲଗାଣ ବର୍ଷା ଯୋଗୁ ଜଳସ୍ତର ବଢିବାରେ ଲାଗିଛି । ଆଗକୁ ବର୍ଷା ଜାରି ରହିଲେ ମୋଟୁ ଓ ଆନ୍ଧ୍ର ଚିନ୍ତୁରର ବିଭିନ୍ନ ତଳିଆ ଅଂଚଳ ବୁଡିଯିବା ଆଶଙ୍କା ରହିଛି ।

## ନିଦ୍ରାହୀନତା ଦୂରକରିବ ଚେରି ଜୁସ୍

ନିଦ୍ରାହୀନତା ଆଜିକାଲି ଏକ ସାଧାରଣ ସମସ୍ୟା । କାମ ଚାପ ପାଇଁ ହେଉ କିମ୍ବା ମୋବାଇଲ୍ ଫୋନ୍‌ର ବହୁଳ ବ୍ୟବହାର ପାଇଁ ହେଉ, ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଖିକୁ ନିଦ ନଆସିବା ଅଧିକାଂଶ ଲୋକଙ୍କ ଭିତରେ ଦେଖିବାକୁ ମିଳୁଛି । ମାତ୍ର ସୁସ୍ଥକର ଖାଦ୍ୟ ଓ ପାନୀୟ ଗ୍ରହଣ କରିବା ଦ୍ୱାରା ଏହି ସମସ୍ୟାକୁ ସାମାନ୍ୟ ଏଡ଼େଇ ଦିଆଯାଇପାରେ । ସାଧୁ, ସନ୍ଥମାନେ କହନ୍ତି ଯେ ଯଦି ଜଣେ ବ୍ୟକ୍ତିଙ୍କୁ ଉତ୍ତମ ନିଦ୍ରା ହେଉଛି ତ ଆମେ ବୁଝିଯିବା ଉଚିତ ଯେ ସେ ବ୍ୟକ୍ତି ଜଣକ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି । କାରଣ ଅସୁସ୍ଥ ବ୍ୟକ୍ତିଙ୍କୁ ସେତେ ଭଲ ନିଦ୍ରା ହୋଇ ନଥାଏ । ତେବେ ଚାଲନ୍ତୁ ଜାଣିବା କେଉଁ ଉପାୟରେ ଆମେ ସୁନିଦ୍ରା ପାଇପାରିବା । ଆମେ ଆଜି ଯେଉଁ ଜୁସ୍ ସଂପର୍କରେ ବତାଇବୁ ତାହାକୁ ପିଇଲେ ନିଦ୍ରା ପୂରା ଶିଶୁଙ୍କ ପାରି ଘାରିବ । ଜାଣିରଖନ୍ତୁ ଯେ ଚେରି ଜୁସ୍ ନିଦ ପାଇଁ ଖୁବ୍ ଭଲ । ଏହି ଜୁସ୍ କେବଳ ନିଦ ନୁହେଁ, ବରଂ ଆପଣଙ୍କ ଶରୀରର ଅନେକ ସମସ୍ୟାର ସମାଧାନ କରିପାରେ । ସବୁଠାରୁ ଭଲ କଥା ହେଲା ଏହି ଜୁସ୍‌ର କୌଣସି ପାର୍ଶ୍ୱ ପ୍ରଭାବ ନାହିଁ । ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ଯେଉଁ ବ୍ୟକ୍ତିମାନେ ଚେରି ଜୁସ୍ ପିଇ ଖଟକୁ ଯାଉଛନ୍ତି ସେମାନଙ୍କୁ ୮୪ ମିନିଟ୍ ମଧ୍ୟରେ ନିଦ୍ରା ଗ୍ରାସ କରୁଛି । ମନେ ରଖନ୍ତୁ, ଗୋଟାଏ ଗ୍ଲାସ୍‌ରୁ ଅଧିକ ଜୁସ୍ ପିଇବେ ନାହିଁ । ଗୋଟାଏ ଗ୍ଲାସ୍ ଜୁସ୍ ହେବା ପାଇଁ ଯେତିକି ପରିମାଣର ଚେରି ଓ ପାଣି ଆବଶ୍ୟକ ଆପଣ ତାହାକୁ ମିଶ୍ରଣ କରି ଜୁସ୍ ପ୍ରସ୍ତୁତ କରନ୍ତି । ରାତ୍ରିଭୋଜନ କରିବା ପରେ ସେହି ଜୁସ୍‌କୁ ପିଇକି ଶୁଅନ୍ତୁ । ଦେଖିବେ ଆପଣଙ୍କର ନିଦ୍ରହୀନତାର ସମସ୍ୟା କୁଆଡ଼େ ଚାଲିଯିବ ।



## ଯଦି ଲଗାତାର୍ ଆପଣଙ୍କ ତ୍ୱଚା ସୁଖିଲା ରହିବା ସହ କୁଣ୍ଡେଇ ହଉଛି ତ ହୋଇଥାଇପାରେ ଏହି ରୋଗ



ଋତୁ ବଦଳିବା ସଙ୍ଗେ ସଙ୍ଗେ ଆମ ତ୍ୱଚା ବି ବଦଳିଥାଏ । ଗ୍ରୀଷ୍ମ ସମୟରେ ତ୍ୱଚା ଟିକେ ତେଲିଆ ରହିଥାଏ ତ ଶୀତ ଦିନେ ସୁଖିଲା ଦିଶିଥାଏ । ମାତ୍ର ମନେ ରଖନ୍ତୁ, ଆପଣଙ୍କ ତ୍ୱଚା ଯଦି ଆବଶ୍ୟକରୁ ଅଧିକ ସୁଖିଲା ଦିଶୁଛି ତ ଏହା କେବଳ ଋତୁର ପ୍ରଭାବ ନୁହେଁ । ଆପଣଙ୍କ ଶରୀରରେ ଥିବା ରୋଗର ସଂକେତ ଦେଇଥାଏ ତ୍ୱଚା । ଯଦି ଆପଣଙ୍କ ତ୍ୱଚା ସୁଖିଲା ହେବା ସହ କୁଣ୍ଡେଇ ହେଉଛି ତ ଆପଣ ଭିତରୁ ଅସୁସ୍ଥ ଅଛନ୍ତି । ଯଦି ଆପଣଙ୍କର ଲଗାତାର ତ୍ୱଚା ସଂପର୍କିତ ସମସ୍ୟା ଉପୁଜୁଛି ତ ଆପଣ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ । ତ୍ୱଚାର ରଂଗ ବଦଳିବା, ତ୍ୱଚାରେ କୁଣ୍ଡିଆ ପରି ଫଳିଯିବା, ବହୁତ ବେଶୀ କୁଣ୍ଡେଇ ହେବା କିମ୍ବା ତ୍ୱଚା ଅତ୍ୟଧିକ ସୁଖିଲା ଦିଶିବା ପରି ସମସ୍ୟା ଦେଖାଦେଲେ ଆପଣ ଅନ୍ୟ କିଛି ରୋଗର ଆଶଙ୍କା କରିପାରନ୍ତି । ଏହି ସବୁ କ୍ଷେତ୍ରରେ ଆପଣଙ୍କୁ ମଧୁମେହ, କିଡ୍‌ନିଜନୀତ ସମସ୍ୟା କିମ୍ବା ଥାଇରଏଡ୍ ଆଦି ହୋଇ ଥାଇପାରେ । ଜଣେ ସ୍ୱାସ୍ଥ୍ୟ ଗବେଷକଙ୍କ କହିବାନୁଯାୟୀ, ଯଦି ଆପଣଙ୍କ ତ୍ୱଚା ଲଗାତାର ୨ ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ କୁଣ୍ଡେଇ ହେଉଛି ତ ଆପଣ ବିଶାଦ ପରି ସମସ୍ୟାର ଶିକାର ହୋଇପାରନ୍ତି ।

## ଲେମ୍ବୁ

ଲେମ୍ବୁ ଏକ ଖଟା ଫଳ । ବିଭିନ୍ନ ପ୍ରକାରର ଲେମ୍ବୁ ରହିଛି । ବିଶେଷକରି ଦୁଇ ପ୍ରକାରର ଲେମ୍ବୁ ଦେଖିବାକୁ ମିଳେ । କାଗେଜି ଓ କମଳା ଲେମ୍ବୁ । ଲେମ୍ବୁରେ ବିଭିନ୍ନ ପ୍ରକାର ଭିଟାମିନ୍ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏଥିସହିତ ତ୍ୱଚା ଓ କେଶ ପାଇଁ ମଧ ଲେମ୍ବୁକୁ ବ୍ୟବହାର କରାଯାଇଥାଏ । ଆସନ୍ତୁ ଜାଣିବା ଲେମ୍ବୁ ଆମର କେଉଁ ସବ କାମରେ ବ୍ୟବହାର କରାଯାଇଥାଏ ।

◆ ଲେମ୍ବୁ ରସରେ ଭିଟାମିନ୍ ସି' ସ୍ରୋତ ପ୍ରଚୁର ମାତ୍ରାରେ ରହିବା ସହିତ ପୋଟାସିୟମ, କ୍ୟାଲସିୟମ୍, ଫାଇବର, ଫସଫସ, ମ୍ୟାଗ୍ନେସିୟମ, ଭିଟାମିନ୍ ସି', ଆଇରନ୍, ଭିଟାମିନ୍-ଏ, ପ୍ରୋଟିନ ଓ କାର୍ବୋହାଇଡ୍ରେଟ ଆଦି ରହିଛି ।

◆ ଖାଲି ପେଟରେ ସକାଳୁ ଲେମ୍ବୁ ପାଣି ପିଇବା ଫଳରେ ପେଟ କମିଯିବା ସହିତ ଶରୀରକୁ ଏନର୍ଜୀ ମିଳିଥାଏ ।

◆ ଲେମ୍ବୁ କେବଳ ସ୍ୱାସ୍ଥ୍ୟ କିମ୍ବା ତ୍ୱଚା ପାଇଁ ବ୍ୟବହାର କରାଯାଏ ତାହା ନୁହେଁ, ଏହାର ଆଚାର ପାଟିକୁ ଖୁବ୍ ସୁଆଦ ଲାଗିଥାଏ ।

◆ ବିଭିନ୍ନ ଖାଦ୍ୟ ପଦାର୍ଥରେ ଯଥା- ସିଝା ବୁଟ, ଚାର୍ଟ, ଗୁପ୍‌ଚୁପ୍ ଆଦି ପାଟି ସୁଆଦିଆ ଖାଦ୍ୟରେର ଲେମ୍ବୁର ଉପଯୋଗ କରାଯାଇଥାଏ ।

◆ ଖରାଦିନେ ଶରୀରରୁ ଜଳୀୟ ଅଂଶ ଅଭାବକୁ ପୂରଣ କରିବା ଲାଗି ଲେମ୍ବୁପାଣି ପିଇଥାନ୍ତି ।

◆ ଲେମ୍ବୁକୁ ସାବୁନ, ସାମ୍ପୋ, ବାସନ ମଜା ସାବୁନ ଆଦି ତିଆରି କରିବାରେ ବ୍ୟବହାର କରାଯାଇଥାଏ ।

◆ ଘରର କୁନଜରରୁ ଦୂର କରିବା ଲାଗି ଲେମ୍ବୁ-ଲଙ୍କାର ମାଳ ଦ୍ୱାରମୁହଁରେ ଟଙ୍ଗାଯିବା ସହିତ ଯାନବାହନ ଆଦିରେ ଲେମ୍ବୁ ଓ ଲଙ୍କା ବନ୍ଧା ଯାଇଥାଏ ।

◆ ନୂଆ ଯାନବାହାନ କିଣି ଏହାକୁ ମନ୍ଦିରରେ ପୂଜା କରିବା ବେଳେ ଗାଡ଼ିର ଚକ ତଳେ ଲେମ୍ବୁକୁ ଚାପି ନକରାତ୍ମକ ପ୍ରଭାବରୁ ଦୂରେଇ ରଖାଯାଇଥାଏ ।


◆ ଘରେ କିମ୍ବା ବ୍ୟବସାୟ ପ୍ରତିଷ୍ଠାନରେ କାଚ ଗ୍ଲାସରେ ଲେମ୍ବୁ ରଖି ଏହାର ପାଣି ବଦଳାଇବା ଫଳରେ ଘରେ ସକରାତ୍ମକ ପ୍ରଭାବ ପଡ଼ିଥାଏ ।

◆ ତରଳଝାଡ଼ା ହେଉଥିଲେ ଲେମ୍ବୁ ଓ ଚିନି ଲୁଣ ପାଣି ପିଇବା ଫଳରେ ଶରୀରକୁ ଶକ୍ତି ମିଳିଥାଏ ।



## ମାସ୍କ ପିନ୍ଧାଇବ ମେଶିନ୍

ମହାମାରୀ କରୋନାରୁ ବର୍ତ୍ତିବା ଲାଗି ମାସ୍କ ପିନ୍ଧିବା ସମସ୍ତଙ୍କ ପାଇଁ ଜରୁରୀ ଆବଶ୍ୟକତା । ଏନେଇ ଏବେ ସମସ୍ତେ ପ୍ରାୟ ସଚେତନ ହେଲେଣି ଏବଂ ଘରୁ ବାହାରିବା ମାତ୍ରେ ସମସ୍ତେ ମାସ୍କ ମଧ ପିନ୍ଧୁଛନ୍ତି । ତେବେ କିଛି ଲୋକ ଏବେ ବି ମାସ୍କ ପିନ୍ଧିବା ପାଇଁ ଇଚ୍ଛା କରୁନାହାନ୍ତି ଏବଂ ଅନେକେ ମାସ୍କ ପିନ୍ଧିବାକୁ ଭୁଲି ଯାଉଛନ୍ତି । ଏଭଳି ଲୋକଙ୍କୁ ଏବେ ମାସ୍କ ପିନ୍ଧାଇବ ଏକ ମେଶିନ୍ । ପୂର୍ବତନ ବାସ୍କେଟବଲ୍ ଖେଳାଳି ରେସ୍କ ଚାପମ୍ୟାନ୍ ସୋସିଆଲ୍ ମିଡିଆରେ ମାସ୍କ ପିନ୍ଧାଉଥିବା ମେଶିନ୍‌ର ଏକ ଭିଡିଓ ଶେୟାର କରିଛନ୍ତି । ଏହି ମେଶିନ୍‌ଟି ତା' ଆଗରେ ବସିଥିବା ଲୋକଙ୍କୁ ଜୋର କରି ଏକ ମାସ୍କ ପିନ୍ଧା ଦେବ । ଏହି ମେଶିନ୍‌ର ନାଁ ରହିଛି 'ଦି କେରେନେଟର' । ଏହି ମେଶିନ୍‌ରେ ପ୍ରଥମେ ଏକ ମାସ୍କ ଲଗାଇ ଦିଆଯାଇଥାଏ । ଆଉ ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କୁ ଏହି ମେଶିନ୍ ଆଗରେ ବସିବାକୁ ହିଁ ପଡ଼ିଥାଏ । ମେଶିନ୍ ଚଲାଇବାର କିଛି ସେକେଣ୍ଡ ମଧ୍ୟରେ ସେଥିରେ ଥିବା ମାସ୍କଟି ଖୁବ୍ ଜୋର୍‌ରେ ଉଡ଼ିଆସି ଆଗରେ ବସିଥିବା ବ୍ୟକ୍ତିଙ୍କ ମୁହଁରେ ଠିକ୍ ଭାବରେ ଆପେ ଆପେ ଲାଗିଯିବ । ମାସ୍କ ପିନ୍ଧାଇବାର ଏହି ମେଶିନ୍ ଏବେ ସୋସିଆଲ୍ ମିଡିଆରେ ଢେର୍ ଚର୍ଚ୍ଚାର କାରଣ ହୋଇଛି । ତେବେ ଭିଡିଓରେ ମେଶିନ୍‌କୁ ଦେଖୁଥିବା ଲୋକେ ଏହାକୁ ମାସ୍କ ନ ପିନ୍ଧିଥିବା ଲୋକଙ୍କ ପାଇଁ ଏକ ଶକ୍ତ ଚାପୁଡ଼ା ବୋଲି ବର୍ଣ୍ଣନା କରିଛନ୍ତି । କାରଣ ମେଶିନ୍‌ରୁ ଏତେ ଜୋର୍‌ରେ ମାସ୍କଟି ବାହାରି ଆସେ ଯେ ହଠାତ୍ ବ୍ୟକ୍ତିଜଣକ ପ୍ରସ୍ତୁତ ନ ଥିଲେ ଚମକି ପଡ଼ିବ । ସେଥିପ୍ରତି ସୋସିଆଲ୍ ମିଡିଆରେ ପାଇଁ ଲୋକେ କ୍ୟାପ୍‌ସନ୍‌ରେ ଭିନ୍ନଭାବେ ପ୍ରତିକ୍ରିୟା ଦେଇଛନ୍ତି । ଅଧିକାଂଶ ଲୋକ ଏହାକୁ ନେଇ ମଜାଦାୟକ କମେଣ୍ଟ ଦେଇଛନ୍ତି ।



## ସ୍ୱାସ୍ଥ୍ୟ ମନ୍ତ୍ର

କାହା ପାଇଁ କେତେ କାଲୋରି: ସାଧାରଣ କାମ କରୁଥିବା ୬୦ କିଲୋ ଓଜନର ପୁରୁଷଙ୍କ ଦୈନିକ ଆବଶ୍ୟକତା ହେଉଛି ୨୪୨୫ କାଲୋରି । ଏହି ବର୍ଗର ପୁରୁଷ ମଧ୍ୟମ ଧରଣର ଶ୍ରମ କରୁଥିଲେ, ୩୮୦୦ କାଲୋରି । ସେହିପରି ସାଧାରଣ କାମ କରୁଥିବା ୫୦ କିଲୋ ଓଜନର ମହିଳାଙ୍କ ଦୈନିକ ଆବଶ୍ୟକତା ହେଉଛି ୧୮୭୫ କାଲୋରି । ଏହି ବର୍ଗର ମହିଳା ମଧ୍ୟମ ଧରଣର ଶ୍ରମ କରୁଥିଲେ, ଦରକାର ୨୨୨୫ କାଲୋରି । ଆଉ ଅଧିକ ଶ୍ରମ କରୁଥିଲେ, ୨୯୨୫ କାଲୋରି । ୫୦ କିଲୋ ଓଜନର ଗର୍ଭବତୀ ମହିଳାଙ୍କର ଲୋଡ଼ା ୩୨୨୫ କାଲୋରି ଏବଂ ସ୍ତନ୍ୟପାନ କରାଉଥିଲେ ୩୪୭୫ କାଲୋରି । ୧୩-୧୫ ବର୍ଷ ବୟସ୍କ ବାଳକ (୪୮ କିଲୋ)ର ଲୋଡ଼ା ୨୪୫୦ କାଲୋରି ଏବଂ ବାଳିକାର (୪୭କିଲୋ) ୨୦୬୦ କାଲୋରି । ସେହିପରି ୧୬-୧୮ ବଷୟ ବୟସ୍କ ବାଳକ (୫୭ କିଲୋ) ୨୦୬୦ କାଲୋରି ।



## ଆତ୍ମହତ୍ୟା ପାଇଁ ପରିଚିତ ରହସ୍ୟମୟ ଜଙ୍ଗଲ

ଘଞ୍ଚ ଜଙ୍ଗଲ । ଏଠାରେ ଗଛର ସଂଖ୍ୟା ଏତେ ଅଧିକ ଯେ ଏହି ଜଙ୍ଗଲକୁ କୁହାଯାଏ ଗଛର ସମୁଦ୍ର । କିନ୍ତୁ ସେହି ଘଞ୍ଚ ସବୁଜର ନିଃସଙ୍ଗତାକୁ ଅବସାଦଗ୍ରସ୍ତ ମଣିଷ ବାଛି ନିଅନ୍ତି ଶେଷ ଶଯ୍ୟା ଭାବରେ । ଏମିତିକି ଲୋକେ ସାଥୀ ହୋଇ ଆତ୍ମହତ୍ୟା କରିବାକୁ ଯାଇଥାଆନ୍ତି ଏହି ଜଙ୍ଗଲ ଭିତରକୁ । ସେଥିପାଇଁ 'ଆତ୍ମହତ୍ୟା ଅରଣ୍ୟ' ନାମରେ ପରିଚିତ ଏହି ଜଙ୍ଗଲ । ଚିରସବୁଜ ଏହି ଜଙ୍ଗଲଟି ଜାପାନରେ ଅବସ୍ଥିତ । ଆଗ୍ନେୟପର୍ବତ ମାଉଣ୍ଟ ଫୁଜିର ପାଦ ଦେଶରେ ଆଓକିଗାହାରା ନାମରେ ପରିଚିତ ଏହି ଜଙ୍ଗଲ । ପ୍ରତିବର୍ଷ ଜାପାନର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଏହି ଜଙ୍ଗଲଟି ବୁଲି ଦେଖିବାକୁ ଆସିଥାଆନ୍ତି । ଅସଲ ଉଦ୍ଦେଶ୍ୟ ଥାଏ ଆତ୍ମହତ୍ୟା । ଏହି ଜଙ୍ଗଲ ଏତେ ଗଭୀର ଯେ ଦୀର୍ଘଦିନ ଧରି ମୃତଦେହର ଖୋଜଖବର ନେଲେ ସୁଦ୍ଧା ତାହା ମିଳିନଥାଏ । ଅଧିକାଂଶ ସମୟରେ ନିଥର ଶରୀରଗୁଡ଼ିକ ଚିଲ, ଶାଗୁଣାଙ୍କ ଆହାର ବନିଯାଏ । ଆତ୍ମହତ୍ୟା କରିବାକୁ ଅନେକ ଲୋକ ଆସିଥାଆନ୍ତି । ତେବେ ସମସ୍ତେ ଆତ୍ମହତ୍ୟା କରିପାରି ନଥାନ୍ତି । ଆତ୍ମହତ୍ୟା କରିବାର ମାନସିକତା ଦେଶ ଅନୁସାରେ ବଦଳିଥାଏ । ନିଜକୁ ଶେଷ କରିଦେବାର ମାନସିକତାକୁ କେଉଁଠି ଅପରାଧ ବୋଲି କୁହାଯାଉଥିବା ବେଳେ ଏହି ଧାରଣା ଅନ୍ୟ କେଉଁ ଦେଶରେ ନାହିଁ । ଜାପାନ ଏହି ଦ୍ୱିତୀୟ ପର୍ଯ୍ୟାୟର ଦେଶରେ ପଡ଼ିଥାଏ । କୁହାଯାଏ ଅତୀତରେ ଜାପାନ ସମୁରାଇମାନେ ଯୁଦ୍ଧରେ ପରାସ୍ତ ହେଉଥିଲେ ଆତ୍ମସମ୍ମାନ ଉଦ୍ଦେଶ୍ୟରେ ନିଜକୁ ଶେଷ କରିଦେଉଥିଲେ । ସେହି ପ୍ରଥାରୁ ଜାପାନରେ ଆତ୍ମହତ୍ୟା କରିବାର ମାନସିକତା ସୃଷ୍ଟି ହୋଇଛି ଯାହା କି ଏବେ ବି ଲୋକମାନଙ୍କ ମଧ୍ୟରେ ରହିଆସିଛି । ୨୦୦୮ ମସିହା ବିଶ୍ୱ ମାନ୍ଦାବସ୍ଥା ବେଳେ ଆତ୍ମହତ୍ୟା କରିଥିବା ଲୋକଙ୍କ ମଧ୍ୟରେ ଜାପାନରୁ ସବୁଠୁ ଅଧିକ ଥିଲେ । ଆଉ ଜାପାନର ସେହି ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଆଓକିଗାହାରା ଜଙ୍ଗଲରେ ହିଁ ଆତ୍ମହତ୍ୟା କରିଥିଲେ । ପ୍ରତିବର୍ଷ ଜାପାନରେ ମାର୍ଚ୍ଚମାସ ଚତୁର୍ଥ ସପ୍ତାହରେ ଅର୍ଥାତ୍ ଆର୍ଥିକ ବର୍ଷର ଶେଷ ବେଳକୁ ଆତ୍ମହତ୍ୟା ଘଟଣା ସବୁଠୁ ଅଧିକ ହୋଇଥାଏ । ସେହି ସମୟରେ ଅବସାଦପ୍ରାପ୍ତ ଲୋକ ଆଓକିଗାହାରା ଜଙ୍ଗଲକୁ ଛୁଟିଯାଆନ୍ତି । କିନ୍ତୁ କାହିଁକି ? ମନସ୍ତତ୍ତ୍ୱବିଦ୍‌ମାନେ କୁହନ୍ତି ଏହି ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟ ଏଥିପାଇଁ ଦାୟୀ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆକର୍ଷିତ ହେଉଥିବା ଅବସାଦପ୍ରାପ୍ତ ମଣିଷମାନେ ଏହାକୁ ନିଜର ଶେଷ ଠିକଣା ବୋଲି ଧରିନିଅନ୍ତି । ସେଥିପାଇଁ ଅନ୍ୟ କେଉଁ ସ୍ଥାନ ପରିବର୍ତ୍ତେ ଏହି ଜଙ୍ଗଲରେ ହିଁ ଆତ୍ମହତ୍ୟା କରନ୍ତି ।



## ମାନସୁନ୍ ଫ୍ୟାଶନ୍

ବର୍ଷାଦିନିଆ ପୋଷାକ ଋତୁ ଉପଯୋଗୀ ନ ହେଲେ ତାହା ପିନ୍ଧିବାକୁ ଅସହଜ ମନେ ହୁଏ । ତେଣୁ ବର୍ଷାଦିନେ ଫ୍ୟାଶନ୍‌ରେ କିଛିଟା ପରିବର୍ତ୍ତନ ନିଶ୍ଚୟ ଆଣରିବା ଦରକାର । ଏହି ଦିନେ ପ୍ୟାଷ୍ଟେଲ୍ କଲର୍ ବଦଳରେ ଗାଢ଼ ରଙ୍ଗ ଟ୍ରେଣ୍ଡ୍‌ରେ ରହେ । ଆପଣ ବର୍ଷାଦିନେ କିଭଳି ପୋଷାକ, ଆକ୍ସେସରିଜ୍ ଏବଂ ରଙ୍ଗ କ୍ୟାରି କରିବେ ଜାଣନ୍ତୁ କିଛି ଟିପ୍ସ ।




**ଉଜ୍ଜ୍ୱଳ ରଙ୍ଗ ସହିତ ଆକ୍ସେସରିଜ୍:**
ବର୍ଷାଦିନେ ବ୍ରାଇଟ୍ ରଙ୍ଗର ପୋଷାକ ନିଅନ୍ତୁ । ତେବେ ମୋନୋକ୍ରୋମ ପାଟର୍ନ ସବୁଠୁ ଭଲ । ଚେରି, ଫ୍ରେଶ୍ ରେଡ୍, ବ୍ଲଶ୍ ରଙ୍ଗ ସହିତ ଗ୍ରେ, ବ୍ଲୁ ଏବଂ କ୍ରିମି ରଙ୍ଗକୁ ଟିମ୍ କରିପାରିବେ । ୟେଲୋକୁ ପପ୍ ଆଉଟ୍ କଲର୍ ରୂପେ ବ୍ୟବହାର କରିପାରିବେ । ଏହି ରଙ୍ଗକୁ ଉଭୟ ଆଉଟ୍‌ଫିଟ୍ ଏବଂ ଆକ୍ସେସରିଜ୍‌ରେ କ୍ୟାରି କରନ୍ତୁ । ହଁ ଧଳା ରଙ୍ଗକୁ ବର୍ଷାଦିନେ ନା କରନ୍ତୁ ।

**ସର୍ଟ ଆଉଟଫିଟ୍:**
ବର୍ଷାଦିନେ ୱାକ୍ କରିବା ପସନ୍ଦ ଥିଲେ, ସର୍ଟ ଆଉଟଫିଟ୍ କ୍ୟାରି କରନ୍ତୁ । କ୍ରପ୍ ଟପ୍, ସଟସ୍, ସ୍କର୍ଟ ପିନ୍ଧିପାରିବେ । ବର୍ଷାଦିନେ ଷ୍ଟ୍ରିଟ୍ ଫ୍ୟାଶନ କ୍ୟାରି କରିବାକୁ ଭୁଲନ୍ତୁ ନାହିଁ । ଡ୍ର ଷ୍ଟ୍ରିଙ୍ଗ୍ ଡ୍ରେସ୍ ମିଡି ସ୍କର୍ଟ, ମ୍ୟାକ୍ସି ଡ୍ରେସ୍, କମନ ସ୍ଲିଭ୍ ସର୍ଟ ଡ୍ରେସ୍, ର୍ୟାପ୍ସ ପରି ପୋଷାକ ଆପଣଙ୍କ ଅନ୍ୟମାନଙ୍କ ଠାରୁ ଭିନ୍ନ କରିବ ।

**ସିଫନ୍ ଏବଂ ରେୟର:**
ବର୍ଷାଦିନେ ନାଇଲନ୍, ସିଫନ୍, ରେୟର୍ ପୋଷାକ ଟ୍ରେଣ୍ଡ୍‌ରେ ଥାଏ । ସିଫନ୍ ଏବଂ ରେୟର୍ କପଡ଼ା ଓଦା ହେଲେ ଜଲଦି ଶୁଖିଯାଇଥାଏ । ତେଣୁ ବର୍ଷଦିନ ପାଇଁ ଏହି ଫ୍ୟାବ୍ରିକ ସବୁଠାରୁ ଭଲ ହୋଇଥାଏ । ହେଲେ ଏହାକୁ କ୍ୟାରି କରିବା ସମୟରେ ମିକ୍ସ କଟନ୍ ସହିତ କ୍ୟାରି କରିବା ଆବଶ୍ୟକ ।

**ଟାଇଟ୍ ନୁହେଁ, ଢିଲା ଆଉଟଫିଟ୍:**
ପୋଷାକ ଓଦା ହୋଇଗଲେ ଶରୀରରେ ଲାଗିଯାଏ । ତେଣୁ ବର୍ଷାଦିନେ ଟାଇଟ୍ ଫିଟ୍ ପୋଷାକରୁ ବିରତି ନିଅନ୍ତୁ । କଟନ୍, ଖଦି ଏବଂ ସିନ୍ଥେଟିକ୍ ମ୍ୟାଟେରିଆଲ୍‌ର ଢିଲା ପୋଷାକ ପିନ୍ଧିପାରିବେ । ଫୁଲ୍ ସ୍ଲିଭ ସ୍ଥାନରେ ହାଫ୍ ସ୍ଲିଭ୍ ବାଛନ୍ତୁ ।



**ଆରାମଦାୟକ ଏବଂ ଫ୍ୟାଶନେବଲ୍:**
ବ୍ଲକ୍ ପ୍ରିଣ୍ଟ, ଭେଜିଟେବଲ୍ ଏବଂ କଟନ୍ ମିକ୍ସ ଲିନେନ୍ କ୍ୟାରି କରନ୍ତୁ । ଏହା ଆରାମଦାୟକ ଏବଂ ଫ୍ୟାଶନେବଲ୍ ହୋଇଥାଏ । ଫ୍ଲୋରାଲ ପ୍ରିଣ୍ଟ ମଧ ଭଲ ମାନିଥାଏ । ପିଙ୍କ୍, ପିସ୍ତା, ଗ୍ରୀନ୍, କୁଲ୍ ବ୍ଲୁ, ସି ଗ୍ରୀନ ରଙ୍ଗର ପୋଷାକ ପିନ୍ଧନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉଦ୍‌ବେଗଜନକ...

ଭାରତ ପାଇଁ ଉଦ୍‌ବେଗଜନକ ଖରାପ ଖବର ଆସିଛି । ଚଳିତ ବର୍ଷ ଚାଉଳ ଉତ୍ପାଦନ ହଠାତ୍ ହ୍ରାସ ପାଇଛି । ଦେଶରେ ଯେଉଁ ପରିମାଣରେ ଚାଉଳ ମହଜୁଦ ରହିବା କଥା, ସେଥିରେ ଜୁଲାଇ ପହିଲା ସୁଦ୍ଧା ସାଢ଼େ ତେର ନିୟୁତ ଟନ୍ ରହିଥିଲା । ରେସନ୍ ଦୋକାନରେ ଗହମ ବଦଳରେ ଚାଉଳ ଯୋଗାଇବା ମଧ ହ୍ରାସସ ହେବାରେ ଲାଗିଛି । ୨୦୨୨-୨୩ ବିପଣନ ବର୍ଷରେ ପୂର୍ବ ସମୟ ତୁଳନାରେ କମିଛି ୪୩ ନିୟୁତ ଟନ୍ । ୨୦୨୨-୨୩ ଖରଫ୍ ଋତୁରେ ଚାଉଳ ଅମଳ ୧୦-୧୨ ନିୟୁତ ଟନ୍ ହ୍ରାସ ହେବାର ଆଶଙ୍କା ଦେଖାଦେଲାଣି । ଖାଦ୍ୟ ସଚିବଙ୍କ ଆକଳନ ଯାହା, ତାହା ଦେଶବାସୀଙ୍କ ପାଇଁ ଅବଶ୍ୟ ଉଦ୍‌ବେଗର କାରଣ ହୋଇପାରେ । ଶୁକ୍ରବାର ଖାଦ୍ୟ ସଚିବ ସତର୍କବାଣୀ ଶୁଣାଇ ଦେଇଛନ୍ତି କି, ଚଳିତବର୍ଷ ଖାଦ୍ୟଶସ୍ୟ ବିଶେଷକରି ଖରିଫ୍ ଧାନ ଉତ୍ପାଦନ ଦଶରୁ ବାର ନିୟୁତ ଟନ୍ ଊଣା ହେବାର ପ୍ରଧାନ କାରଣ ଧାନତଳି ରୁଆ ଏରିଆ କମିଯାଇଛି । ଦୁଇ-ତିନି ଦିନ ତଳେ ସରକାର ଭଙ୍ଗା ଚାଉଳ ରପ୍ତାନି ଉପରେ କଟକଣା ଲଗାଇଛନ୍ତି । ତାହା ବାଦ୍ ଅଣ-ବାସମତି ଚାଉଳ ଉପରେ ୨୦% ଟିକସ ଲଗାଇଛନ୍ତି । ଏହାଫଳରେ ଘରୋଇ ବଜାରରେ ଚାଉଳ ଦରରେ ବୃଦ୍ଧି ଘଟିବ । ପାଇକାରୀ ବଜାରରେ ତାହା ୮ ଶତାଂଶ ହେବା ବେଳକୁ ଖୁଚୁରା ଦରରେ ଅଧିକ ହେବ ୬ ପ୍ରତିଶତ ବୃଦ୍ଧି । କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେଙ୍କ ସୂଚନା ମୁତାବକ ଶସ୍ୟ ଉତ୍ପାଦନ ଏରିଆ କମିବାରେ ଲାଗିଛି । ପୂର୍ବାପେକ୍ଷା ଏବର୍ଷ ତାହା ହ୍ରାସ ପାଇଛି ୩୮ ଲକ୍ଷ ଏକର । ଏହା ହେବାର କାରଣ କିଛି ରାଜ୍ୟରେ ସ୍ୱଳ୍ପ ବୃଷ୍ଟି । ବିହାର, ଝାଡ଼ଖଣ୍ଡ ଭଳି କେତୋଟି ରାଜ୍ୟରେ ଅନିୟମିତ ବୃଷ୍ଟିପାତ ଫଳରେ ଶସ୍ୟ ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ଏରିଆ କମିବାରେ ଲାଗିଛି । ଏହି ସମସ୍ୟ ଦିନକୁ ଦିନ ଅଧିକ ଉତ୍କଟ ହେବାକୁ ଯାଉଛି । ପ୍ରାକୃତିକ ବିପ୍ୱାତ- ବିପର୍ଯ୍ୟୟ ଏମିତିରେ ଲାଗି ରହିଛି । ତାହା ଆମ ଜୀବନଚର୍ଯ୍ୟାକୁ ପ୍ରତିକୂଳ ଗତିରେ ପ୍ରଭାବିତ କରିଚାଲିଛି । ବିଭିନ୍ନ ସହର-ଜନପଦ କିଭଳି ବନ୍ୟା-ବାତ୍ୟାରେ ପ୍ରଭାବିତ ହେଉଛି, ତାହା ସମସ୍ତେ ଦେଖୁଛନ୍ତି ବାହାର ଦେଶ କଥା ଦୂରେ ଥାଉ, ଆମ ଦେଶର ସିଲିକନ୍ ସିଟିର ମାନ୍ୟତା ପାଇଥିବା ବେଙ୍ଗାଲୁରୁ ହାଲ୍‌ରୁ ବୁଝିହେବ ସ୍ଥିତି କେତେ ଗମ୍ଭୀର । ଚାଉଳ, ଗହମ ଓ ଅନ୍ୟ ଶସ୍ୟ ପାଇଁ ଅଞ୍ଚଳ ସଂକୁଚିତ ହେବାଦ୍ୱାରା ଆଗକୁ କେଉଁ ଧରଣର ସଂକଟ ଟାକି ବସିଛି, ତାହା କେବଳ ଅନୁମାନ କରିବା କଥା । ଆମ ଦେଶ କାହିଁକି, ବିଶ୍ୱରେ ଖାଦ୍ୟାନ୍ନ ସଙ୍କଟ ଉଙ୍କି ମାରିବା ସମସ୍ତଙ୍କ ପାଇଁ ସମସ୍ୟା ହୋଇ ଦେଖାଦେବ । ଯେଉଁ ୟୁକ୍ରେନ୍ ଓ ରୁଷ ଗହମ ଉତ୍ପାଦନ ପାଇଁ ରେକର୍ଡ କରୁଥିଲା, ତାହା ଆଜିର ଦିନରେ ମରୁଭୂମି ହୋଇସାରିଛି । ଯୁଦ୍ଧବିଗ୍ରହ ଏହି ଦେଶ୍ଗୁଡ଼ିକ ପାଇଁ ସମସ୍ୟାର କାରଣ ହୋଇଛି । ଆଗାମୀ ଦିନରେ ସ୍ଥିତି କେଉଁଭଳି ହେବ, ତାହା କେହି ଜାଣନ୍ତି ନାହିଁ । ପାଣିପାଗ ବିଜ୍ଞାନୀମାନେ ଯେଉଁଭଳି ଆକଳନ ଶୁଣାଉଛନ୍ତି, ତାହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହେଲାଣି । କେତେବେଳେ ମରୁଡ଼ି ତ' କେତେବେଳେ ବନ୍ୟା ଓ ବାତ୍ୟା । ଅଧିକାଂଶ କହୁଛନ୍ତି ଯେ, ମୃତ୍ତିକା ଅନୁର୍ବର ହୋଇସାରିଲାଣି । ବାରମ୍ବାର ବାର୍ଷିକ ସାର ପ୍ରୟୋଗ ଫଳରେ ମାଟି ତାର ମୌଳିକ ସାରତତ୍ତ୍ୱ ହରାଇ ବସୁଛି । ସୁତରାଂ ଯେଉଁ ଫଳିବା କ୍ଷେତ୍ର ସଂକୁଚିତ ହୋଇଯିବା କଥା କୁହାଯାଉଛି, ତାହାର କୁପରିଣତି ଆମକୁ ଭୋଗିବାକୁ ହେଉଛି । ମୃତ୍ତିକା ଥରକୁ ଥର ରାସାୟନିକ ପିଡ଼ିଆ ପ୍ରୟୋଗ ଫଳରେ ରୀତିମତ ଲାଞ୍ଜୁଆ ହୋଇଯାଉଛି । ଅର୍ଥାତ୍ ମୂଳ ସାର ଓ ପ୍ରାକୃତିକ ଜୈବିକ ସାର ଆଉ ମାଟି ନପାଇବା ହେତୁ ତାର ଉର୍ବର ଶକ୍ତି କମି କମି ଏହିଭଳି ସ୍ଥିତିର କାରଣ ହେଲାଣି । ଜୈବିକ ସାର ଆଜିକାଲି ସାତ ସପନ ହେଲାଣି । ରାସାୟନିକ ସାର ଓ ଔଷଧ ପ୍ରୟୋଗ ହେତୁ ଧାନ, ଗହମ ଓ ଅନ୍ୟାନ୍ୟ ତୈଳବୀଜର ଉତ୍ପାଦନ ବହୁଗୁଣ ବଢ଼ିଯାଉଛି । ମାତ୍ର ତାହା କେତେଦୂର ଖାଦ୍ୟୋପଯୋଗୀ, କିଏ ଦେଖୁଛି ? ସେହିଭଳି ପ୍ରକୃତି ଉପରେ ଆମେ ଯେଉଁଭଳି ଅତ୍ୟାଚାର କରୁଥାଇ, ତାହାର ପ୍ରତିଶୋଧ ନେଉଛି ସେହି ପ୍ରକୃତି । ଯାହା ପ୍ରକୃତିଦତ୍ତ, ତାହା ପ୍ରାକୃତିକ । ଧାନ, ଗହମ ଓ ଅନ୍ୟ ତୈଳବୀଜ ଉତ୍ପାଦନରେ ଯେଉଁଭଳି ବିଭ୍ରାଟ ଲାଗି ରହିଛି, ତାହା ଏକ ବିଷଚକ୍ର । ସେହି ବିଷବଳୟରୁ ମୁକ୍ତି ପାଇବାକୁ ହେଲେ ଆମକୁ ପୁଣି ପ୍ରକୃତି କୋଳକୁ ଫେରିବାକୁ ହେବ । କୃତ୍ରିମ ସାର ପ୍ରୟୋଗ କେତେ କ୍ଷତିକାରକ ତାହା ନେଇ ବହୁ କଥା କୁହାଯାଉଛି । ମାତ୍ର ମାନବ ଶିଶୁ ପାଇଁ ଅନୁପଯୁକ୍ତ ଖାଦ୍ୟଶସ୍ୟ ପାଇଁ ଅହେତୁକ ଲାଳସା ଓ ବିଜ୍ଞାନର ତଥାକଥିତ ଜୟଯାତ୍ରା ଖାଦ୍ୟଶସ୍ୟ ପାଇଁ ଅହେତୁକ ଲାଳସା ଓ ବିଜ୍ଞାନର ତଥାକଥିତ ଜୟଯାତ୍ରା ମଣିଷକୁ ବିପଥଗାମୀ କରୁଛି ।

# ସମାଜ ସଂହତିରେ ପବିତ୍ର ଭାବନା : ଈଶ୍ୱରଙ୍କ ଉପଲବ୍ଧି !



**ପ୍ରଦୋଷ କୁମାର ଦାସ**

ଆମ ସମାଜର ସୁରକ୍ଷା ଓ ସଂହତି ହାସଲ ପାଇଁ ସବୁବର୍ଗରେ ପବିତ୍ର ଭାବନାର ଉଦ୍ରେକ ହେବା ଜରୁରୀ। ଏଥିପାଇଁ ଉତ୍ତମ ଚରିତ୍ର ଗଠନର ଆବଶ୍ୟକତା ରହିଛି। ସାମାଜିକ ପ୍ରାଣୀ ଭାବେ ସୁସଂହତ ହୋଇ ଏଦିଗରେ ଆମେ ସମସ୍ତେ ବଡ ଓ ମୁରବୀମାନଙ୍କୁ ଯତପରୋନାସ୍ତି ଚିନ୍ତା କରିବାକୁ ପଡିବ। ଆମେ ସଂସ୍କାରୀ ହେଲେ ଆମ ଉତ୍ତରପୀଢି ସୁସଂହତ ହୋଇପାରିବେ। ଦୁଃଖ ଲାଗେ, ଏବେ ସତ୍ ମାର୍ଗରେ ସଂଖ୍ୟାଗରିଷ୍ଠ ପରିଚାଳିତ ହେବାରେ ବେଶ୍ ବେପରୁଆ ଅଟନ୍ତି। ଭୁଲିଯିବା ଉଚିତ୍ ନୁହେଁଯେ, ଯଥେଚ୍ଛାଚାରୀ ହେଲେ ଏହା ସମାଜକୁ କଳୁଷିତ କରିବା ସହିତ ବିଭିନ୍ନ ବର୍ଗକୁ କ୍ରମେ ପଥଭ୍ରଷ୍ଟ କରିଥାଏ। ଚରିତ୍ର ଦୁଷଣରୁ ପବିତ୍ର ଭାବନା ଏବେ ହଜି ହଜି ଯାଉଛି। ଫଳରେ ନୀରିହ ଅତ୍ୟାଚାରିତ ପାଷାଣ୍ଡ ନିଜ ଯଥେଚ୍ଛାଚାରରେ ପ୍ରମତ୍ତ ହୋଇ ସତେ ଯେପରି ନିଦାଘର ଟାଣ ଖରା ସମାନ ଯନ୍ତ୍ରଣାର କାରଣ ହୋଇ ତୀବ୍ର ଝାଂଜି ପବନର କଷଣରେ ସାଧାରଣରେ ସନ୍ତପ୍ତ କରିଚାଲିଛନ୍ତି। ହତ୍ୟା, ଲୁଣ୍ଠନ, ଚୋରି, ରାହାଜାନୀ, ଶିଶୁ ଓ ନାରୀ ନର୍ଯ୍ୟାତନା, ଦୁଷ୍କର୍ମ, ପରକୀୟା ପ୍ରୀତି, ଅପହରଣ ଭଳି ନାନା ଅପକର୍ମମାନ ବଢି ବଢି ଚାଲିଛି। ଆଇନକୁ ଆଖିଠାର ମାରି ନ୍ୟସ୍ତସ୍ୱାର୍ଥ, ଅସାମାଜିକ ବ୍ୟକ୍ତି ଅପକର୍ମ କଲାବେଳେ ଆପଣା ବିବେକର ପଥ ହୁଡୁଛି। ସଂସାରରେ କାହାର ଦାମ୍ଭିକତା ରହିନାହିଁ କି ଆଗକୁ ମଧ ରହିବ ନାହିଁ। ବେଳହୁଁ ସତର୍କ ହେଲେ ସମାଜର ସୁରକ୍ଷା, ଶାନ୍ତି, ସୌହାର୍ଦ୍ଦ୍ୟ ରକ୍ଷା ହୋଇପାରିବ। ଏଣୁ ସଭିଏଁ ପବିତ୍ର ଭାବନା ଧରି ପରସ୍ପର ସହ ଆତ୍ମିକ ଓ ଏକନିଷ୍ଠ ହେବା ବିଧେୟ।

ସଂପ୍ରତି ସମାଜରେ ପବିତ୍ର ଭାବନାର ଅବକ୍ଷୟ ଘଟିବାରେ ଲାଗିଛି।

ସବୁ କ୍ଷେତ୍ରରେ ଏବେ ଲୋକଙ୍କ ମଧ୍ୟରେ ଚରିତ୍ର ସ୍ଖଳନତା ଏକ ମାମୁଲି ଘଟଣା ଭଳି ଦେଖାଦେବାରେ ଲାଗିଛି। ସେହିପରି ଆବଶ୍ୟକ ସଚେତନତା ଅଭାବରୁ ଯୁବସୁଲଭ ଚପଳତାର ବଶବର୍ତ୍ତୀ ହୋଇ ସ୍କୁଲ କଲେଜରେ ଅଧ୍ୟନରତ ବିଦ୍ୟାର୍ଥୀମାନେ ଅନେକାଂଶରେ ଶିକ୍ଷାନୁଷ୍ଠାନରେ ପାଠ ଅପେକ୍ଷା ଅଯଥା ଶାଠରେ ଅଧିକତର ମନୋନିବେଶ କରୁଛନ୍ତି। ପିତାମାତା ପେଟରୁ କାଟି,ମୁଣ୍ଡଝାଳ ତୁଣ୍ଡରେ ମାରି ନିଜକୁ ଅବହେଳା କରି ଆପଣା ସନ୍ତାନସନ୍ତତିଙ୍କ ଭବିଷ୍ୟତ କଲ୍ୟାଣ ନିମିତ୍ତ ଯତ୍ନଶୀଳ। ହେଲେ ଅନେକ କ୍ଷେତ୍ରରେ ପିଲାଏ କୁସଙ୍ଗରେ ପଡି ପାଠପଢା ଛାଡି ଅଯଥା ଫୁର୍ତ୍ତି ଫାଜିଲାମୀରେ ମାତି ନିଜର ଭବିଷ୍ୟତକୁ ଅନ୍ଧକାରର ଗହ୍ୱରକୁ ନିକ୍ଷେପ କରିବାରେ ତିଳେମାତ୍ର ଭୃକ୍ଷେପ କରୁନାହିଁ। ଏଥିରେ ପ୍ରଭାବିତ ଅନ୍ୟ ଚପଳଙ୍କ ମତିଭ୍ରଷ୍ଟ ମଧ ହେଉଛି। ଏବେ ଅନେକ ସ୍ଥଳ ବିଶେଷରେ ବିଦ୍ୟାର୍ଥୀଙ୍କର ସମାଜ ପ୍ରତି ଆବଶ୍ୟକ ଦାୟିତ୍ୱବୋଧତାର ଘୋର ଅଭାବ ରହିଛି। ଏଥିପାଇଁ ପ୍ରତି ପରିବାରରେ ମୁରବୀ, ବାପାମାଆ,ଗୁରୁଗୁରୁଜନଙ୍କ ମଧ୍ୟରେ ମାନସମନ୍ୱନ ହେବା ଜରୁରୀ।ପବିତ୍ର ଚିନ୍ତନରେ ସମାଧାନର ପନ୍ଥା ଅନେଷ୍ୱଣର ଯଥାର୍ଥ ଆବଶ୍ୟକତା ରହିଛି। ଛାତ୍ରଛାତ୍ରୀଙ୍କ ସମାଜରେ ଚରିତ୍ର ଗଠନ ପାଇଁ ଆବଶ୍ୟକ ପବିତ୍ର ଭାବନା ଓ ସମର୍ପିତ ଚିନ୍ତା ଓ ଚେତନାରେ ଜାଗରଣ ସୃଷ୍ଟିର ପରମ ଆବଶ୍ୟକତା ରହିଛି।

ଆମେ ଆମ ଭବିଷ୍ୟତ ଉତ୍ତରପୀଢିଙ୍କ ଠାରୁ ସଂସ୍କାର ଆଶା କରିବା ପୂର୍ବରୁ ପ୍ରଥମେ ଆମକୁ ଆମ ମଧ୍ୟରେ ଯତପରୋନାସ୍ତି ନିଜକୁ ପ୍ରଥମେ ଆଦର୍ଶ ବ୍ୟକ୍ତିତ୍ୱରେ ପରିଣତ କରାଇବାକୁ ପଡିବ। ବିନୟୀ ତଥା ଈଶ୍ୱର ବିଶ୍ୱାସୀ ହୋଇ ଆପଣା ହୃଦୟକୁ ଭଗବତ୍ ଚିନ୍ତା ଓ ଚେତନାରେ ଉଦବୁଦ୍ଧ କରାଇବାକୁ ପଡିବ। ଏଥିପାଇଁ ସମାଜର ସମୂହ କଲ୍ୟାଣ ନିମିତ୍ତ ଉତ୍ସର୍ଗୀକୃତ ମନୋଭାବରେ ଆମ ନିଜକୁ ପ୍ରଥମେ ବିନୟୀ ହେବାକୁ ପଡିବ। ସୁଦ୍ଧ ଓ ସଚ୍ଚରିତ୍ର ଗଠନରେ ସ୍କୁଲ କଲେଜ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଦାନ କାଳରେ ସତ୍ ମାର୍ଗରେ ପରିଚାଳିତ ହେବାକୁ ଆବଶ୍ୟକ ଦିଗଦର୍ଶନ ଦେବାକୁ ହେବ। ସମାଜର ଉନ୍ନତି, ସ୍ଥିରତା ଓ ସୁରକ୍ଷା କେବଳ ପବିତ୍ର ଭାବନା ଉପରେ ନିର୍ଭରଶୀଳ। ଆମେ ବଡମାନେ ଆପଣା ପରିବାରରେ ନିତିପ୍ରତିଦିନ ନିର୍ବାହ କରୁଥିବା କର୍ତ୍ତବ୍ୟକର୍ମ କେତେ ଆଦର୍ଶ ସ୍ଥାନୀୟ ବୋଲି ନିଜନିଜ ଆତ୍ମା ଓ ବିବେକର ପ୍ରଶ୍ନର ସମ୍ମୁଖୀନ ହେବା ଉଚିତ୍। ପ୍ରତି କ୍ଷେତ୍ରରେ ଆମେ ବଡମାନେ ସଂସ୍କାରୀ ହେଲେ ଯାଇ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏହାର ଗଭୀର ପ୍ରଭାବ ଆମ ଉତ୍ତର ପୀଢିଙ୍କ ଉପରେ ପଡିବା ସୁନିଶ୍ଚିତ।

ପବିତ୍ର ଭାବନା ଓ ସତ୍ କର୍ମ ଆମକୁ ବିନୟୀ କରାଏ। କଷା ,କଟୁ ଆସ୍ୱାଦନରୁ ମିଠା ଆସ୍ୱାଦନ କରିବା ନିହାତି ବୃଥା । ଭଗବତ୍ ଚେତନା ସବୁ ଧର୍ମରେ ରହିଅଛି। ଅଜଣାତରେ ଭୂଲ୍ କାମ କରି ପଶ୍ଚାତାପ କରିବା ତଥା ସତ୍ୟର ସାମନା କରିବାରେ ଆପଣା ଆତ୍ମ ବିଶ୍ୱାସକୁ ଜାଗ୍ରତ କରାଇଥାଏ। ଜାଣିଶୁଣି ବାରମ୍ବାର ଭୂଲ କଲେ ଈଶ୍ୱର କେବେ କ୍ଷମା ଦେଇନଥାନ୍ତି। ସଂଜମୀ ବ୍ୟକ୍ତି କାୟମନୋବାକ୍ୟରେ ସୁସଂହତ ହୋଇ ପବିତ୍ର ଭାବନାରେ ସଦା ଆପ୍ଲୁତ ରହିଥାଏ। ପବିତ୍ର ଆତ୍ମାର ଅଧିକାରୀ ସବୁକାଳେ ସାଧୁସନ୍ଥଙ୍କ ପରି ଆଚରଣ ପ୍ରଦର୍ଶନ କରି ତା' ସମ୍ମୁଖରେ ପ୍ରତିବନ୍ଧକ ସାଜୁଥିବା ଅବକ୍ଷୟମୁଖୀ ସମାଜର କଲ୍ୟାଣ ଲାଗି ସଦା ତତ୍ପର ହୋଇଥାଏ। ଦିବ୍ୟତ୍ୱ ପ୍ରାପ୍ତି କେବଳ ଦେବ ସୁଲଭ ଗୁଣର ଅଧିକାରୀ

ବ୍ୟକ୍ତି ହିଁ ପାପ୍ତ କରିଥାଏ। ଏଥିପାଇଁ ପ୍ରତି ସମୟ ଅବିଚଳିତ ଭାବେ ବ୍ୟକ୍ତିଟିଏକୁ ପବିତ୍ର ଭାବନାରେ ଆପଣା ଜ୍ଞାନ, ବୁଦ୍ଧି, ବିବେକ ତଥା କର୍ମକୁ ସତ୍ ମାର୍ଗରେ ପରିଚାଳିତ କରିବାକୁ ହୋଇଥାଏ।ଏଥିରେ ଈଶ୍ୱରଙ୍କ ଉପଲବ୍ଧି ମିଳିଥାଏ।

ପବିତ୍ର ଭାବନା ସବୁକାଳେ ପ୍ରତିଟି ହୃଦୟର ସଂଜମତାର ଉତ୍ସ ଅଟେ। ବାସ୍ନାୟିତ କୁସୁମ ସମାନ ଏହାର ସୁଗନ୍ଧି ଆଖପାଖ ପରିବେଶକୁ ଯେପରି ସଂଚରିଯାଇ ଅନ୍ୟକୁ ଆହ୍ଲାଦିତ କରିଦେଇଥାଏ, ଠିକ୍ ସେହିପରି ଦେବ ସୁଲଭ ଗୁଣର ଅଧିକାରୀ ବ୍ୟକ୍ତିଟିଏ ଆପଣାର ପବିତ୍ର ଭାବନାର ସୁପ୍ରଭାବ ସମାଜ ଉପରେ ପକାଇ ସାଧାରଣରେ ଏହାର ସୁଖଦ ଉପଲବ୍ଧି ପ୍ରଦାନ କରିଥାଏ। ସମର୍ପିତ ଭାବ ନେଇ ସଚରାଚର ପ୍ରାଣୀ

ପ୍ରାତଃ କାଳରୁ ନିଶୀଥ ଓ କ୍ରମେ ରାତ୍ରୀ ଅବସାନେ ପୁନଃପୌନିକତାର ଆଧାରରେ ପ୍ରାତଃ କାଳର ଅବକାଶ ମଧ୍ୟରେ ରହିଥିବା ସମୟର ଏହି ଆହ୍ନିକ ଗତିରେ ନିରନ୍ତର ଦିବାନିଶୀ ହୋଇ ସଚରାଚର ମହିମଣ୍ଡଳ ଯଥାରୀତି ଗତିଶୀଳ। ଏହାରି ମଧ୍ୟରେ ଜ୍ଞାନୀ ମଣିଷଟିଏ ଆପଣା ଜୀବ ଦଶାରେ କାହିଁକି ପବିତ୍ର ସତ୍ତାର ଅନୁସଂଧାନ ନକରିବ? ଏହି ପବିତ୍ର ସତ୍ତା ସାକ୍ଷାତ୍ ପବିତ୍ର ଭାବନାର ଉତ୍ସ ଅଟେ। ବିଶ୍ୱ ବ୍ରହ୍ମାଣ୍ଡର ଅଧିପତି ଅଦୃଶ୍ୟ ଈଶ୍ୱରଙ୍କ ସତ୍ତାର ସାନ୍ନିଧ ପାଇବାରେ ତଥା ଦେବତ୍ୱ ଗୁଣର ଅଧିକାରୀ ହେବାକୁ ହେଲେ ଆପଣା ହୃଦୟରେ ପ୍ରତିକାଳେ କେବଳ ପବିତ୍ର ଭାବନା ଉଦ୍ରେକ କରିବା ଦ୍ୱାରାହିଁ ସମ୍ଭବ ହୋଇଥାଏ।

ଆସନ୍ତୁ ସର୍ବଧର୍ମ ସମନ୍ୱୟରେ ସୁସଂସହତ ହୋଇ ନିୟତ ନିରନ୍ତର ଆପଣା କାୟମନୋବାକ୍ୟରେ ପବିତ୍ର ଭାବନାର ଜାଗରଣ ଆଣି ଆପଣାର ଈଶ୍ୱରଙ୍କ ସତ୍ତାକୁ ଉପଲବ୍ଧି କରିବା!!!!


♥ସ୍ତମ୍ଭକାର, ସା/ପୋ:-
ନାଚୁଣୀ, ଜିଲ୍ଲା:-ଖୋରଧା-
୭୫୨୦୩୪
ମୋ: ୬୩୭୦୪୯୫୯୪୪


# ସତ୍‌ସଙ୍ଗର ଆହ୍ୱାନ: ଇଷ୍ଟାନୁକୂଳ ରାଜନୀତି



**ପ୍ର.ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଭାରତର ରାଜନୈତିକ ପୃଷ୍ଠଭୂମିକୁ ଅବଲୋକନ କରି ଯୁଗଗୁରୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - (୨୩.୨.୧୯୪୮) ଯାହା କରା ହେଉଛି ବା ହୋଇଛି ତାର ପଛରେ ଯଦି ଆତ୍ମନିବେଦନ ପରାୟଣ ଆଚାର୍ଯ୍ୟ ରହିଥାନ୍ତେ ଏବଂ ତାଙ୍କ ଠାରେ ଯଦି ସମସ୍ତଙ୍କର ଆତ୍ମନିବେଦନ ରହିଥାନ୍ତା। କଅଣ ଯେ କାଣ୍ଡ ଘଟିଯାଇଥାନ୍ତା ତାହା ବର୍ଣ୍ଣନା କରି ହେବନାହିଁ। ଧର୍ମ, ଦୀକ୍ଷା, ଗୁରୁଭକ୍ତି, ଆତ୍ମନିୟନ୍ତ୍ରଣ ଓ ସାଧନା ବାଦ୍ ଦେଇ ଯେଉଁ ଆନ୍ଦୋଳନ କରାହେଉନା କାହିଁକି ତାହା ମୂଳକାଟି ଅଗରେ ପାଣି ଢ଼ାଳିବା ସହ ସମାନ। ସେଥିରେ କର୍ମ ଛାଡ଼ି ଅକର୍ମ ବେଶୀ ହୁଏ। ତା ନହୋଇଥିଲେ ଦେଶଟି ଦୁଇ ଭାଗ କାହିଁକି ହେଲା? ଏଥିରେ ହିନ୍ଦୁ ଓ ମୁସଲମାନ ଉଭୟଙ୍କର କ୍ଷତି ହୋଇଛି। ଭାରତବର୍ଷ ଅବିଭକ୍ତ ଓ ସଂହତ ରହିଲେ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତିଟି ନରନାରୀ ବହୁତ ବେଶୀ ସୁଖ ଓ ସମୃଦ୍ଧ ହୋଇଥାନ୍ତେ। ଆଜି ପାରସ୍ପରିକ ଦ୍ୱନ୍ଦ୍ୱରେ ଉଭୟ ଭାରତ ଓ ପାକିସ୍ତାନ ଦୁର୍ବଳ ଓ କ୍ଷତିଗ୍ରସ୍ତ ହେଉଛନ୍ତି ଓ ତାର ସୁଯୋଗ ଗ୍ରହଣ କରୁଛନ୍ତି ଅନ୍ୟରାଷ୍ଟ୍ର। ଆମ୍ଭେମାନେ ହିନ୍ଦୁ, କିନ୍ତୁ ହିନ୍ଦୁତ୍ୱର ମୂଳସ୍ତମ୍ଭ ଗୁଡ଼ିକ ଆମ୍ଭେମାନେ ଜାଣିନାହୁଁ ଓ ମାନୁନାହୁଁ। ଆମ୍ଭମାନଙ୍କର ଉଚିତ ଏକ ଓ ଅଦ୍ୱିତୀୟଙ୍କୁ ମାନି ଚାଲିବା, ପୂର୍ବତନ ଋଷି ମହାପୁରୁଷ ମାନଙ୍କ ପ୍ରତି ନତିସମ୍ପନ୍ନ ହେବା, ପିତୃପୁରୁଷଗଣ ପ୍ରତି ଭକ୍ତି-ଶ୍ରଦ୍ଧା ନେଇ ଚାଲିବା, ବର୍ଣ୍ଣାଶ୍ରମର ସାର୍ବଜନୀନ ବୈଜ୍ଞାନିକ ତାତ୍ପର୍ଯ୍ୟକୁ ବାସ୍ତବରେ ଅନୁସରଣ କରିବା ଅର୍ଥାତ୍ ସହଜାତ ସଂସ୍କାର ଅନୁଯାୟୀ ବୃତ୍ତି ଓ ଶ୍ରେଣୀ ବିନ୍ୟାସ କରିବା ଏବଂ ସର୍ବୋପରି ବୈଶିଷ୍ଟ୍ୟପାଳୀ ଆପୂରୟମାଣ ବର୍ତ୍ତମାନ ମହାପୁରୁଷ ଯିଏ ତାଙ୍କ ପାଖରେ ଶରଣାପନ୍ନ ହେବା। ସମସ୍ତେ ଏହି ନିୟମରେ ଚାଲିଲେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଏକ ମାଆର ସନ୍ତାନ ଭାବି ଚଳିବେ। ସାମ୍ପ୍ରଦାୟିକ ବିରୋଧର ଅବକାଶ ରହେନାହିଁ। ପୂର୍ବତନ ଓ ପରବର୍ତ୍ତୀଙ୍କୁ ମାନିବାର ନୀତି ସବୁ ଧର୍ମଗ୍ରନ୍ଥରେ ମିଳେ। ତେଣୁ ପ୍ରତ୍ୟାୟତ୍ମକ ଭଙ୍ଗୀରେ ଯୁଗ ପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ମୋର ମନେହୁଏ ଧର୍ମର ଏହି ସାର୍ବଜନୀନ ନୀତିଗୁଡ଼ିକ ସମସ୍ତଙ୍କର ଜାଣିବା ଉଚିତ ଓ ଏଥିରେ ରାଜନୀତି ବା ଶ୍ରେଷ୍ଠନୀତିର ସୁଷ୍ଠୁ ଅନୁଶୀଳନ ବାସ୍ତବରେ ହୁଏ। ଧର୍ମର ଅର୍ଥ ବଞ୍ଚିବା ଓ ବଢ଼ିବା, ଏହି ବୃଦ୍ଧି ବ୍ୟଷ୍ଟିଗତ ଓ ସମଷ୍ଟିଗତ ଭାବେ - ସର୍ବତୋମୁଖୀ ସମ୍ବର୍ଦ୍ଧନାରେ।

ରାଜନୀତିର ମଧ ଲକ୍ଷ୍ୟ ମନୁଷ୍ୟର କଲ୍ୟାଣ। ତେଣୁ ଏହି କଲ୍ୟାଣ ଧର୍ମସମ୍ମତ ହେବା ବାଧ ଓ ବିଧେୟ। ଧର୍ମ ବିରୁଦ୍ଧ ଯାହା ତାହା ପ୍ରକୃତ ପକ୍ଷେ ଜୀବନର ବିରୁଦ୍ଧ ଓ ପ୍ରତିକୂଳ। ତେଣୁ ଧର୍ମ ବାଦ୍ ଦେଇ ଚଳିବା ଅସମ୍ଭବ, ଈଶ୍ୱରପରାୟଣତା ହିଁ ସ୍ୱସ୍ତିର ପଥ। ଯେପରି ଭାବରେ ହେଉ ଏହି ପଥରେ ଚାଲିବାକୁ ପଡ଼ିବ। ସକଳ ସମ୍ପ୍ରଦାୟର ମଧ ଏହି ଏକ ଲକ୍ଷ୍ୟ। ତେଣୁ ସାମ୍ପ୍ରଦାୟିକ ବିଦ୍ୱେଷର ପ୍ରଶ୍ରୟ ନ ଦେଇ ପ୍ରତ୍ୟେକ ଯେପରି ନିଜର ବୈଶିଷ୍ଟ୍ୟ ଅନୁଯାୟୀ ଧର୍ମନିଷ୍ଠ ହୋଇ ଚାଲନ୍ତି ସେହି ବ୍ୟବସ୍ଥା କରିବାକୁହୁଏ। ଜନସାଧାରଣଙ୍କ ମଧ୍ୟରେ ଏହି ସବୁ ଗୁଣ ଗୁଡ଼ିକର ବିକାଶ ନଘଟିଲେ ରାଷ୍ଟ୍ର ନଷ୍ଟ ହୋଇଯିବ। ବିଶେଷ ଭାବରେ ନେତା ଯେଉଁମାନେ ହେବେ ସେମାନେ ପ୍ରକୃଷ୍ଟ ଭାବରେ ନୀତ ହେବା ଆବଶ୍ୟକ, ତା ନହେଲେ ଲୋକ - ପରିଚାଳନାର ଏତେ ବଡ଼ ଦାୟିତ୍ୱ ପାଳନ କରିବା କି ସହଜ କଥା? ଯିଏ ଶ୍ରେୟକୁ ମାନି ଚଳନ୍ତି ଓ ତାଙ୍କର ଅନୁଶାସନକୁ ମାନିନେଇ ନିଜକୁ ନିୟନ୍ତ୍ରିତ କରନ୍ତି, ଲୋକ ତାଙ୍କୁ ନିଶ୍ଚୟ ମାନିବେ। ନେତାମାନେ ଆଦର୍ଶ ଠାରେ ନୀତ ହେଲେ ଉନ୍ନତିର ପଥ ପରିଷ୍କାର ହୁଏ। ଗୁରୁ ରାମଦାସଙ୍କ ଅନୁଗତ ହୋଇ ଛତ୍ରପତି ଶିବାଜୀ ଯେଉଁଭାବେ ରାଜନୀତି ଓ ରାଜ୍ୟ ପରିଚାଳନା କରୁଥିଲେ ତାର କି ତୁଳନା ଅଛି? ଧର୍ମ ଓ ଗୁରୁଙ୍କ ଅନୁଶାସନ ଉପରେ ଦଣ୍ଡାୟମାନ ହେଲେ ଶକ୍ତିବୃଦ୍ଧି ହୁଏ। ଆମ୍ଭମାନଙ୍କୁ ଦେଖିବାକୁ ହେବ ଆମ୍ଭେମାନେ ବୈଶିଷ୍ଟ୍ୟପାଳୀ ଆପୂରୟମାଣ ମହାପୁରୁଷ ମାନଙ୍କ ପ୍ରଦର୍ଶିତ ପଥରେ ଚାଲୁଛୁ କି ନାହିଁ? ଭଗବାନ ଶ୍ରୀରାମ, ଭଗବାନ ଶ୍ରୀକୃଷ୍ଣ, ଭଗବାନ ବୁଦ୍ଧଦେବ, ଭଗବାନ ଯୀଶୁଖ୍ରୀଷ୍ଟ, ଭଗବାନ ରସୁଲ, ଭଗବାନ ଶ୍ରୀଚୈତନ୍ୟ ଦେବ, ଭଗବାନ ଶ୍ରୀରାମକୃଷ୍ଣ ଓ ବର୍ତ୍ତମାନର ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଇତ୍ୟାଦି ଅବତାର ମହାପୁରୁଷମାନଙ୍କର ଜୀବନ ଓ ବାଣୀ ମଧ୍ୟରେ ଏକ ଗଭୀର ଏକସୂତ୍ର ସଙ୍ଗତି ଓ ପାରସ୍ପରିକ ସମର୍ଥନର ଅନୁରଣନ ମିଳେ। ଅବତାର ମାନଙ୍କର ଅନୁସୃତ ଧାରା ଅନୁଯାୟୀ ଆମ୍ଭମାନଙ୍କୁ ସବୁ ଦିଗ ଦେଇ ଉତ୍କର୍ଷ ପଥରେ ଚାଲିବାକୁ ହେବ। କଥା ପ୍ରସଙ୍ଗରେ ହିନ୍ଦୁ ମହାସଭାର ନେତା ଏନ୍.ସି. ଚାଟାର୍ଜୀଙ୍କ ସହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋର ମନେହୁଏ ହିନ୍ଦୁ ମହାସଭାର ନାମ ଆର୍ଯ୍ୟମହାସଭା ରଖିଥିଲେ ସେଥିରେ ମୁସଲମାନ ଓ ଖ୍ରୀଷ୍ଟିଆନ ମାନେ ମଧ ସଭ୍ୟ ହୋଇପାରିବେ। ଆର୍ଯ୍ୟମାନଙ୍କର ଅଛି ଋଷି ପରମ୍ପରା ଓ ପିତୃପୁରୁଷଙ୍କୁ ମାନିବାର କଥା। ଏହି ଧାରା ଯଦି ଠିକ୍ ରହେ ତାହାହେଲେ ସାମ୍ପ୍ରଦାୟିକ ସମସ୍ୟା ମୁଣ୍ଡ ଟେକି ପାରେନାହିଁ। ଧର୍ମ ଓ ଆଦର୍ଶର ପ୍ରତିଷ୍ଠା କରିବାକୁ ହୁଏ। ନ ହେଲେ ମନୁଷ୍ୟ ନିୟନ୍ତ୍ରିତ ଓ ସଂହତ ହୁଏନାହିଁ।


♥ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ: ୯୪୩୭୦୫୧୯୫୭





### ପ୍ରତିଛବି
**ବାପିନି ସିଂ**

ଆଇନାକୁ ଦେଖୁଥିଲି ନିରିଖି ନିରିଖି
ସେ ମଧ ମୋତେ !
ଜଣାପଡ଼ିଲାନି କେତେବେଳେ
ତୁମ ଭାବନାକୁ ନେଇ,
ଯୋଡ଼ି ଦେଇଥିଲି ଆଇନା ଦେହରେ।

ସରଳ ହୃଦୟ ଆଉ ଆଇନା ଭିତରେ
ସମାନ ଏତିକି ଥିଲା,
ସେ ଗ୍ରହଣ କରିପାରୁନଥିଲା ମିଛ ।
ନଥିଲା ତା'ର ଭାଙ୍ଗି ଯିବାର ଡର
ଦୁଃଖ କି ଖୁସି ନଥିଲା,
ତା'ର କେଉଁ ଅସୁନ୍ଦର ଅବା
ସୁନ୍ଦର ଚେହେରାକୁ
ଆଙ୍କି ଦେଇ ନିଜ ଦେହରେ ।

ଏମିତି ମୁଁ ମୋ ଲୁହକୁ ଅନେକ ଥର
ଲୁଚେଇଛି
ଦେଖିଛି ଲୁହର ଆକୃତି ତା ଦେହରେ
ସେ ବରଂ ହସିଛି ମୋତେ ଦେଖି
କାରଣ ଖୋଜିଛି ମୁଁ ତା'ର ଅନେକ
ଛଳନାରେ
କିନ୍ତୁ ପରେ ଜାଣିଛି ମୁଁ ହିଁ ଭୁଲ୍
ଆଇନା ଠିକ୍ ।

ହୁଏତ ଧିରେ ଧିରେ ହୃଦୟ
ହୋଇଛି ଶକ୍ତ ପରେ ପରେ !
ଓ ପାଇନାହିଁ ମୁଁ ଲୁହକୁ
ଆଉ କେବେ ଆଇନା ଦେହର
ମୁହଁରେ।
ପରିଶେଷରେ ଆଇନା ଭିତରେ
ରହିଗଲା
ବିସ୍ମୟକର ପ୍ରତିଛବି ।


♥ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ମୋ: ୯୯୩୭୮୨୦୮୩୧


### ଫଡ଼େ ପିଆଜ
**ଜୁମର ନାଥ ପାତ୍ର**

ମୁଢ଼ି ଆଉ ଫଡ଼େ ପିଆଜ ବାସ୍
ସକାଳର ବ୍ରେକଫାଷ୍ଟ ଆଉ
ସନ୍ଧ୍ୟା ଟିଫିନ୍
ଲଞ୍ଚରେ ବି ପଖାଳ ସାଙ୍ଗେ
ଫଡ଼ା ପିଆଜ
ବାଃ କି କମ୍ବିନେସନ
ଆଉ ରାତି କଥା କିଏ ପଚାରେ
କିଛି ଥିଲେ ହେଲେ ହେଲା
ନହେଲେ ପାଣି ଗ୍ଲାସେ ରେ ଡିନର
ନିଦ ବି ଆସେ ସଅଳ
କଥାରେ ଅଛିନା
ଭୋକେ ଓଡ଼ିଆ ନିଦ ଯାଏ...ହା ହା
ଇଏ କୋଉ ସରକାରୀ ଯୋଜନାର
ହିତାଧିକାରୀଙ୍କ କଥା କେମିତି ହବ
ସବୁଥିରୁ ବଞ୍ଚିତ କରି କେଉଁ...
ସାଇଁ ଙ୍କୁ ହାତ ଟେକି ଥକ୍କି ପଡ଼ିଥିବା
ଅସଲ ହିତାଧିକାରୀ ଖଟିଖିଆର
ଦୈନନ୍ଦିନ ଜୀବନ ଜିଉଁଥିବା
କିଛି ମୂଲ୍ୟହୀନ ମଣିଷଙ୍କ କଥା
କିଏ ବୁଝୁଛି... କିଏ ଶୁଣୁଛି
ଏଇ ପିଆଜ ଫଡ଼ାର
ପାଖୁଡ଼ା ତଳର ଅନ୍ତର୍ବେଦନା...ହାଃ


♥ବାଲେଶ୍ୱର


### ପ୍ରଗତି
**କବି ବିପ୍ଳବ**

କଟା ଗଛଙ୍କ ଥୁଣ୍ଟା ଗଣ୍ଡି ଉପରେ
ଠିଆ ହେଇଚି ଅକ୍ସିଜେନ୍ ପ୍ଲାଣ୍ଟ
ନୟନଯୋରି ଛାତି ଉପରେ
ଶୋଭା ପାଉଛି ଆପର୍ଟମେଣ୍ଟ
ମନ୍ଦିର ଧ୍ୱଂସାବଶେଷ ଉପରେ
ବିଜୟବାନା ଉଡ଼ଉଛି ଲଜ୍।

ମିନେରାଲ ୱାଟର ଆଉ
ପଲିଥିନ ପ୍ୟାକ୍ ଜଳଖିଆ ଭିତରେ
ଶେଷ ହେଇଚି
ପରିବେଶ ସୁରକ୍ଷା ଆଲୋଚନା ଚକ୍ର
ବନ୍ୟା ନିୟନ୍ତ୍ରଣ କକ୍ଷରେ
ବନ୍ୟା ନିମନ୍ତ୍ରଣର ଯେତେ ସବୁ ମନ୍ତ୍ର।

ଗରାଏ ପାଣି ପାଇଁ ବୋହି ଯାଉଚି
ଦି ' ଗରା ଝାଳ
ହୋମ୍ ଡେଲିଭରିରେ ବିଦେଶୀ ମାଲ୍
ଇଏ ପ୍ରଗତିର ଖେଳ

ପ୍ରଗତି ପା ସରକାରଙ୍କ
ଗେଲ ବସର ପୁଅ
ଉପରେ ଉପରେ ହସରେ ଜନତା
ଭିତରେ ଢାଳୁଥା ଲୁହ ।


♥ ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬


### ପ୍ରେମ ବନାମ ଗୋଲାପ
**ସିଦ୍ଧେଶ୍ୱର ତ୍ରିପାଠୀ**

ବନ୍ଧୁ କେବେ ପ୍ରେମରେ ପଡିଛନ୍ତି ?

ଯିଏ ପଡିନି
ସିଏ ଗୋଲାପ ଠୁ ବହୁତ ଦୁରରେ
ଯିଏ ପଡିଗଲା
ସିଏ ଝୁମୁଥାଏ ବିଭୋର ବେଳାରେ
ଯିଏ ପଡିଗଲା ପରେ ଛିଡ଼ିଗଲା
ସିଏ କଣ୍ଟାର ଆଘାତ ସହେ
ପ୍ରତି ମୁହୂର୍ତ୍ତରେ ।

ବନ୍ଧୁ କେବେ ପ୍ରେମରେ ପଡିଛନ୍ତି ?

ଗୋଲାପ କୁ ଦେଖିବା ଖୁସିହେବା
ସବୁ ଭଲ କଥା
ହେଲେ ତା ପାଖକୁ ଯାଇ ନଛୁଇଁ
କିଛିବି ଆଭାସ ନଦେଇ
ଏକତରଫା ନାଚୁଥିବା ମନଟା
ହଜିଥାଏ ଅହରହ ଭିନ୍ନ ଦୁନିଆରେ ।

ବନ୍ଧୁ କେବେ ପ୍ରେମରେ ପଡିଛନ୍ତି ?

କିଏ ଗୋଲାପକୁ ଦେଖିନାହିଁ ଥରେ
କିଏ ଦେଖି ଖୁସିହୁଏ ଧୀରେ
କିଏ ଏଠି ଝାରାଉଛି ଲୁହ
କିଏ ଜଳେ ଇର୍ଷା ମିଶା ଅଜଣା ଖୁସିରେ

ବନ୍ଧୁ କେବେ ପ୍ରେମରେ ପଡିଛନ୍ତି ?


♥ଖୋର୍ଦ୍ଧା


### ଜାଣେନା କାହିଁକି
**ରମାକାନ୍ତ ଦାସ**

ଜାଣେନା କାହିଁକି..... ?
ତୁମେ ନିଜଠୁ ବି
ଅଧିକ ନିଜର ଲାଗ
ତୁମ ବିନା
ଗୋଟେ ମୁହୂର୍ତ୍ତ ବି ଭଲଲାଗେ ନାହିଁ
ତୁମ ଅଣଦେଖା ମୁଁ ସହିପାରେ ନାହିଁ
ତୁମ ସହ କଥା ନହେଲେ
ମତେ କେବେ ବି ଭଲଲାଗେ ନାହିଁ ।।


ତିମିରିତ ଘରେ ନିତି ଖୋଜିବୁଲେ ମୁଁ
ତୁମର ପ୍ରତିଛବି
ଅତୀତର ପ୍ରତିଛବି ଗୁଡିକ
ମୋ ମନ ସ୍ଥିର ସରୋବରର
କଟକେନ୍ଦୁ ଜଳରେ ଦିଶିଯାଏ
ଦିଶିଯାଏ ତୁମର ସେ ହସ ହସ ମୁହଁ
ଆମ ଭିତରେ ଥିବା
ଆତ୍ମୀୟତା ,ନିବିଡ଼ତା ,ଅନ୍ତରଙ୍ଗତା
ସବୁକିଛି ବହୁତ ମନେପଡେ
ଭିନ୍ନ ଭିନ୍ନ ଭାବନାରେ ମୁଁ ହଜିଯାଏ
ଅଶ୍ରୁ ଉତ୍ତରଳେ ଗର୍ଜନ କରେ
ମୋ ମନର ରୁଦ୍ଧ ଘୋଷ
ହଜାର ହଜାର ଟୋପା ଲୁହମୋର
ନଈପରି ବହିଯାଏ
ଭୁଲିବାକୁ ଚାହିଁଲେ ବି
ମୁଁ ଭୁଲିପାରେ ନାହିଁ ତୁମକୁ
ଯାତନା ଜାଲରେ ଛନ୍ଦିହୋଇ
ପ୍ରତିଦିନ ରୁହେ ମୁଁ ତୁମ ଅପେକ୍ଷାରେ
ଜାଣେନା କାହିଁକି.......... ?



♥ନନ୍ଦିଗ୍ରାମ, ନାଉଗାଁ
ଜଗତସିଂହପୁର
ମୋ-୯୬୬୮୮୧୫୩୬୯

# ସୃଜନ ସ୍ୱାକ୍ଷର

ଅସମାପ୍ତ ଗପଟିଏ ଡାକୁଥାଏ ବାରବାର...

ଏକାଧାରରେ ଗଳ୍ପ, ଉପନ୍ୟାସ, ଆଲୋଚନା ଓ କବିତାର ଚାରିବାହୁ ଭିତରେ ବେଶ୍ ସାବଲୀଳ ଜୀବନ ଜିଉଁଥିବା ମଣିଷଟିଏ ହେଲେ ନକୁଳ ଚଂଦ୍ର ସାହୁ । ଜୀବନ, ଆନନ୍ଦ ଓ ଭଲପାଇବା ଭିତରେ ସେ ପାଲଟି ଯାଇପାରନ୍ତି ଧ୍ୟାନମଗ୍ନ ପାହାଡ଼ । ଧ୍ୱଂସାବଶେଷରୁ ତିଆରି କରି ପାରନ୍ତି ଶବ୍ଦର ଉପବନ । ଓଡିଆ ସାରସ୍ୱତ ଜଗତରେ ଦୀର୍ଘ ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ବ୍ୟାପି ତାଙ୍କର ସାହିତ୍ୟ ସାଧନା ଅବ୍ୟାହତ ଓ ଅନାହତ । ଓଡିଆ ସାହିତ୍ୟରେ ସେ ଏକ ସମର୍ଥ ଓ ପ୍ରାଣବାନ କାବ୍ୟସ୍ୱର । ମାନସିକ ଓ ପ୍ରାଣୀକ ଚେତନାର ଚିତ୍ର ତାଙ୍କ ପ୍ରତିଟି ସୃଷ୍ଟିରେ । ତଥାପି କବିତା ତାଙ୍କର ପ୍ରିୟ । ତାଙ୍କ କବିତାରେ ଜୀବନ୍ତ ଭାବରେ ଥାଏ ସଂସ୍କୃତ, ଇଂରାଜୀ ସାହିତ୍ୟର ବାକ୍ ଭଙ୍ଗି ଓ ସୂକ୍ତମାଳା, ନୀତିଶାସ୍ତ୍ର ଓ ଦର୍ଶନର ଅପୂର୍ବ ସମନ୍ୱୟ । ଏକ ଲମ୍ୱା ରାସ୍ତାର ଏକାକୀ ବାଟୋଇ ସେ । ଗଭୀର ଉପଲବ୍ଧି ଓ ମୌଳିକ ଚିନ୍ତନ ଦ୍ୱାରା ପାଠକଙ୍କ ମନକୁ ଛୁଁ ଥିବା ନକୁଳ ଚନ୍ଦ୍ର ସାହୁ ଏଥରର 'ସୃଜନ ସ୍ୱାକ୍ଷର' ପୃଷ୍ଠାରେ...



ନକୁଳ ଚନ୍ଦ୍ର ସାହୁ
ଶବ୍ଦଘର, ଗୋଡିସାହି
କଟକ-୭୫୪୦୦୬
(ମୋ) ୯୪୩୭୭୪୦୨୬୪

## ॥ ବଂଧୁତ୍ୱ ॥

ସ୍ୱତଃ ସିଦ୍ଧ ଶୁଦ୍ଧ ବୋଧ ସ୍ୱରୂପ
ମନ ଓ ବାଣୀଙ୍କ ଅପରିଚିତ
ଇଏ କେଉଁ ପ୍ରକାର ବଂଧୁତ୍ୱ
ମୁଁ ଓ ତୁମେ; ଦୁହେଁ ଅନିରୂପ୍ୟ !

ଅସଦ୍‌ଘନ ଓ ଚିଦ୍‌ଘନ
ପ୍ରାରବ୍ଧକୁ ସିଦ୍ଧ କରେ ଶରୀରରେ
ଆତ୍ମା ବିଦ୍ୟମାନ ! କର୍ମଣା ନିର୍ମିତୋ ଦେହଃ
ପ୍ରାରବ୍ଧଂ ବଳବତ୍ତରଃ

ସ୍ୱପ୍ନ ପ୍ରପଂଚ
ଅହଂତା, ମମତା ଓ ଇଦଂତାକୁ କରେ
ପ୍ରତ୍ୟାଖ୍ୟାନ; ସ୍ୱପ୍ନ ପ୍ରତିଭାସିତ ଦେହ
ହେଲେ ବି ପୁରୁଷ ଜାଗ୍ରତ !

ପୂର୍ବ ସଂଚିତ ଓ ଆଗାମୀ କର୍ମର କାଠ
ଦଗ୍ଧ କରେ ଅଗ୍ନି ତତ୍ତ୍ୱଜ୍ଞାନ
ପ୍ରାରବ୍ଧ ସଂଚିତ ଓ ଆଗାମୀ
ଚିଦ୍‌ଘନକୁ ଆଉ ଛୁଇଁ ପାରେ ନାହିଁ

ମୁଁ ଓ ତୁମେ ଅଦ୍ୱିତୀୟ ଏକ
ଅକ୍ରିୟ ସତ୍ୟ
ଆଉ ଥରେ ନେବା ନାହିଁ ଜନ୍ମ
ଅଜ୍ଞାନର ବଂଧନକୁ କାଟି ସାରିଲେଣି

ଚିତ୍ ଓ ଆନଂଦଘନ !!

## ନକୁଳ ଚନ୍ଦ୍ରଙ୍କ କବିତା ଉର୍ଦ୍ଧ୍ୱମୁଖୀ

'ତଟସ୍ଥ ଅନ୍ତରଙ୍ଗ' ବିଶିଷ୍ଟ କବି ନକୁଳ ଚନ୍ଦ୍ର ସାହୁଙ୍କ ପଞ୍ଚମ କବିତା ସଂକଳନ । ଏହି ସଂକଳନରେ ସ୍ଥାନିତ ସତୁରୀଟି କବିତା କବିଙ୍କ ସତୁରୀ ବର୍ଷ ଜୀବନ ପରିଧିର ଏକ ଏକ ଜୀବନ ପୁଷ୍ପ । ତଟସ୍ଥ କବି ନିଜର ଅନ୍ତରୀଣ ଭାବ ପ୍ରବାହକୁ ପରିବେଷଣ କରିଛନ୍ତି କାନ୍ତକମନୀୟ ଅଥଚ ଜୀବନନିଷ୍ଠ ଚିତ୍ର ପ୍ରତୀତିରେ । ଉତ୍କୃଷ୍ଟ ଜୀବନଚର୍ଯ୍ୟାର ମହନୀୟ ବିଭାବ ସବୁ ବେଶ୍ ଆହ୍ଲାଦକର ଓ ଦାର୍ଶନିକ ଭାବ ସଂବଳିତ । କବିଙ୍କ ସ୍ୱକାରୋକ୍ତି କବିତାଗୁଡ଼ିକ ତାଙ୍କ ଜୀବନ ଅନୁଭବ ଓ ଆତ୍ମହାର ଦସ୍ତଖତ । ଭବଭୂତିଙ୍କଠାରୁ ଭିନ୍ନ ଏକ ବାଗରେ ଭିନ୍ନ ଏକ ଗାମ୍ଭୀର୍ଯ୍ୟରେ କବି କୁହନ୍ତି, 'ମୋ କବିତା ମୋ ଆର୍ଟ ! ମୋ ଆର୍ଟ ଗୋଟିଏ ସୌନ୍ଦର୍ଯ୍ୟ ଅଭୀପ୍ସାର ଆତ୍ମଚିତ୍ର ! ମହାକବି ଭବଭୂତିଙ୍କ ପରି । 'କୋପି ସମଧର୍ମା'ଙ୍କ ପାଇଁ ଏହା ମୁଁ ଲେଖୁନାହିଁ ! ନିରବଧି ପ୍ରବାହିତ କାଳର ଏହା ଏକ ଉତ୍ପାଦନ ।' (ଅଂଶୁପାର ପକ୍ଷୀ, ପୃ-୫)

କାଳର ଉତ୍ପାଦନ ରୂପେ ନିଜ କବିତାକୁ ଅଭିହିତ କରିଛନ୍ତି କବି । କେତେ ଗଭୀର ଉପଲବ୍ଧି ଓ ମୌଳିକ ଚିନ୍ତନରୁ ଏହା ଉଦ୍‌ଭବ । ଜୀବନପ୍ରତି ଦାର୍ଶନିକ ସୁଲଭ ଦୃଷ୍ଟିଭଙ୍ଗୀରେ ଦେଖିଥିବା ବ୍ୟକ୍ତିଟିଏ ଦର୍ଶନର କ୍ରିୟାଶୀଳ ତତ୍ତ୍ୱକୁ ଅନୁଭବ କରେ । ସମଗ୍ର ସମାଜ ଓ ଜଗତର ମହତ ଅଭିପ୍ରାୟର ଅଂଶ ଭାବରେ ନିଜକୁ ପ୍ରତିଷ୍ଠା ଦେଲେ ହିଁ ଏମିତି ସର୍ବଜନୀନ ଭାବଟିଏ ଉଦୟ ହୁଏ । ଦର୍ଶନିକ ଦୃଷ୍ଟିକୋଣର ଅନନୁଭୂତ ଉପାଦାନ ରୂପେ କବିତ୍ୱକୁ ସମର୍ପି ଦିଆଯାଇପାରେ । କବିଙ୍କ ଭାଷାରେ-

ଉପଲବ୍ଧିର ସମାଜ ନାମକ ଛତ୍ରଟିଏ
ତୁମେ ସ୍ଥାପିତ କଲ
ଦେଉଳଚୂଡ଼ାର ପ୍ରତ୍ୟକ୍ଷ ନାଳିପତାକା ଖଣ୍ଡେ ମୁଁ
ଦେଖ ଦେଖ ପବନରେ କେତେ ଅସ୍ଥିର ।
(ପୃ-୧୦)

ଏଠି 'ମୁଁ' ସାଧାରଣ ମଣିଷ, ପ୍ରତ୍ୟେକ ଜାଗତିକ ପରିବେଶ ଅସ୍ଥିର ପବନ । ମୁଁ ଅସ୍ଥିର ପ୍ରକୃତିର ଗଭୀରତା ଭିତରୁ ଫୁଟାଇପାରେ ପଦ୍ମ । ଆପଣାର ନିଜ ବର୍ତ୍ତମାନ କବିତା ପରି ଚିର ନିତ୍ୟକାଳ । ମଣିଷର ନିଜର ଭୌତିକ ପରିବେଶରେ ବୋଧେ ଏହାହିଁ କବିର ପ୍ରାରବ୍ଧ । ଜୀବନ ସ୍ତର ଓ ଜଡସ୍ତରର ପରିପୂର୍ଣ୍ଣ ଓ ସଂଶ୍ଳେଷଣରେ ଆବେଗର ହୁଏ ତୃପ୍ତି ସାଧନ । ସଂସାରରେ ଯାହା ଘଟେ ତାହା ଏକ ବିରାଟ ନକ୍ସା ଓ ମହତ ଉଚ୍ଚାକାଂକ୍ଷାର ଅଂଶ । ଏହାର ସାମୂହିକ ପ୍ଲାବନରେ ସିକ୍ତ ମଣିଷ ହିଁ ଅର୍ଥପୂର୍ଣ୍ଣ W.H Haversonଙ୍କ ଏହି ଦାର୍ଶନିକ ତତ୍ତ୍ୱକୁ ଅଙ୍ଗେ ନିଭେଇଛନ୍ତି ନକୁଳ ଚନ୍ଦ୍ର ।

\+ + + +

ଆଧ୍ୟାତ୍ମିକ ଭ୍ରାନ୍ତିର ଶୀକାର କାବ୍ୟାତ୍ମା ଅର୍ଥପୂର୍ଣ୍ଣ ଜୀବନର ସଂଧାନୀ । ଚେତନ ସ୍ତରରେ ଜ୍ଞାନର ଗୌରଚନ୍ଦ୍ରିକା ଜୀବନରୁ ମରଣ, ମରଣରୁ ଜୀବନକୁ ଟାଣେ । ମୁହୂର୍ତ୍ତର କ୍ରୀଡ଼ାକାଳ ଲମ୍ୱିଯାଏ ମାସ, ବର୍ଷ, ସମ୍ୱତ୍ସର ମନ୍ୱନ୍ତର ଯେମିତି ଅନନ୍ତ ଅସୀମ । କୁଣ୍ଡଳିନୀରେ ଯେମିତି ବ୍ରହ୍ମନାଦ, ପରମଚକ୍ରରେ ପବିତ୍ର ଓଁକାର ।

\+ + + +

ସୋହଂର ନିର୍ଯ୍ୟାସ ଭିତରେ ଭୂମା ଏକାକାର । ମୁଁ ଯୋଡ଼ି ହୋଇଯାଏ ମୁଁର ବହୁବଚନ ସହିତ । କ୍ଷୁଦ୍ରାଦପି କ୍ଷୁଦ୍ର ଅଣୁରେ ଅନୁରଣିତ ହୁଏ ମହତଙ୍କ ମହୀୟାନ ଜୀବନ । ମୁହୂର୍ତ୍ତର ଆବେଗରେ ଚେତନାର ଭଉଁରୀରେ ଆକ୍ରାମାକ୍ରା ହୁଏ ଅନୁଭବ । ସେହି ଅଦ୍‌ଭୁତ ବିଯୋଗ ହିଁ ଯୋଗ, ବିଚ୍ୟୁତ ହିଁ ଅଚ୍ୟୁତ । ବିବିଧ ମୁହୂର୍ତ୍ତର ରାଗିଣୀରେ ଅଭିଷିକ୍ତ ଜୀବନ ଉଡ଼ନ୍ତା କପୋତ । ଅଣୋରଣୀୟାନ ମହତୋ ମହୀୟାନ ।

ସକଳ ରୂପ ଭିତରେ ବିଷୟ ଓ ବୟସ
ମୂଳ ଶାନ୍ତି ସ୍ୱୟଂ ରୂପରେ ଅଂକିତ
ଅସ୍ପଷ୍ଟ ପ୍ରତ୍ୟୟର ଭୂମି ସମଗ୍ର ବିଶ୍ୱଗତ
ଅନନ୍ତର ବହୁବିଧ ରୂପ ।
ତମେ କଣ ବୁଝିଥିଲ ମୋ ଠାରୁ
ବିଭାଜନ ଅର୍ଥ, ବିଚ୍ୟୁତ ଓ ବିସ୍ମୃତିର ଅର୍ଥ ?
ଅନଂତ ନିଜେ ଶାଶ୍ୱତ ଅଣୋରଣୀୟାନ୍
ବହୁ ବିସ୍ତାରିତ ଆତ୍ମତତ୍ତ୍ୱ, ଉଡଂତା କପୋତ ।
(ପୃ-୧୬)

ତଲ୍ଲୀନ କବି ଅନ୍ତସ୍ଥ ଭାବାବେଗକୁ ଶବ୍ଦରୂପ ଦେବାରେ ଚେଷ୍ଟା କରିଛନ୍ତି । ଭାବପୁଞ୍ଜ ଗୁଡ଼ିକ ଚେତନରୁ ଅବଚେତନକୁ ବ୍ୟାପିଛନ୍ତି । ସ୍ଥିତିସ୍ଥାପକତା ଧର୍ମ ନେଇ ବିସ୍ତାରିତ ହୋଇଛନ୍ତି । ଭାବର କୌଣସି ରଙ୍ଗ ନଥାଏ, ଆକାର ନଥାଏ । ଏଣୁ ଏକ ଏକ ଅନ୍ତରଙ୍ଗ ଅବସ୍ଥାକୁ ସମୟାନୁକ୍ରମେ ନକୁଳ ଚନ୍ଦ୍ର ଉପସ୍ଥାପିତ କରିଛନ୍ତି । 'ଏକ' ଠାରୁ 'ସତୁରୀ' ପର୍ଯ୍ୟନ୍ତ ସତୁରୀଟି ଭାବପ୍ରସ୍ଥ ଗ୍ରଥିତ ହୋଇଛନ୍ତି ପୁସ୍ତକରେ । କବିତା ଗୁଡ଼ିକରେ ଏକ ସୂକ୍ଷ୍ମ ଓ ଅପାର୍ଥିବ ଯୋଗସୂତ୍ର ରହିଛି । ଶବ୍ଦ ଗୁଡ଼ିକ ସରଳ, ଜଟିଳ, ନମନୀୟ ଏବଂ ସୂଚନାତ୍ମକ । ସୂଚନାତ୍ମକତା ଭିତରେ ଅଜସ୍ର ସଂଭାବନା ନିହିତ । ଏଣୁ ମୂଲ୍ୟାୟନ ପଦ୍ଧତିରେ ଏହା ଯେତିକି ତାତ୍ତ୍ୱିକ ସେତିକି ଆଧ୍ୟାତ୍ମିକ । ସର୍ଜନାର ଶ୍ରେଷ୍ଠ ମୁହୂର୍ତ୍ତରେ ନକୁଳଚନ୍ଦ୍ର ଶବ୍ଦ ଓ ଶୈଳୀର ସ୍ୱତଃସ୍ଫୁର୍ତ୍ତ ଓ ସ୍ୱାଭାବିକ ଚଳନକୁ ବାଟ ଛାଡ଼ି ଦିଅନ୍ତି । ଶବ୍ଦ ଓ ଭାବ ହାତ ଧରାଧରି ହୋଇ ସୂକ୍ଷ୍ମରୁ ଚେତନୋତ୍ତର ପର୍ଯ୍ୟାୟକୁ ଉନ୍ନୀତ ହୁଅନ୍ତି । କେତେବେଳେ ଉର୍ଦ୍ଧ୍ୱାୟାନର ଚିତ୍ର ଯେତିକି ବୈଚିତ୍ର୍ୟମୟ ସେତିକି ସ୍ୱପ୍ନାବିଷ୍ଟ ଲାଗେ । ବାୟୁମଣ୍ଡଳ ଉର୍ଦ୍ଧ୍ୱରେ ଯେମିତି ଭାସମାନ ଅବସ୍ଥା ସେମିତି ଚେତନାର ଉର୍ଦ୍ଧ୍ୱରେ ଏକ ସ୍ଥିର ନିଥର ସ୍ନାୟବିକ ଅବସ୍ଥା । ସେଠି ସବୁକିଛି ସମାନ ସବୁକିଛି ଏକାକାର । ଭାବନାର ଏହି ସାମ୍ୟମନ୍ତ୍ର କବି ନକୁଳବାବୁଙ୍କ କବିତାରେ ଉଚ୍ଚାରିତ ହୁଏ, ହୃଦୟକୁ ଉଚ୍ଚାଟିତ କରେ ଏବଂ ଭାବ ବସାବାନ୍ଧେ ଚେତନାରେ । ଶବ୍ଦ ତାର ନିର୍ଦ୍ଦିଷ୍ଟ ଶକ୍ତି ଉର୍ଦ୍ଧ୍ୱରେ ସ୍ପଷ୍ଟତାକୁ ବିଛାଡ଼ିଦିଏ । ଆତ୍ମାର ଉଚ୍ଚତାର ଅନୁଭୂତି, ଦୃଷ୍ଟିର ଗଭୀର ଓ ପ୍ରଶସ୍ତ ଭାବକୁ ଶବ୍ଦ ବେଶ୍ ସାବଲୀଳ ଭାବେ ରୂପ ଦିଏ । ଗଦ୍ୟଛନ୍ଦରେ ଲିଖିତ ପ୍ରତିଟି ପଂକ୍ତି ଏକ ସରଳ, ତରଳ ସଂହତିରେ ବାନ୍ଧି ହୋଇଥାଏ । ପାଠକକୁ ବାନ୍ଧିରଖେ । ଏକ ମର୍ଯ୍ୟାଦାପୂର୍ଣ୍ଣ, ଭାବ ଗଂଭୀର ଶବ୍ଦସଜ୍ଜା ସ୍ୱଚ୍ଛ, ସମୁଜ୍ଜଳ ଏବଂ ମନୋଜ୍ଞ ଭାବରେ ଅବିଷ୍କରେ ମନ ଓ ହୃଦୟକୁ । ମନରେ ଆନନ୍ଦଜାତ ହୁଏ । ହୃଦୟରେ ଏକ ସ୍ପଷ୍ଟ ଧାରଣା ସୃଷ୍ଟି ହୁଏ । ଆତ୍ମାରେ ସତ୍ୟର ପ୍ରକାଶ ହୁଏ ଯେମିତି ପ୍ରତିଟି କବିତା, ପ୍ରତିଟି ପଂକ୍ତି ଏକ ଏକ ମାନ୍ତ୍ରିକର ଉଚ୍ଚାରଣ ।

\+ + + +

ନକୁଳ ଚନ୍ଦ୍ରଙ୍କ କବିତା ଉର୍ଦ୍ଧ୍ୱମୁଖୀ । ଚେତନା ସରଳ । ହୃଦୟବୀଜ ଅସଂପୃକ୍ତ । ଢଳଢଳ ପ୍ରେମ ଓ ପ୍ରଣୟର ନିଃସ୍ୱାର୍ଥ ଶତଦଳ । ତାଙ୍କର ଆତ୍ମଦୃଷ୍ଟି ପ୍ରକୃତି ନିବଦ୍ଧ । ବହିଃଦୃଷ୍ଟି ପ୍ରଣୟମଗ୍ନ । ବକ୍ତବ୍ୟ ଜୀବନ, ପରବର୍ତ୍ତୀ ଜୀବନ ବା ତା ପରବର୍ତ୍ତୀ ଜୀବନ ଅନୁସନ୍ଧିତ୍ସା ବିଗତ ପ୍ରଣୟ । ଚିନ୍ତାନ୍ୱିତ ମନ ଆତ୍ମାର ସାଧନ । ସତ୍‌ଚିତ୍ ଆନନ୍ଦର ଅବଲମ୍ୱନ ନକୁଳଚନ୍ଦ୍ରଙ୍କ କବିତା ଏକ ଚିତ୍ରିତ କାନ୍‌ଭାସ । ଆକାଶର ପକ୍ଷୀ, ସମୁଦ୍ରର ଢେଉ, ଅଂଶୁପାର ସ୍ମୃତି, ସମୟର ପଦଚିହ୍ନ, ଇନ୍ଦ୍ରିୟଗ୍ରାହ୍ୟ ପ୍ରେମ, ଅତିମାନସ ଶାନ୍ତି, ତାନ୍ତ୍ରିକ ମାୟାଜାଲ, ଯୋଗତତ୍ତ୍ୱ, ଉପନିଷଦର ପଂକ୍ତି, ବୈଦିକ ଧୀଷଣା, ନିତ୍ୟରାସ, କାୟା ପ୍ରବେଶ, ପିଣ୍ଡ ବ୍ରାହ୍ମଣ୍ଡ ତତ୍ତ୍ୱ, ଏସ୍ଥେଟିକ ଫିଲିଂସ୍, ଇହଲୋକ ପରଲୋକର ଜଞ୍ଜାଳ ଦେଇ ତାଙ୍କର କବିତା ଗତିଶୀଳ । ଖୁବ୍ ସ୍ୱଚ୍ଛନ୍ଦରେ ଇଂରାଜୀ କାବ୍ୟତତ୍ତ୍ୱ, ଓଡ଼ିଶୀ ସଂସ୍କୃତି, ଆତ୍ମା ପରମାତ୍ମା ଜ୍ଞାନ, ତାନ୍ତ୍ରିକ ଯୋଗଚର୍ଯ୍ୟା ଆବୋରି ବସନ୍ତି କବିତାର ପାଖୁଡ଼ାମାନ । କବିତାର ପ୍ରତିଟି ଛତ୍ର ଆଧ୍ୟାତ୍ମିକ ତାତି, ଆତ୍ମଦୃଷ୍ଟି, ଜୀବନ ପ୍ରେମ, ବିଗତ ସ୍ମୃତିରେ ଉତ୍ତେଜନାକୁ ସୃଷ୍ଟି ଓ ପ୍ରଶମିତ କରନ୍ତି । ବୌଦ୍ଧିକତା ଥାଇ ନଥାଏ ଆତ୍ମିକ ଧାରଣା ସ୍ପଷ୍ଟତର ହୁଏ । କବିତାର ଅଭ୍ୟନ୍ତରୀଣ ଉପାଦାନ ଆତ୍ମିକ ସଂପର୍କରେ ଆଙ୍ଗିକକୁ ପରାସ୍ତ କରେ । ଏମିତି ଏକ ଦ୍ୱଂଦ୍ୱିକ ଦୋଳନ ଭିତରେ ଭାବ ଭାଷା କୋଳକୋଳି ହୁଅନ୍ତି ପାର୍ବତୀ ପରମେଶ୍ୱର ପରି, ବାକ୍‌ଅର୍ଥ ପରି । କୋଳାକୋଳି ଘେନାଘେନିର ପ୍ରାଚର୍ଯ୍ୟରୁ ରସାଣିତ ହୁଅନ୍ତି ଶବ୍ଦ ସମୂହ । ଭାବ ହୁଏ ଆତ୍ମ କୈନ୍ଦ୍ରିକ ।

\+ + + +

ଓଡ଼ିଆ ସାହିତ୍ୟରେ ଏକ ସମର୍ଥ ଓ ପ୍ରାଣବାନ କାବ୍ୟସ୍ୱର- ନକୁଳ ଚନ୍ଦ୍ର ସାହୁ । ତାଙ୍କର ପ୍ରଥମ କବିତା ସଂକଳନ 'ଏବଂ ପୁନରପି' ୧୯୮୦ରେ ପ୍ରକାଶ ପାଏ । ପ୍ରଗତିବାଦୀ ଓ ସ୍ଥିତିବାଦୀ ଦର୍ଶନରେ ରୁଦ୍ଧିମନ୍ତ ଏହି ପ୍ରଥମ ସଂକଳନ । ବସ୍ତୁବାଦୀ ସଂସ୍କୃତିର ଜଡ଼ବାଦୀ ଚେତନାରୁ ମୁକୁଳି ଜୀବନରେ ପରମ ଐଶ୍ୱର୍ଯ୍ୟକୁ ବିମୁଗ୍ଧ ବାଙ୍ମୟରେ ପ୍ରସ୍ଫୁଟିତ କରିବାର ସାମର୍ଥ୍ୟ ହିଁ 'ଏବଂ ପୁନରପି' । ମୃତ୍ୟୁ ଚେତନାଠାରୁ ପ୍ରଣୟ ଚେତନାକୁ ଏକ ରୋମାଣ୍ଟିକ୍ ଦୃଷ୍ଟିଭଙ୍ଗୀ ନେଇ କବି ଅନୁଭବିଛନ୍ତି । ୧୯୮୧ରେ କବିଙ୍କ ଦ୍ୱିତୀୟ ସାରସ୍ୱତ ଫସଲ 'କୁଶସ୍ଥ ଋତୁ ଓ ଗୋଟିଏ ମିନତି' କବିତା ସଂକଳନ । ଆତ୍ମଜିଜ୍ଞାସା ଭିତରେ ପ୍ରତିଫଳିତ ହୋଇଛି କାବ୍ୟପୁରୁଷର ଦ୍ୱୈତ ଚେତନା । ଆତ୍ମ ନିମଜ୍ଜମାନତା ଅଧିଭୌତିକ ଚେତନାର ସ୍ତରରେ ଅଭିଷିକ୍ତ ହୋଇ ନିଃସଂଗତାବୋଧକୁ ଜୀବନଚର୍ଯ୍ୟାରେ ରସାଣିତ କରିଛି । ୨୦୧୯ରେ କବିଙ୍କ ତୃତୀୟ କବିତା ସଂକଳନ 'ବାକ୍‌ମୟୀ' ଲୋକାର୍ପିତ ହୋଇଛି । ମହାଭାରତୀୟ ଆଧ୍ୟାତ୍ମିକ କୈବଲ୍ୟର ଅମୃତମୟୀ ପରିଣାମ 'ବାକ୍‌ମୟୀ' । ୨୦୨୦ରେ ନକୁଳଚନ୍ଦ୍ରଙ୍କ ଚତୁର୍ଥ କାବ୍ୟ ଅବଦାନ 'ଅଂଶୁପାର ପକ୍ଷୀ' । ଭାରତୀୟ ପ୍ରାଚୀନ ସଂସ୍କୃତିରେ ପକ୍ଷୀର ରୂପକକୁ ଅଂଶୁପାରେ ପ୍ରୟୋଗ କରିଛନ୍ତି କବି । କଳ୍ପନା ପ୍ରବଣତା, ପ୍ରକୃତିପ୍ରୀତି ଓ ପ୍ରକୃତିର ଇନ୍ଦ୍ରିୟଭୋଗ୍ୟ ବର୍ଣ୍ଣନାକୁ ଆଧ୍ୟାତ୍ମିକ ଦର୍ଶନରେ ସମାହିତ କରିବାରେ ସୌନ୍ଦର୍ଯ୍ୟମୁଗ୍ଧ ପରିବେଷଣ ହିଁ 'ଅଂଶୁପାର ପକ୍ଷୀ' । ଏହି ଧାରାରେ ପରମାର୍ଥିକ ଉତ୍ତରଣ ଓ ଶାବ୍ଦିକ ଶୀର୍ଷାରୋହଣ 'ତଟସ୍ଥ ଅନ୍ତରଂଗ' ।

ନକୁଳଚନ୍ଦ୍ରଙ୍କ ଜୀବନର ନଈ ସର୍ଜନଶୀଳ ଓ ଗତିମୁଖର । ପ୍ରାଣସତ୍ତାର ସୌନ୍ଦର୍ଯ୍ୟବୋଧକୁ ଏହା ସିକ୍ତ କରେ । ବ୍ୟକ୍ତିଗତ ଉପଲବ୍ଧି ଓ ଚିରନ୍ତନ ମାନବର ଚିନ୍ତା ଓ ଚେତନାର ସୁରଭିସିକ୍ତ ସଂଯୋଗ ତାଙ୍କର ମାର୍ଗକୁ କୁସୁମିତ କରେ । ତାଙ୍କର ଜୀବନ ନଉକାରେ ମଙ୍ଗ ହିଁ ତଟସ୍ଥ ଅନ୍ତରଂଗ । + + +

ତଟସ୍ଥ ଅନ୍ତରଂଗ ଜୀବନ ଚିନ୍ତାର ସାରନିର୍ଯ୍ୟାସ । ଜୀବନର ଅନବଦ୍ୟ ତାତ୍ପର୍ଯ୍ୟର ପୁନଃ ଆବିଷ୍କରଣ ।



ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ
୬୭, ସରସ୍ୱତୀ କୁଞ୍ଜ, ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର-୩୦

## ମୋ କବିତା ମୋ ଜୀବନ ବଗିଚା



ନକୁଳ ଚନ୍ଦ୍ର ସାହୁ

'କାଗଜର କାମିଜ' ମୋର ଷଷ୍ଠ କବିତା ସଂକଳନ ଏବଂ ପୁସ୍ତକ ଅନୁକ୍ରମରେ ଏହା ଏକୋଇଶତମ । 'କାଗଜର କାମିଜ' ଏକ ସିଂବଲ୍ । **Simile** ପରି ଦେଖାଗଲେ ବି ଏକ ଚିତ୍ରକଳ୍ପ । ଏକ ନିୟୁ ଓୟେ ଅଫ୍ ଥିଙ୍କିଂ !

ସାହିତ୍ୟ ରସମୟ ଗୋଟିଏ ସୃଷ୍ଟି ଚେତନାର ରୂପ । ଏହାର ଆଙ୍ଗିକ ଶବ୍ଦ । ଜୀବନ ଓ ପ୍ରେମ ଦୁଇଟି ଅସୀମ ବସ୍ତୁର ଛବିଳ ବ୍ୟାଖ୍ୟା କରିଆସିଛି ସାହିତ୍ୟ । ମୋ କବିତା ମୋ ଜୀବନ ବଗିଚା । ମୋ କବିତାରେ, 'ଶିବ ଶକ୍ତି ସଂଯୁକ୍ତ/ ଚିତ୍ତର ଗୁଡ଼ିକୁ ଆନଂଦ କରିଥାଏ ଆୟତ', (କବିତା: ଦଂତ୍ୟସ, ଆଠ) । ଯାହା ପ୍ରେମ ଦର୍ଶନ ତାହା କବିତାର ଦର୍ଶନ । ପ୍ରେମ, ଉଲ୍ଲାସ ଓ କବିତା ସ୍ରଷ୍ଟା ଚେତନାରେ ଗୋଟିଏ ସ୍ଥିତି ବିଶେଷ୍ୟ; ଏହା ସର୍ଜ୍ଜନା ଅଭୀପ୍ସାର ଉତ୍ସ । ପୁନଶ୍ଚ- 'ପ୍ରେମ ହିଁ ପ୍ରକାଶ, ଗୋଟିଏ ଦଂତ୍ୟସ' । ଶ୍ରୀମଦ୍ ଗୀତାର 'ଜୀବନ' (ଅଧ୍ୟାୟ ୭, ଶ୍ଳୋକ ୯), ଯାହା ମୋ କବିତାର 'ପ୍ରେମ', ଗୋଟିଏ 'ଦଂତ୍ୟସ' ! ନିର୍ମଳ ଦାର୍ଶନିକ ପ୍ରତୀକ । ମୁଁ ଜାଣିଛି **Sex is animal, love is human and go beyond love is divine, Then arises prayer.** (ଓଶୋ) !

ନିମ୍ନ ପ୍ରାଣର ଦାବୀ ଓ ଅବଚେତନର ଆଗ୍ରହକୁ ପ୍ରତ୍ୟାଖ୍ୟାନ କରିବା ଅସଂଭବ ! କବିତାକୁ କରିଛି ପଲ୍ଲବିତ ଓ ପ୍ରାଣଯୁକ୍ତ । ତେବେ ଶେଷକୁ ଅଧ୍ୟାତ୍ମିକତାର ଘଟିଚି ଉତ୍ତରଣ; 'କଂଠର ଗୀତ ଓମ୍‌ର ପ୍ରତୀକ' !

'କାଗଜର କାମିଜ'ରେ ସଂକଳିତ ଅଧିକାଂଶ କବିତା ମୋ ତାରୁଣ୍ୟର ମୂର୍ଚ୍ଛନା । ବାସଂତୀ ଅନିଳ ତୀବ୍ର ଖରାର ପଣତରେ ମୁହଁ ଲୁଚାଉଥିବା ବେଳେ ଝରାପତ୍ରର ମର୍ମରକୁ ମୁଁ ଆରକ୍ଷିତ କରି ରଖିଛି । ସ୍ମୃତିର ପ୍ରବାଳ ଲାଲ । ତାକୁ ମୁଁ ମାଳ କରି କେବେ ଗଳାରେ ତ କେବେ ମୁକୁଟରେ ପିଂଧୁଥିଲି ! ଆଜି ସବୁ ହଜିଗଲା ବେଳେ ସେହି ପୁରୁଣା ଦିନର ମୁଦ୍ରିତ ସ୍ୱପ୍ନକୁ ପୁଣିଥରେ ଫର୍ଦ୍ଦକୁ ଉତ୍ତାରିଛି । ମାନସିଂହଙ୍କ 'ଧୂପ', ବିଭୁଦତ୍ତ ମିଶ୍ରଙ୍କ 'ଉର୍ବଶୀର ଚିଠି', ସୁନଂଦ କରଙ୍କ 'ଉଦୟନ', ରବି ନାରାୟଣ ମହାପାତ୍ରଙ୍କ 'ସୁରଭି' ପ୍ରଭୃତି ଏବେବି ମୋ ଡୋଳା ଭିତରେ ନୀଳମୁକ୍ତା ହୋଇ ଝଲସୁଛନ୍ତି ! ପଦ୍ମଶ୍ରୀ ସଚ୍ଚିଦାନଂଦ ରାଉତରାୟ ମୋ ପ୍ରିୟ କବି । ରୋମାଂଟିସିଜିମ୍ ଏବଂ ମଡେର୍ଣ୍ଣିଜିମ୍, ଦୁଇ ଟ୍ରେଂଡ୍ ସମ୍ମିଳିତ ହୋଇ ମୋ ଶୈଳୀକୁ କରିଛନ୍ତି ସୁଗମ ଓ ସୁନ୍ଦର । କବିତା **Illusion of reality** ! ୟୁଲୁଜନ୍ ଅଫ୍ ରିଅଲିଟୀ ସୃଷ୍ଟି କରିବାକୁ ମୁଁ କିଛି ନାମବାଚକ ସିଂବଲ୍ ବ୍ୟବହାର କରିଛି; ଯେମିତି ମିନା, ସାବିତ୍ରୀ, ମିନତି ଓ ଜୟନ୍ତୀ । ଏମାନେ ଏକାନ୍ତ ବ୍ୟକ୍ତିଗତ ଓ ପ୍ରାଇଭେଟ ଦିଗ ଗଠନ କରୁଥିବା ଚରିତ୍ରୀଭୂତ ସୋସିଆଲ ଆର୍କିଟାଇପ୍ । ଜଣେ ଜଣେ ନାୟିକା ସତ୍ତାର ପ୍ରତୀକ । ମାତ୍ର ନାୟିକା ନୁହନ୍ତି । ଅବଚେତନ ମନରୁ ହଠାତ୍ ଉପସ୍ଥିତା ନାରୀମୂର୍ତ୍ତି ମନୋସ୍ତତ୍ତ୍ୱର **Anima**, 'ଅନିମା' ଚିତ୍ରଣ ସାହିତ୍ୟରେ ବିସ୍ମୟକର ।

'ଆଧୁନିକ କବିତାର ନାୟିକା ରକ୍ତ ମାଂସର ନାରୀ । ତାହାର ସ୍ପଷ୍ଟ ନାମ ରୂପ ଓ ବୟସ ଅଛି । +++ ସେ ଚଂଦ୍ରାବତୀ, କବି ମାଧବୀ, ନହେଲେ ପ୍ରତିମା ନାୟକ, ଅଳକା ସାନ୍ୟାଲ କି ଚଂଦ୍ରା ବେହେରାଣୀ । +++ ଆଜିର କାବ୍ୟପୁରୁଷ ଚରିତ୍ରୀଭୂତ । ସେମାନଙ୍କ ନାମ, ବୟସ ଓ ପଦବୀ ମଧ ସୁସ୍ପଷ୍ଟ । ସେ କବି ଗୁରୁପ୍ରସାଦଙ୍କ ହରେକୃଷ୍ଣ ଦାସ କି କବି ସୌଭାଗ୍ୟ ମିଶ୍ରଙ୍କ ଶୁକଦେବ ଜେନା ବା ଜନାର୍ଦ୍ଦନ ଦାସ । ଏହି ଚରିତ୍ରଗୁଡ଼ିକର ମନୋଦଶାରୁ ଆଧୁନିକ ମଣିଷର ଜୀବନବୋଧ ପ୍ରକଟିତ ରହିଛି । (ଆଧୁନିକ କାବ୍ୟ ଜିଜ୍ଞାସା: ଚିତ୍ରକଳ୍ପ, ପୃଷ୍ଠା- ୨୯୦, ଦାଶରଥି ଦାସ) ।

ଆଧୁନିକ ମଣିଷର ଜୀବନବୋଧକୁ ପ୍ରକଟିତ କରାଇବାକୁ ମୁଁ ନାମବାଚକ ସିଂବଲ୍ ପଂକ୍ତିରେ ବସାଇଛି । ତା' ନହେଲେ ମୋ କବିତାର ନାୟିକା 'ଦୃଷ୍ଟି' ବା ମେଣ୍ଟାଲ୍ ପିକ୍‌ଚର । ଏହାକୁ କହିହେବ ଦି ଭିଜିନ୍ ଅଫ୍ କ୍ରିଏଟିଭିଟୀ । ନାୟକ 'ପ୍ରକାଶଃ', ଯାହା ଶ୍ରୀମଦ୍ ଗୀତାର 'ନାହଂ ପ୍ରକାଶଃ । ଆଧୁନିକ **Existence Assertion** । ମୋ କବିତାର ଇମୋଶନ୍ **Impersonal** । **'Impersonality'** ଥିଓରୀ ପ୍ରତୀକବାଦୀ ଟେକ୍‌ନିକ୍ ଏବଂ ଏହା ଆଧୁନିକବାଦର ଅଗ୍ରଦୂତ । ଏଜ୍‌ରା ପାଉଣ୍ଡଙ୍କ କବିତାର ସଂଜ୍ଞା, କବିତା **human** ଇମୋସନ୍‌ମାନଙ୍କ ସମୀକରଣ **(equations)** । କବିତାର ସାମାଜିକ ମୂଲ୍ୟ ଉପରେ ଆଇ.ଏ. ରିଚାର୍ଡସ୍ ଆରୋପ କରିଥିଲେ ଗୁରୁତ୍ୱ । ତେଣୁ ସେ ଖୋଜୁଥିଲେ କବିତାର ଭାଷା ଓ କମ୍ୟୁନିକେସନ୍ ଶୈଳୀ । ଭାଷା ଓ କମ୍ୟୁନିକେସନ୍ ଶୈଳୀ ନୂଆ ସ୍ୱାଦରେ ମୋ କବିତାକୁ ସବୁ ସମୟ ପାଇଁ ରଖିଚି ତାଜା । ଭାବାବେଗର ବଂଧନ ବିମୁକ୍ତ ନୁହେଁ ମୋ ଶବ୍‌ଦ ଚେତନା । କବିତାରେ ମୋ ଇମୋସନ୍‌ର ରହିଛି ଜୀବନ । ବିଶେଷତ୍ୱପୂର୍ଣ୍ଣ ଇମୋସନ୍‌ର ଅଭିବ୍ୟକ୍ତି । ଯଥାଯଥ ଓ ଅଭିବ୍ୟକ୍ତିକୁ ତାହା ନିଷ୍ଠାପୂର୍ଣ୍ଣ କରାଇଛି । ଇଲିୟଟ ଲେଖିଛନ୍ତି, କବିଙ୍କ ବ୍ୟାପାର ନୁହେଁ ନୂଆ ଇମୋସନ୍ ଖୋଜିବା ବରଂ ସାଧାରଣ ଇମୋସନ୍ ବ୍ୟବହାର କରିବେ । ଯାହା 'ଶେଷଶ୍ଳୋକ' ଓ 'ଅଂଗଲାଗି' ପ୍ରଭୃତିରେ ହୋଇଅଛି । 'ଫୀଲିଂ' ଅଭିବ୍ୟକ୍ତିରେ ବାସ୍ତବରେ ତାହା ଇମୋସନ୍ ନୁହନ୍ତି, (ଟ୍ରାଡିସନ୍ ଏଣ୍ଡ ଦି ଇଣ୍ଡିଭିଜୁଆଲ୍ ଟାଲେଣ୍ଟ, ୨୭୫) !

ଖଣ୍ଡିଏ ବହି ପଢ଼ିବା ବେଳେ ତାହା ବିଷୟରୁ ଏକ ଇମୋସନ୍ ପାଠକ ଅନୁଭବ କରିବେ; ତା' ନହେଲେ ବହିଟି କାହିଁକି ପଢ଼ିବେ ? କବିତା ବହି ଏକ ପକ୍ଷରେ ଶବ୍‌ଦନଦୀ ହେବା ବେଳେ ଅନ୍ୟ ପକ୍ଷରେ ପ୍ରେମନଦୀ । ପାଠକ ପାଠିକାଙ୍କୁ ପୁଲକ ସ୍ନାନ ନ କରାଇ ଫେରାଇବ ନାହିଁ । ଇମୋସନ୍‌ର ଆଲିଙ୍ଗନ ହିଁ କରାଇବ ପଠନକୁ ସାର୍ଥକ ।

# ୫ ମାସରେ ୨୩,୯୧୭ ଅବକାରୀ ମାମଲା ରୁଜୁ: ୧୯,୨୭୮ ଗିରଫ

ଭୁବନେଶ୍ୱର,୧୩/୦୯ (ନି.ପ୍ର): ବେଆଇନ୍ ନିଶା କାରବାର ମାମଲାରେ ଚଳିତ ଆର୍ଥିକ ବର୍ଷର ପାଂଚ ମାସ ମଧ୍ୟରେ ୨୩ ହଜାରରୁ ଅଧିକ ମାମଲା ରୁଜୁ ହୋଇଥିବାବେଳେ ୧୯ହଜାରରୁ ଅଧିକ ଲୋକ ଗିରଫ ହୋଇଛନ୍ତି । ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହ ଆଜି କରିଥିବା ସମୀକ୍ଷାରୁ ଏହା ଜଣାଯାଇଛି ।

ସମୀକ୍ଷାରୁ ଜଣାଯାଇଛି ଯେ ଚଳିତ ଆର୍ଥିକ ବର୍ଷରେ ଅଗଷ୍ଟ ଶେଷ ସୁଦ୍ଧା ବେଆଇନ୍ ଅବକାରୀ ଚଢଉ ଯୋଗୁଁ ମୋଟ୍ ୨୩,୯୧୭ ମାମଲା ରୁଜୁ ହୋଇଥିବାବେଳେ ଏଥିରେ ୧୯,୨୭୮ ଜଣ ବ୍ୟକ୍ତି ଗିରଫ ହୋଇଛନ୍ତି । ଗତ ଆର୍ଥିକ ବର୍ଷର ଏହି ସମୟ ତୁଳନାରେ ମାମଲା ରୁଜୁ କ୍ଷେତ୍ରରେ ୬୧ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଗିରଫଦାରୀ କ୍ଷେତ୍ରରେ ୫୯ ପ୍ରତିଶତ ବୃଦ୍ଧି ହୋଇଛି । ସେହିଭଳି ଏହି ୫ମାସ ମଧ୍ୟରେ ୬୭୯୧ କିଲୋ ଭାଙ୍ଗ ଜବତ ହୋଇଛି । ଗତବର୍ଷ ୨୬୪୫ କିଲୋ ଭାଙ୍ଗ ଜବତ ହୋଇଥିଲା । ସେହିଭଳି ଏହି ୫ମାସ ମଧ୍ୟରେ ୭,୩୩,୧୬୫ ଲିଟର କାରଖାନା ପ୍ରସ୍ତୁତ ଦେଶୀ ମଦ, ୮୨,୧୯,୭୨୬ ଲିଟର ମଦ ପ୍ରସ୍ତୁତ ସାମଗ୍ରୀ, ୧୨,୪୮୩ ଲିଟର ମହୁଲି ମଦ, ୬୨୦୨ ଲିଟର ଦେଶୀ ମଦ ଓ ଟିକସ ଫାଙ୍କିଥିବା ୩୦୦ ଲିଟର ଭାରତ ତିଆରି ବିଦେଶୀ ମଦ ଜବତ ହୋଇଛି । ଏହି ସମୟରେ ଦେଶୀମଦ, ମଦପ୍ରସ୍ତୁତ ସାମଗ୍ରୀ ସହିତ ୧୧୧୭ଟି ଦୁଇ ଓ ଚାରି ଚକିଆ ଯାନ ଜବତ ହୋଇଛି ଯାହାକି ଗତ ଆର୍ଥିକ ବର୍ଷ ତୁଳନାରେ ୧୫ ପ୍ରତିଶତ ଅଧିକ ରହିଛି ।

ସେହିଭଳି ଅଗଷ୍ଟ ଶେଷସୁଦ୍ଧା ୭୩୯ଟି ଏନଡିପିଏସ୍ ମାମଲା ରୁଜୁ ହୋଇଛି । ଏଥିରେ ୮୬୫ ଜଣ ଗିରଫ ହୋଇଛନ୍ତି । ଗତବର୍ଷ ଏହି ସଂଖ୍ୟା ଯଥାକ୍ରମେ ୨୦୪ ଓ ୧୯୩ ପ୍ରତିଶତ ଅଧିକ ରହିଛି । ଏହି ସମୟରେ ରାଜ୍ୟରୁ ୨୧,୬୯୦ କିଲୋ ଗଞ୍ଜେଇ, ୯୮୭୪ ଗ୍ରାମ ବ୍ରାଉନସୁଗାର ଓ ୪୧୦ ଲିଟର କଫସିରପ ଜବତ ହୋଇଛି । ସେହିଭଳି ଚଳିତ ଆର୍ଥିକ ବର୍ଷରେ ୪୦୦୦ ନାଇଟ୍ରାଜେପାମ ବଟିକା ଜବତରେ ଅବକାରୀ ବିଭାଗକୁ ବଡ ସଫଳତା ମିଳିଛି । ଜବତ ଏନଡିପିଏସ ସାମଗ୍ରୀର ମୂଲ୍ୟ ୮୩ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି ।

ସେହିପରି ମଦ ଦୋକାନ ବିରୁଦ୍ଧରେ ୬୪୦ଟି ଅଭିଯୋଗ ଦାଖଲ ହେବା ସହିତ ସେମାନଙ୍କ ଠାରୁ ୭୦ଲକ୍ଷରୁ ଅଧିକ ଅର୍ଥ ଆଦାୟ ହୋଇଛି । ସେହିଭଳି ଓକାକ ସହାୟତାରେ ଗତ ଦଶବର୍ଷର ଅବକାରୀ ତଥ୍ୟର ଚାଲିଥିବା ଡିଜିଟାଇଜେସନ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ଅବକାରୀ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି । ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରତି ମାସରେ ମାମଲା ପରିଚାଳନା ଓ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଉଥିବାବେଳେ ବିଭିନ୍ନ ଅବକାରୀ ରେଞ୍ଜରେ ଦପ୍ତର ନିର୍ମାଣ ସହିତ ଗାଡି ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି କମିଶନର ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି ।

ଚଳିତ ଆର୍ଥିକ ବର୍ଷରେ ଅବକାରୀ ବିଭାଗ ପକ୍ଷରୁ ବେଆଇନ ନିଶା କାରବାର ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ଅବକାରୀ କମିଶନର ସିଂହ ପ୍ରଶଂସା କରିବା ସହିତ ବେଆଇନ ନିଶା ସାମଗ୍ରୀ ପ୍ରସ୍ତୁତି, ପରିବହନ, ବିକ୍ରି ବିଶେଷକରି ଟିକସଫାଙ୍କି ମଦ କାରବାର ବିରୁଦ୍ଧରେ ନିୟମିତ ଚଢାଉ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି । ଶ୍ରୀ ସିଂହ ଭର୍ଚୁଆଲ ମୋଡରେ କରିଥିବା ଏହି ସମୀକ୍ଷାରେ ଅତିରିକ୍ତ କମିଶନର ରାମ ଚନ୍ଦ୍ର ପାଲଟା, ଯୁଗ୍ମ କମିଶନର ଡକ୍ଟର ଦିବ୍ୟ ଲୋଚନ ମହାନ୍ତ ଓ ଶରତ ଚନ୍ଦ୍ର ମହାପାତ୍ର, ଏନଫୋର୍ସମେଂଟ ଇଡିସି ରାମ ଚନ୍ଦ୍ର ମିଶ୍ର, ଇଡିସି ରଜତ କୁମାର ପ୍ରହରାଜ, ଦଣ୍ଡପାଣି ବେହେରା ଓ ଡମ୍ବରୁଧର ଖଣ୍ଡାଙ୍କ ସମେତ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଜିଠୁ ବିଜେପିର ପ୍ରାଦେଶିକ ପ୍ରଶିକ୍ଷଣ ଶିବିର: ଓଡ଼ିଶାର ରାଷ୍ଟ୍ରୀୟ ନେତା ଯୋଗଦେବେ

ଭୁବନେଶ୍ୱର ,୧୩/୦୯ (ନି.ପ୍ର): ମିସନ୍-୨୦୨୪ ନେଇ ବିଜେପି ରଣନୀତି ପ୍ରସ୍ତୁତ କରିଥିବାବେଳେ କେନ୍ଦ୍ର ମନ୍ତ୍ରୀମାନେ ବିଭିନ୍ନ ସଂସଦୀୟ କ୍ଷେତ୍ରକୁ ଆସି ସଂଗଠନ ସଜାଡୁଛନ୍ତି । ରାଜ୍ୟ ସରକାର ବିରୋଧରେ ଜନମତ ସୃଷ୍ଟି କରିବାକୁ ତୃଣମୂଳ ସ୍ତରରେ କାମ ଆରମ୍ଭ କରିଦେଇଛନ୍ତି । ହେଲେ ରାଜ୍ୟ ବିଜେପିର ତୃଣମୂଳ ସ୍ତରର ସଂଗଠନରେ ଫାଟ ଥିବାରୁ ଏହାକୁ ସଜାଡ଼ିବା ସହ ୨୦୨୪ରେ ସମସ୍ତଙ୍କୁ ଏକାଠି ଧରି ଚାଲିବାକୁ ମଙ୍ଗଳବାର ଠାରୁ ପୁରୀରେ ତିନିଦିନିଆ ପ୍ରାଦେଶିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ । ହୋଟେଲ ବ୍ଲୁ ଲିଲି ରିସୋର୍ଟରେ ଏହି ଶିବିର ହେବାକୁ ଥିବାବେଳେ ଏହାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବେ । ଏହି ବୈଠକରେ ସମସ୍ତ ମନ୍ତ୍ରୀ, ବିଧାୟକ, ସାଂସଦ, ରାଜ୍ୟ ଓ ଜିଲ୍ଲା ପଦାଧିକାରୀ ଯୋଗଦେବେ । ବିଜେପି ଓ ଆରଏସ୍‌ଏସ୍‌ର ବରିଷ୍ଠ ସଂଗଠକମାନେ ଏହି ବୈଠକରେ ଯୋଗଦେଇ କ୍ଷେତ୍ର ସ୍ତରୀୟ ନେତାଙ୍କୁ ସଂଗଠନ ସୁଦୃଢ କରିବାର ମନ୍ତ୍ର ଦେବେ । ଓଡ଼ିଶାର ରାଷ୍ଟ୍ରୀୟସ୍ତରର ନେତାମାନେ ବି ଦଳକୁ ଓଡ଼ିଶାରେ ଆଗେଇ ନେବା ପାଇଁ ସେମାନଙ୍କର କ'ଣ ଯୋଜନା ଅଛି ତାହା ସମସ୍ତଙ୍କ ଆଗରେ ଉପସ୍ଥାପନ କରିବେ । ଏପରିକି ଦଳକୁ ମଜବୁତ୍ କରିବାକୁ ତୃଣମୂଳ ସ୍ତରରେ ସେମାନେ କିପ୍ରକାରର ସହଯୋଗ ଆଶା କରୁଛନ୍ତି ତାହା କହିବେ । ଏହି ବୈଠକରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଶେଶ୍ୱର ଟୁଡୁ, ଓଡ଼ିଶା ପ୍ରଭାରୀ ସୁନୀଲ ବଂଶଲ, ବିଜୟ ପାଲ ସିଂହ ତୋମାର, ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ରାଜ୍ୟ ସଭାପତି ସମୀର ମହାନ୍ତି, ସଂଗଠନ ସମ୍ପାଦକ ମାନସ ମହାନ୍ତିଙ୍କ ସମେତ ଅନ୍ୟ ନେତୃବର୍ଗ ରାଜ୍ୟ ଓ ଜିଲ୍ଲା ପଦାଧିକାରୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକ ପୂର୍ବରୁ ରାଜ୍ୟ ସଭାପତି ଓ ସଙ୍ଗଠନ ସମ୍ପାଦକ ସମ୍ବଲପୁର, ବଲାଙ୍ଗୀର, ଅନୁଗୁଳ ଓ ଜୟପୁର ଗସ୍ତ କରି ୩୦ଟି ଜିଲ୍ଲାର ସାଙ୍ଗଠନିକ ରିପୋର୍ଟ ସଂଗ୍ରହ କରିଥିବାବେଳେ ଏହାକୁ ବୈଠକରେ ଉପସ୍ଥାପନ କରିବେ । ଗତ ସାଧାରଣ ନିର୍ବାଚନ, ପୌର ଓ ପଞ୍ଚାୟତ ନିର୍ବାଚନରେ ଦଳର ସ୍ଥିତି କ'ଣ ଥିଲା, କେଉଁଠି କ'ଣ ସମସ୍ୟା ରହିଲା ସେନେଇ ମଧ୍ୟ ରିପୋର୍ଟ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି ।

ଏହାପରେ ଶେଷ ଦିନ ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ) ବି.ଏଲ୍ ସନ୍ତୋଷ ଯୋଗଦେଇ ରାଜ୍ୟ ନେତୃତ୍ୱଙ୍କୁ ସମ୍ବୋଧନ କରିବେ । ୨୦୨୪ରେ ବିଜେପି ଯେପରି ଓଡ଼ିଶାରେ ସମସ୍ତ ସଂସଦୀୟ କ୍ଷେତ୍ରରେ ବିଜୟ ହାସଲ କରିବ ସେନେଇ ଦଳ ପକ୍ଷରୁ ପ୍ରସ୍ତୁତ ହୋଇଥିବା ରଣନୀତି ବିଷୟରେ ଅବଗତ କରାଇବେ । ବୁଥ୍ ସ୍ତରରୁ ସଂଗଠନକୁ ମଜବୁତ୍ କରିବା ଠାରୁ ଆରମ୍ଭ କରି ବିଭିନ୍ନ କେନ୍ଦ୍ରୀୟ ଯୋଜନାର ପ୍ରଚାର ପ୍ରସାର କିଭଳି ହେବା ଦରକାର ସେ ବାଟ ବତାଇବେ । ଏହାସହ ୨୦୧୪, ୨୦୧୯ରେ ଯେପରି ମୋଦୀଙ୍କ ହାୱା ସୃଷ୍ଟି କରାଯାଇଥିଲା, ସେହିଭଳି ୨୦୨୪ରେ ସୃଷ୍ଟି କରିବା ପାଇଁ ଏବେଠୁ ତୃଣମୂଳସ୍ତରରେ କ'ଣ କ'ଣ ପ୍ରସ୍ତୁତି କରାଯିବା ଦରକାର ସେ ନେଇ ମଧ୍ୟ ମାର୍ଗଦର୍ଶନ କରିବେ ବୋଲି ଜଣାପଡ଼ିଛି ।

# ଦୁର୍ଗାପୂଜା ପ୍ରସ୍ତୁତି ବୈଠକ : ରାଜଧାନୀରେ ଶୋଭା ପାଇବ ୧୭୮ଟି ମେଢ

ଭୁବନେଶ୍ୱର,୧୩/୦୯ (ନି.ପ୍ର): ୨ ବର୍ଷର କଟକଣା ପରେ ଚଳଚଂଚଳ ହୋଇ ଉଠିଛି ପୂଜା ମଣ୍ଡପ । ମହାମାରୀ କମି ଥିବାରୁ ଏଥର କଟକଣାମୁକ୍ତ ଦୂର୍ଗା ପୂଜା ପାଳନ କରିବାକୁ ଆରମ୍ଭ ହେଲାଣି ପ୍ରସ୍ତୁତି । ରାଜଧାନୀରେ ସୁରୁଖୁରୁରେ ପୂଜା କରିବାକୁ ମେୟର ସୁଲୋଚନା ଦାଶଙ୍କ ଅଧ୍ୟକ୍ଷତାରେ ସୋମବାର ବିଏମସିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁର୍ଗା ପୂଜା ପୂର୍ବରୁ ରାସ୍ତା ମରାମତି, ଡ୍ରେନେଜ, ସ୍ୱରେଜ ବ୍ୟବସ୍ଥା ସହ ଷ୍ଟ୍ରିଟ୍ ଲାଇଟ ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଏମସି କମିଶନର ।

ଏଥର ରାଜଧାନୀରେ ଶୋଭା ପାଇବ ୧୭୮ଟି ମେଢ଼ । ପୂର୍ବ ଭଳି ଭସାଣି ପାଇଁ ଅସ୍ଥାୟୀ ବିସର୍ଜନ ପୋଖରୀ ନିର୍ମାଣ ହେବ । ମେଳାରେ ବିଭିନ୍ନ ଫୁଡ଼ ଷ୍ଟଲ ରେ କିଭଳି ମିଳିବ ହାଇଜିନ୍ ଖାଦ୍ୟ ସେଥିପାଇଁ ଗଠନ ହୋଇଛି ସ୍ୱତନ୍ତ୍ର ଟିମ୍ । ଖାଦ୍ୟର ମାନ ପରଖିବା ପାଇଁ ୭ ଜଣ ଫୁଡ୍ ଇନ୍ସପେକ୍ଟର ରହିବେ । ସେହିପରି ଦୁଇ ବର୍ଷ ପରେ ପୂଜା ହେଉଥିବାରୁ ସବୁ ମଣ୍ଡପ ଗୁଡିକ ଜାକଜମକରେ ପୂଜା କରିବାକୁ ଅନୁମତିମିଳିଛି । ରାତି ୧୨ଟା ପର୍ଯ୍ୟନ୍ତ ମେଲୋଡି କରିବା ସହ ମେଳଣ ଓ ମୀନାବଜାର ପାଇଁ ମଧ୍ୟ ଅନୁମତି ମିଳିବ । ରାବଣ ପୋଡି ପାଇଁ କମିଶନରେଟ ପୋଲିସ ଅନୁମତି ଦେବ ।

# ୨୨ରୁ ରକ୍ତଭଣ୍ଡାର କର୍ମଚାରୀଙ୍କ ରକ୍ତଦାନ ଶିବିର ବର୍ଜନ ନିଷ୍ପତ୍ତି

ଭୁବନେଶ୍ୱର,୧୩/୦୯ (ନି.ପ୍ର): ୩ ଦଫା ଦାବି ନେଇ ଆସନ୍ତା ୨୨ତାରିଖରୁ ସମସ୍ତ ରକ୍ତଦାନ ଶିବିର (ଇନଡୋର, ଆଉଟଡୋର) ବର୍ଜନ ନିଷ୍ପତ୍ତି ନେଇଛି ଓଡ଼ିଶା ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସଂଘ । ସଂଘର ରହିଥିବା ଦାବି ପୂରଣ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଆଗକୁ କର୍ମଚାରୀମାନେ ଆମରଣ ଅନଶନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସଂଘର ସଭାପତି ମଳୟ କୁମାର ବେହେରା ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି, ରକ୍ତଭଣ୍ଡାର କର୍ମଚାରୀମାନଙ୍କ ରହିଥିବା ବିଭିନ୍ନ ଦାବିକୁ ପୂରଣ କରିବା ଲାଗି ୨୦୧୫ ମସିହାରୁ ସଂଘ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି । ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା ଓ ପେନସନ ତଥା ଅନ୍ୟ ସରକାରୀ କର୍ମଚାରୀ ପାଉଥିବା ଅନ୍ୟାନ୍ୟ ସୁବିଧା ଭଳି ଦାବି ରହିଛି । ୨୦୧୭ ମସିହାରେ ରାଜ୍ୟ ସରକାର ସମସ୍ତ ରକ୍ତଭଣ୍ଡାରକୁ ନିଜ ଅଧୀନକୁ ନେବା ପରେ ଦାବି ପୂରଣ ନେଇ କର୍ମଚାରୀମାନଙ୍କ ମନରେ ଏକ ଆଶା ସଞ୍ଚୟ ହୋଇଥିଲା । ହେଲେ ଏହା ଭିତରେ ୫ବର୍ଷ ବିତି ଗଲାଣି ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ । ସଂଘ ଅଧୀନରେ ଥିବା ୧୪୦ଜଣ କର୍ମଚାରୀ ଏବେ ବହୁ ସମସ୍ୟା ଦେଇ ଗତି କରୁଛନ୍ତି । ସଂଘ ପକ୍ଷରୁ ବାରମ୍ବାର ଦାବି କରାଯିବା ପରେ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ଏହାର ଯାଞ୍ଚ କରିଥିଲା ।




କର୍ମଚାରୀମାନଙ୍କ ରହିଥିବା ସମସ୍ୟାର ସମାଧାନ ହେବ ବୋଲି ଅନୁମାନ କରାଯାଉଥିଲା । ସରକାରଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଗଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅଗଷ୍ଟମାସ ୧୨ତାରିଖରୁ ରକ୍ତଭଣ୍ଡାର କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଆରମ୍ଭ କରିଛନ୍ତି । ଏହା ଭିତରେ ୧ମାସ ପୂରିଛି । ମାତ୍ର ସରକାର କୌଣସି ପଦକ୍ଷେପ ନ ନେବା କାରଣରୁ ଚଳିତମାସ ୨୨ରୁ ସମସ୍ତ ପ୍ରକାର ରକ୍ତଦାନ ଶିବିର ବର୍ଜନ ନିଷ୍ପତ୍ତି ନିଆଯାଇଛି । ରାଜ୍ୟରେ କୌଣସି ରୋଗୀ ସେବା ବ୍ୟାହତ ହେଲେ ସରକାର ଏଥିପାଇଁ ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

# ୧୫ରୁ ପୁଣି ଆରମ୍ଭ ହେବ ତହସିଲଦାରଙ୍କ କ୍ୟାମ୍ପକୋର୍ଟ ଶୁଣାଣି

ଭୁବନେଶ୍ୱର,୧୩/୦୯ (ନି.ପ୍ର): ରାଜସ୍ୱ ସେବାକୁ ଅଧିକ ଲୋକାଭିମୁଖୀ କରିବାକୁ ଓ ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ମୁଖମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ରାଜସ୍ୱ କ୍ଷେତ୍ରାଧିକାରୀ ଯଥା ତହସିଲଦାର ଓ ଅତିରିକ୍ତ ତହସିଲଦାରମାନଙ୍କୁ କ୍ୟାମ୍ପ କୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୧୫ ତାରିଖରୁ କ୍ୟାମ୍ପ କୋର୍ଟ ଶୁଣାଣିର ପୁଣି ଆରମ୍ଭ କରିବାକୁ କୁହାଯାଇଛି । ଏଥିପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରତ୍ୟେକ ତହସିଲଦାର ଓ ଅତିରିକ୍ତ ତହସିଲଦାରମାନେ ପ୍ରତି ସପ୍ତାହରେ ୨ ରୁ ୩ ଦିନ ବିଭିନ୍ନ ସେମାନଙ୍କ ଅଧିନସ୍ଥ ରାଜସ୍ୱ ନିରୀକ୍ଷକଙ୍କ ଅଫିସ, ପଂଚାୟତ ଓ ଗ୍ରାମରେ କ୍ୟାମ୍ପ କୋର୍ଟ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଦ୍ୱାରା ପ୍ରତି ମାସରେ ପ୍ରତ୍ୟେକ ତହସିଲଦାର ଓ ଅତିରିକ୍ତ ତହସିଲଦାର ସେମାନଙ୍କ ଅଧିନସ୍ଥ ପ୍ରତ୍ୟେକ ଗ୍ରାମ ଗସ୍ତ କରି ବିଭିନ୍ନ ରାଜସ୍ୱ ମାମଲାର ଫଇସଲା କରିପାରିବେ । ଏଥିପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି କରାଯାଇଛି ଓ ପ୍ରତ୍ୟେକ ଡିଭିଜନର ରାଜସ୍ୱ ଆୟୁକ୍ତମାନଙ୍କୁ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀଙ୍କ ସାପ୍ତାହିକ ସମୀକ୍ଷା ବୈଠକରେ ସଚେତନ କରାଯାଇଛି । ଏହା ପରେ ପ୍ରତ୍ୟେକ ଜିଲ୍ଲାର ନୋଡାଲ ଅଫିସରମାନଙ୍କୁ ତହସିଲ ଅଫିସର କ୍ୟାମ୍ପ କୋର୍ଟ ଉପରେ ସ୍ୱତନ୍ତ୍ର ଭାବରେ ସମୀକ୍ଷା ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ପ୍ରତ୍ୟେକ ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକରେ ଏହି କାର୍ଯ୍ୟସୂଚୀ ଉପରେ ନିୟମିତ ସମୀକ୍ଷା ହେବ । କ୍ୟାମ୍ପ କୋର୍ଟ କରିବାରେ ଅବହେଳା ହେଲେ ରାଜସ୍ୱ ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ୪ ଜିଲ୍ଲାର ମିଶନ ଶକ୍ତି ମା'

ଭୁବନେଶ୍ୱର,୧୩/୦୯ (ନି.ପ୍ର): ସୋମବାର ସଂଧ୍ୟାରେ ନବୀନ ନିବାସଠାରେ ଢେଙ୍କାନାଳ, ମୟୁରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ମିଶନ ଶକ୍ତି ଗୋଷ୍ଠୀର ମା ମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଥିଲେ । ଏହି ଅବସରରେ ଗତ ଅଗଷ୍ଟ ୧୫ ତାରିଖ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମା ମାନେ ଜାତୀୟ ପତାକା ତିଆରି ଦାୟିତ୍ୱ ପରି ଗୁରୁ ଦାୟିତ୍ୱ କୁ ସୁନ୍ଦର ଭାବରେ ନିର୍ବାହ କରି ଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମିଶନ ଶକ୍ତି ମା ମାନଙ୍କ କାର୍ଯ୍ୟର ଉଚ୍ଚପ୍ରଶଂସା କରିବା ସହ ଭଲକାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ସେମାନଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କ ଆସ୍ଥା ସେମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଜୀବନ ରେ ବହୁତ ବଡ ପରିବର୍ତନ ଆଣିଛି ବୋଲି କହିଥିଲେ. ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ସେମାନେ କିପରି ସଫଳ ହୋଇପାରିଛନ୍ତି ତାହା ବର୍ଣନା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ଥିଲେ । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସ୍ୱାଧୀନତାର ୭୫ତମ ପୂର୍ତି ଅବସରରେ ରାଜ୍ୟ ସରକାର ମିଶନ ଶକ୍ତି ମା ମାନଙ୍କୁ ୩୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତି ଓ ବଂଟନ ଦାୟିତ୍ୱ ଦେଇଥିଲେ ।

# ସୂର୍ଯ୍ୟକିରଣ ଏୟାର ଶୋ ପାଇଁ ସ୍ଥିତି ଅନୁଧ୍ୟାନ କଲେ ସିପି

ଭୁବନେଶ୍ୱର,୧୩/୦୯ (ନି.ପ୍ର): ଆସନ୍ତା ୧୬ ତାରିଖରେ କୁଆଖାଇ ନଦୀକୂଳରେ ହେବାକୁ ଥିବା ସୂର୍ଯ୍ୟକିରଣ ଏୟାର ଶୋ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏୟାର ଶୋ ପୂର୍ବରୁ ସୋମବାର ଦିନ ଗ୍ରାଉଣ୍ଡ ସ୍ଥିତି ପରଖିଛନ୍ତି ପୋଲିସ କମିଶନର ଏବଂ ଡିସିପି । ପ୍ରଦର୍ଶନୀ ସମୟରେ ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ ବ୍ୟବସ୍ଥା କିପରି ହେବ ତାର ଯାଂଚ କରାଯାଇଛି । ସୂଚନାଯୋଗ୍ୟ ଯେ ୧୬ ତାରିଖ ଦିନ କୁଆଖାଇ ନିକଟ ବାଲିଯାତ୍ରା ପଡିଆରେ ବାୟୁସେନାର ୯ଟି ଲଢୁଆ ବିମାନ କଳାକୌଶଳ ପ୍ରଦର୍ଶନ କରିବ । ଦର୍ଶକ ୪୫ ମିନିଟର ଚିତାକର୍ଷକ ଶୋ'ଦେଖିବେ । ୪୫ ମିନିଟର ଏହି ସୋ ପାଇଁ ୧୦ ଟାରୁ ୧୧ ଟା କିମ୍ବା ୪ଟା ୧୫ରୁ ୫ଟା ୧୫ ଯାଏଁ ସମୟ ଧାର୍ଯ୍ୟ କରାଯାଇଛି । ପାଣିପାଗକୁ ଦୃଷ୍ଟିରେ ରଖି ଯେକୌଣସି ଗୋଟିଏ ସମୟରେ ଏହି ଏୟାର ସୋ କରାଯିବ । ଏଥିପାଇଁ ଏୟାର ଟ୍ରାଫିକ୍ କଂଟ୍ରୋଲର ଅନୁମତି ଦେବ । ଏୟାର ସୋ କୁ ଦେଖିବା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଯିବାର କାର୍ଯ୍ୟକ୍ରମ ରହିଛି । ହାଇଟେକ ଛକରୁ ଜରିପାଟଣା ରାସ୍ତାରେ କିଭିଳି ଜାମ ନ ହେବ ସେ ନେଇ ଟ୍ରାଫିକ ପୋଲିସ ନଜର ରଖିବ । କୁଆଖାଇ ନଦୀ ପଠା ଓ ଅପରେ ପଟେ ସୁରକ୍ଷା ଲାଗି ପୋଲିସ କର୍ମଚାରୀ ମୁତୟନ ହେବେ । ସେହିଭଳି ପୂର୍ତ ବିଭାଗ ପକ୍ଷରୁ ମାଟି ପକାଇ ସମତୁଳ କରିବା ସହିତ ପ୍ରସ୍ତୁତି ଜାରିରଖିଛି ।

ସେହିପରି ପୁରୀରେ ଥିବା ରାଜଭବନ ନିକଟରେ ଆସନ୍ତା ୧୮ ତାରିଖରେ ଏହି ସୋ ହେବ ।

# ଓରେରା ନିୟମରେ ସଂଶୋଧନ: ଘର ମୂଲ୍ୟ ଉପରେ ଟିକସ ଦେବେନି ଗ୍ରାହକ

ଭୁବନେଶ୍ୱର ,୧୩/୦୯ (ନି.ପ୍ର): ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ଓଡ଼ିଶା ରିଅଲ ଇଷ୍ଟେଟ୍ (ନିୟମାବଳୀ ଏବଂ ବିକାଶ) ନିୟମ-୨୦୧୭ରେ ସଂଶୋଧନ କରିଛନ୍ତି । ଓଡ଼ିଶା ରିଅଲ ଇଷ୍ଟେଟ୍ (ନିୟମାବଳୀ ଏବଂ ବିକାଶ) ସଂଶୋଧିତ ନିୟମ-୨୦୨୨ ଆଣିଛନ୍ତି । ଏଥିରେ ଗ୍ରାହକଙ୍କ ପାଇଁ ବ୍ୟାପକ ସୁବିଧା କରାଯାଇଛି । ଯେପରି ରିଅଲ ଇଷ୍ଟେଟ୍ ସଂସ୍ଥା କ୍ରେତାଙ୍କୁ ଅତିରିକ୍ତ ଦେୟ ଚାର୍ଜ କରି ଠକି ପାରିବେନି ସେନେଇ ନିୟମରେ ସଂଶୋଧନ ଅଣାଯାଇଛି । ସଂଶୋଧିତ ନିୟମ ଅନୁଯାୟୀ, ଏଣିକି ରିଅଲ ଇଷ୍ଟେଟ୍ ସଂସ୍ଥା ଘର/ଜମି କ୍ରେତାଙ୍କ ଠାରୁ ଜିଏସ୍‌ଟି, ସେସ୍ କି ଅନ୍ୟାନ୍ୟ ଟିକସ ନେଇପାରିବେନି । ସେମାନେ ଘର ମୂଲ୍ୟ ବାଦ୍ କିଛି ଟିକସ ନେଇପାରିବେନି । ଯଦି ଭବିଷ୍ୟତରେ କିଛି ଟିକସ ବ୍ୟବସ୍ଥା ବଦଳେ ତେବେ ଅତିରିକ୍ତ ଟିକସ କ୍ରେତା ଦେବେ । ରିଅଲଇଷ୍ଟେଟ୍ ସଂସ୍ଥା ଘରର ନିର୍ମାଣ ଖର୍ଚ୍ଚ,



ଟିକସକୁ ମିଶାଇ ଘରର ମୂଲ୍ୟ ଧାର୍ଯ୍ୟ କରିବେ । ସେହିପରି ଧାର୍ଯ୍ୟ ସମୟ ଠାରୁ ବିଳମ୍ବରେ ପ୍ରକଳ୍ପ ଶେଷ ହେଲେ କ୍ରେତା ଘର ପାଇଁ ଅଧିକ ଅର୍ଥ ଦେବେନି । ରିଅଲ ଇଷ୍ଟେଟ୍ ସଂସ୍ଥା ଏନେଇ ମଧ୍ୟ ବାଧ କରିପାରିବେନି । ଆପାର୍ଟମେଣ୍ଟରେ ସର୍ବସାଧାରଣ ବ୍ୟବହାର ପାଇଁ ଥିବା ଅଞ୍ଚଳଗୁଡ଼ିକୁ ପୃଥକ ପୃଥକ କରି ବିକ୍ରିକରାଯାଇପାରିବନି । ଏହାଦ୍ୱାରା ବିଲଡରମାନେ ପାର୍କିଂ ଅଞ୍ଚଳ ବାବଦକୁ ଯେଉଁ ଅର୍ଥ ନେଉଥିଲେ ତାହା ନେଇପାରିବେନି । ଏପରିକି ସସ୍ତେ ସବୁ ଅଞ୍ଚଳକୁ ବ୍ୟବହାର କରିପାରିବେ । ପାର୍କିଂ ଅଞ୍ଚଳରେ କୌଣସି କଟକଣା ରହିବନି । ସର୍ବସାଧାରଣ ସ୍ଥାନରେ ଅଗ୍ନିନିର୍ବାପକ ସରଞ୍ଜାମ ଲାଗିଥିଲେ ଏହା ବାବଦକୁ ବିକ୍ରେତା ଅତିରିକ୍ତ ଅର୍ଥ ନେଇପାରିବେନି । ତାହା ଘର ମୂଲ୍ୟରେ ଅନ୍ତର୍ଭୁକ୍ତ ହେବ । ଅକୁପାନ୍ସି ସାର୍ଟିଫିକେଟ୍ ପାଇବା ପରେ ବିକ୍ରେତା ସଂସ୍ଥା ସର୍ବସାଧାରଣ ସ୍ଥାନକୁ ଘର କ୍ରେତାଙ୍କ ଦ୍ୱାରା ଗଠନ ହୋଇଥିବା ସଂଘକୁ ହସ୍ତାନ୍ତର କରିବ । ଘର/ଜମି କିଣିବା ପାଇଁ ଯିଏ ବୁକିଂ କରିଥିବେ ସିଏ ଘର କାମ ବୁଲିକି ଦେଖିପାରିବେ । ଉକ୍ତ ପ୍ରକଳ୍ପକୁ ଅକୁପାନ୍ସି ସାର୍ଟିଫିକେଟ୍ ମିଳିବାର ୨ମାସ ଭିତରେ ରିଅଲଇଷ୍ଟେଟ୍ ସଂସ୍ଥା ଡିଡ୍ କରିବାକୁ ବାଧ୍ୟ ।

# ଆଠ ମାସ ହେଲା ଓଇଆରସି ଅଧ୍ୟକ୍ଷ ପଦବି ଖାଲି: କାହା ଅପେକ୍ଷାରେ ସରକାର ?

ଭୁବନେଶ୍ୱର ,୧୩/୦୯ (ନି.ପ୍ର): ଆଉ ଦିନ ୧୫ଟା ପରେ ୨୦୨୩-୨୪ ବର୍ଷ ପାଇଁ ବିଦ୍ୟୁତ୍ ଦର ନିର୍ଧାରଣ ପ୍ରକ୍ରିୟା ଆରମ୍ଭ ହେବ । ଅକ୍ଟୋବର ପ୍ରଥମ ସପ୍ତାହ ସୁଦ୍ଧା ବିଦ୍ୟୁତ୍ ବଣ୍ଟନ କଂପାନିମାନେ ଟ୍ରୁଇଙ୍ଗ୍ ଅପ୍ ପାଇଁ ଆବେଦନ କରିବେ । ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଆୟୋଗ ଏଥିରେ ମୋହର ମାରିବା ପରେ ସେହିମାସ ୩୦ ତାରିଖ ସୁଦ୍ଧା ବଣ୍ଟନ କଂପାନିମାନେ ଆସନ୍ତାବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଦର୍ଶାଇ ବିଦ୍ୟୁତ୍ ଶୁଳ୍କରେ ପରିବର୍ତ୍ତନ ଲାଗି ଦାବି ଜଣାଇବା ସହିତ ବିଧିବଦ୍ଧ ଆବେଦନ କରିବେ । ହେଲେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଅଧ୍ୟକ୍ଷ ଭାବେ କାହାକୁ ନିଯୁକ୍ତି ଦେଇପାରିଲେ ନାହିଁ । ପାଖାପାଖି ୮ମାସ ହେଲାଣି ଏହି ଚୌକି ଖାଲି ପଡ଼ିଛି । ଯଦି ବିଦ୍ୟୁତ୍ ଆଇନରେ ନିଯୁକ୍ତି ସଂକ୍ରାନ୍ତ ବ୍ୟବସ୍ଥାକୁ ବିଚାରକୁ ନିଆଯିବ, ତେବେ ସରକାରଙ୍କୁ ଅଧ୍ୟକ୍ଷ ଚୟନ ଲାଗି ୧୪ମାସ ସମୟ ମିଳିଲାଣି । ୨୦୦୩ ବିଦ୍ୟୁତ୍ ଆଇନ କାର୍ଯ୍ୟକାରୀ ହେବା ପରଠାରୁ ଅଧ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟାକୁ ନିରେଖି ଦେଖିଲେ ଜଣାପଡୁଛି ଯେ ଏଭଳି ସ୍ଥିତି କେବେ ବି ଉପୁଜିନଥିଲା । କୌଣସି ସମୟରେ ମଧ୍ୟ ଏତେ ସମୟ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ପଦବି ଖାଲି ରଖିନାହାନ୍ତି ।

ସ୍ୱାଭାବିକ ଭାବେ ଏବେ ଏହି ପ୍ରସଙ୍ଗଟି ବୁଦ୍ଧିଜୀବୀ, ବିଦ୍ୟୁତ୍ ବିଶେଷଜ୍ଞ ଓ ସମୀକ୍ଷକ ଏବଂ ଉପଭୋକ୍ତାଙ୍କୁ ଆନ୍ଦୋଳିତ କଲାଣି । ସେମାନେ ପ୍ରଶ୍ନ କରୁଛନ୍ତି ଯେ କାହିଁକି ଏହି ପଦବିରେ ସରକାର କାହାକୁ ନିଯୁକ୍ତି ଦେବାଲାଗି ଆଗ୍ରହ ଦେଖାଉନାହାନ୍ତି ? ବର୍ତ୍ତମାନର ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି ଚୌକିରେ ବସିବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଉଥିଲା । ଇତିମଧ୍ୟରେ ସରକାର ଶ୍ରୀ ମହାପାତ୍ରଙ୍କୁ ମୁଖ୍ୟସଚିବ ଭାବେ କାର୍ଯ୍ୟ କରିବା ଲାଗି ଆଉ ୬ମାସ ସୁଯୋଗ ଦେଇଛନ୍ତି । ତାଙ୍କର କାର୍ଯ୍ୟକାଳ ସରିବା ପର୍ଯ୍ୟନ୍ତ ସରକାର ଅପେକ୍ଷା କରିବେ କି ? ନା ଆଉ କାହାକୁ ଆଖେଇଛନ୍ତି ? ମନଲାଖି ଅଧିକାରୀ ଖୋଜିପାଉନଥିବା ମଧ୍ୟ ଏକ କାରଣ ହୋଇପାରେ ବୋଲି କୁହାଯାଉଛି ।

ଆହୁରି ଆଚମ୍ବିତ କଲା ଭଳି କଥା ହେଲା, ଆୟୋଗର ସଦସ୍ୟ (ବିଚାର ବିଭାଗୀୟ) ଗଜେନ୍ଦ୍ର ମହାପାତ୍ର ଏବେ ଅଧ୍ୟକ୍ଷ ଭାବେ




ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି କି ?

ଏହି କାମଚଳା ବ୍ୟବସ୍ଥାରେ ୨୦୨୨-୨୩ ବର୍ଷ ଲାଗି ବିଦ୍ୟୁତ୍ ଶୁଳ୍କ ମଧ୍ୟ ନିର୍ଧାରଣ ହେଲା । ଯଦି ଅଧ୍ୟକ୍ଷଙ୍କ ବିନା ବିଦ୍ୟୁତ୍ ଦର ନିର୍ଧାରଣ ହେବ ଓ ଅନ୍ୟ ସମସ୍ତ ଶୁଣାଣି ହୋଇପାରିବ, ତେବେ ଏହି ପଦବିକୁ ସରକାର ଉଚ୍ଛେଦ କରିଦେଉନାହାନ୍ତି କାହିଁକି ?

ଉଲ୍ଲେଖଥାଉକି, ଗତ ଜାନୁଆରି ୧୫ ତାରିଖରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଅଧ୍ୟକ୍ଷ ଭାବେ ଉପେନ୍ଦ୍ର ନାଥ ବେହେରାଙ୍କର ଥିଲା ଶେଷ ଦିନ । ଏହାର ପରଦିନ ଅର୍ଥାତ୍ ୨୦୨୨ ଜାନୁଆରି ୧୬ ତାରିଖରେ ଓଇଆରସି ଅଧ୍ୟକ୍ଷ ନିଯୁକ୍ତି ପାଇଁ ରାଜ୍ୟ ସରକାର ବିଜ୍ଞାପନ କଲେ । ସେବେ କୁହାଯାଇଥିଲା ଯେ ଜାନୁଆରି ୨୧ ତାରିଖ ସୁଦ୍ଧା ଇଚ୍ଛୁକ ପ୍ରାର୍ଥୀମାନେ ଏହି ପଦବି ଲାଗି ଆବେଦନ କରିବେ । ୮ମାସ ହେଲାଣି ଓଇଆରସି ଅଧ୍ୟକ୍ଷ ପଦ ଖାଲି ପଡ଼ିଲାଣି, ଅଥଚ ସରକାର ଏହି ପଦରେ କାହାକୁ ନିଯୁକ୍ତି ଦେଇପାରିଲେ ନାହିଁ ।

## ସିଏମସି କାଉନ୍‌ସିଲ୍ ମିଟିଂରେ ବିଜେପି କର୍ପୋରେଟରଙ୍କର ବିରୋଧ

କଟକ,୧୩/୦୯ (ନି.ପ୍ର): ସିଏମସି କାଉନସିଲ ବୈଠକରେ ହଇଗୋଳ ହୋଇଥିବା ଦେଖିବାକୁ ମିଳିଛି । ବିଭିନ୍ନ ପ୍ରସଙ୍ଗକୁ ନେଇ ବିଜେପି କର୍ପୋରେଟର୍ ମାନେ ମେୟରଙ୍କୁ ଟାର୍ଗେଟ କରିଥିବା ଦେଖିବାକୁ ମିଳିଛି । ବୈଠକ ଚାଲିଥିବାବେଳେ କଳା ପତାକା ପ୍ରଦର୍ଶନ କରିବା ସହ ହଲ୍ ମଝିକୁ ଆସି ବିଜେପି କର୍ପୋରେଟର ମାନେ ବିଭିନ୍ନ ସମସ୍ୟାକୁ ନେଇ ମେୟରଙ୍କୁ ବିରୋଧ କରିଛନ୍ତି । ବୈଠକ ଚାଲିଥିବାବେଳେ କଳା ପତାକା ପ୍ରଦର୍ଶନ କରିବା ସହ ହଲ୍ ମଝିକୁ ଆସି ବିଜେପି କର୍ପୋରେଟରମାନେ ବିଭିନ୍ନ ସମସ୍ୟାକୁ ନେଇ ମେୟରଙ୍କୁ ବିରୋଧ କରିଛନ୍ତି । ଦୁର୍ଗା ପୂଜା ପୂର୍ବରୁ ବସିଥିବା ବୈଠକରେ ବିଜେପି କର୍ପୋରେଟରମାନେ ବିଭିନ୍ନ ୱାର୍ଡର ସମସ୍ୟା ସଂପର୍କରେ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାସହ ସିଏମ୍‌ସି ନିର୍ବାଚନ ପରେ ବସିଥିବା ବୈଠକଗୁଡ଼ିକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ନ ହେବା ଓ ୱାର୍ଡଗୁଡ଼ିକର ସମସ୍ୟା ସମାଧାନ ନ ହେବାକୁ ନେଇ ବିଜେପି କର୍ପୋରେଟରମାନେ ମେୟରଙ୍କୁ ଟାର୍ଗେଟ କରିଥିଲେ ।

## ବସ୍ତା ବ୍ଲକ ପରିସରରୁ ଲକ୍ଷାଧିକ ଟଙ୍କାର ବ୍ୟାଟେରୀ ଚୋରି

ବସ୍ତା,୧୩।୯(ନିପ୍ର): ବସ୍ତା ବ୍ଲକ ପରିସରରୁ ଲକ୍ଷାଧିକ ଟଙ୍କାର ବ୍ୟାଟେରୀ ଚୋରି ହୋଇଯାଇଛି ।ଏହି ବ୍ଲକ କୁ ଆବର୍ଜନା ଫୋପାଡିବା ପାଇଁ ୬ ଗୋଟି ରିକସା ଆସିଥିଲା। ସେଥିରୁ ୩ ଟି ବଣ୍ଟା ଯାଇ ଆଉ ୩ଟି ବ୍ଲକ ପରିସରରେ ଥିଲା ।ଉକ୍ତ ରିକ୍ସା ରେ ବ୍ୟାଟେରୀ ରଖା ଯାଇଥିଲା । ମାତ୍ର ରାତିରେ ଏହି ବ୍ୟାଟେରୀ ଗୁଡିକ ଚୋରି ହୋଇଯାଇଛି ।ବ୍ୟାଟେରୀ ଗୁଡିକର ମୂଲ୍ୟ ୧ ଲକ୍ଷ ୧୭ ହଜାର ହେବ। ବିଡ଼ିଓ ଜ୍ଞାନ ରଞ୍ଜନ ସାହୁ ଏସଂକ୍ରାନ୍ତରେ ବସ୍ତା ଥାନାରେ ଏତାଲା ଦେଇଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଯୋଗ୍ୟଯେ କିଛିଦିନ ପୂର୍ବରୁ ବ୍ଲକରେ ଲଗାଯାଇଥିବା ହାଲୋଜିନ ଲାଇଟ ମଧ ଚୋରି ହୋଇଥିଲା।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ନୀଳଗିରି, ୧୩/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ବାଲିପାଳ ଗାଁରେ ସୌଚ ପାଇଁ ଯାଇ ଭାଲୁ ଆକ୍ରମଣରେ ଶୀକାର ହେଲେ ବୃଦ୍ଧ । ଗାଁର ପ୍ରଫୁଲ୍ଲ ବେହେରା ଆଜି ଘର ନିକଟ ପଦାକୁ ସୌଚ ପାଇଁ ଯାଇଥିବା ବେଳେ ଗଛ ଆଡ଼ରେ ଲୁଚି ରହିଥିବା ଏକ ଭାଲୁ ଅତର୍କିତ ଆକ୍ରମଣ କରିଥିଲା । ତାଙ୍କର ହାତ ଓ କାନ୍ଧରେ ଗଭୀର ଆଘାତ ଲାଗିଥିବାରୁ ସେ ଚିତ୍କାର କରିଥିଲେ। ପରେ ଭାଲୁଟି ଛାଡ଼ି ପଳାଇଯାଇଥିଲା । ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲରେ ଚିକିତ୍ସିତ କରିଛନ୍ତି ।

# ବାଲେଶ୍ୱର ଜିଲ୍ଲାପାଳଙ୍କ ନୀଳଗିରି ତୋଫାନି ଗସ୍ତ

ନୀଳଗିରି, ୧୩/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳ ଦତାତ୍ରେୟ ଭାଉସାହେବ ସିନ୍ଧେ କୌଣସି ସୂଚନା ନ ଦେଇ ହଠାତ୍ ନୀଳଗିରିକୁ ତୋଫାନି ଗସ୍ତ କରିବା ଘଟଣା ନୀଳଗିରିର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦ୍ୱନ୍ଦରେ ପକାଇବା ପ୍ରସଙ୍ଗ ଆଶ୍ଚର୍ଯ୍ୟଜନକ କରିଛି । ଦିନ ପ୍ରାୟ ୧୨ଟା ସମୟରେ ଜିଲ୍ଲାପାଳ ନୀଳଗିରିରେ ପହଂଚିବା କ୍ଷଣି ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ତହସିଲଦାର ଅଶେଷ କୁମାର ନାୟକ, ଏନ.ଏ.ସି. ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡ୍ଡୁ, ଏନ.ଏ.ସି.ର କନିଷ୍ଠ ଯନ୍ତ୍ରୀ ଦିପିକା ବେହେରା, ଅନୁସୂଚୀତ ଜାତିର ନୀଳଗିରି ବ୍ଲକର ବିଜେଡିସଭାପତି ଶରତ କୁମାର ଦାସ, ପୂର୍ତ ବିଭାଗର ଏସ.ଡି.ଓ. ଦୁର୍ଗାଚରଣ ସାହୁ, କନିଷ୍ଠ ଯନ୍ତ୍ରୀ ନବଘନ ମାରାଣ୍ଡି, କ୍ଷୁଦ୍ରଜଳସେଚନ ବିଭାଗର ଏସ.ଡି.ଓ. ନିମାଇଁ ନାଏକ, ସମେତ ନୀଳଗିରି ମେଡିକାଲର ଏସ.ଡି.ଏମ.ଓ. ଡା. ସରୋଜିନି ପ୍ରଧାନ, ଡା. ରାମକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ପ୍ରଥମେ ନୀଳଗିରି ଏନ.ଏ.ସି.ର ଭେଣ୍ଡିଂଜୋନ, ସ୍ମାର୍ଟପାର୍କ ପରିଦର୍ଶନ କରିଥିଲେ । ରାଡାର ରାସ୍ତା ପାଖରେ ଥିବା ବର୍ଜ୍ୟବସ୍ତୁ ପରିଚାଳନା ୟୁନିଟରେ ଅତି ଅପରିଷ୍କାରମୟ ଦୃଶ୍ୟକୁ ଦେଖି ଜିଲ୍ଲାପାଳ ଖପ୍ପା ହେବା ସହ ତୁରନ୍ତ ଉକ୍ତ ସ୍ଥାନକୁ ପରିଷ୍କାର ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲ୍ଲାପାଳ ନୀଳଗିରି ଥାନା ପଡ଼ିଆରେ ନିର୍ମାଣଧୀନ ଷ୍ଟାଡିୟମର କାର୍ଯ୍ୟକୁ ତଦାରଖ କରିବା ସହ ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ । ପରେ ନୀଳଗିରି ମେଡିକାଲର ସଂପୂର୍ଣ୍ଣ ହୋଇଥିବା ନୀଳଗିରି ବିଲ୍ଡିଂ କୁ ତଦାରଖ କରିଥିଲେ । ନୀଳଗିରି ମଡେିକାଲର ଡାକ୍ତର ସମସ୍ୟା ଖୁବ୍ ଶୀଘ୍ର ଦୂରିଭୂତ ହେବା ସହ ନୂତନ ବିଲ୍ଡିଂର ଖୁବ୍ ଶୀଘ୍ର ଉଦ୍‌ଘାଟନ ହେବାର ସୂଚନା ଦେଇଥିଲେ । ନୀରାମୟ ଔଷଧ କେନ୍ଦ୍ରକୁ ବୁଲି ଦେଖିଥିଲେ । ପରେ ୫ଟି ଯୋଜନାରେ ରତ୍ନାକର ଟାଉନ୍ ହାଇସ୍କୁଲ ନିର୍ମାଣଧିନ ବିଲ୍ଡିଂକୁ ବୁଲି ତଦାରଖ କରିଥିଲେ । କାର୍ଯ୍ୟର ସ୍ୱଚ୍ଛତା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ ।

# ପାଇଖାନା ଟାଙ୍କି ନିର୍ମାଣକୁ ନେଇ ପଡ଼ୋଶୀଙ୍କ ଆତ୍ମାହୁତି ପ୍ରସଙ୍ଗ
# ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜ୍ୟପାଳଙ୍କ ସଚିବ

ନୀଳଗିରି, ୧୩/୦୯ (ନି.ପ୍ର): ନୀଳଗିରି ଏନ.ଏ.ସି.ର ନ୨°. ୱାର୍ଡ ଘାଟଘରସାହି ଗ୍ରାମର ଘନଶ୍ୟାମ ପଣ୍ଡା ତାଙ୍କ ପଡ଼ୋଶୀ ରବିନ୍ଦ୍ର ପଣ୍ଡାଙ୍କ ବାସଗୃହକୁ ଲଗାଇ ଦୀର୍ଘଦିନ ଧରି ଏକ ପାଇଖାନା ଟାଙ୍କି ନିର୍ମାଣ କରିଥିବା ବେଳେ ଟାଙ୍କିରୁ ପାଇଖାନା ପାଣି ଲିକେଜ କରି ରବିନ୍ଦ୍ର ପଣ୍ଡାଙ୍କ ଅଗଣାକୁ ଆସୁଥିବା ବେଳେ ପରିବାର ଲୋକେ ଦୁର୍ଗନ୍ଧରେ ରହିପାରୁ ନ ଥିଲେ । ୨୦୧୫ ମସିହାରେ ଏ ନେଇ ତତ୍‌କାଳିନ ନୀଳଗିରି ଉପଜିଲ୍ଲାପାଳ, ଏନ.ଏ.ସି.ର କାର୍ଯ୍ୟନିର୍ବାହୀ ଅଧିକାରୀ, ବାଲେଶ୍ୱର ବ୍ରିଟ୍ କୁ ବହୁବାର ଲିଖିତ ଭାବେ ଜଣାଇଲା ପରେ ବ୍ରିଟ୍ ପକ୍ଷରୁ ତଦନ୍ତ କରାଗଲା ପରେ ଉକ୍ତ ପାଇଖାନା ଟାଙ୍କିକୁ ଅନ୍ୟତ୍ର ଉଠାଇ ନେବା ପାଇଁ ଘନଶ୍ୟାମ ପଣ୍ଡାକୁ ନିର୍ଦ୍ଦେଶ ଦେଇଥିଲେ । ଏନ.ଏ.ସି. ପକ୍ଷରୁ ମଧ ଏହାର ତଦନ୍ତ କରାଯାଇ ଅନ୍ୟତ୍ର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଘନଶ୍ୟାମ ପଣ୍ଡା ସମସ୍ତ ନିର୍ଦ୍ଦେଶକୁ ବେଖାତିର କରିଥିଲେ । ଶେଷରେ ନିରୁପାୟ ହୋଇ ମାନ୍ୟବର ଓଡ଼ିଶାର ଉଚ୍ଚ ନ୍ୟାୟଳୟରେ ଆଶ୍ରୟ ନେଇଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ପ୍ରସଙ୍ଗଟିକୁ ନୀଳଗିରି ଉପଜିଲ୍ଲାପାଳଙ୍କ କୋର୍ଟରେ ବିଚାର ପାଇଁ ପଠାଇ ଦେଇଥିଲେ । ମାତ୍ର ଦୀର୍ଘଦିନ ଧରି ପରିବାର ଲୋକେ ପାଇଖାନା ଟାଙ୍କି ପାଣି ଦୁର୍ଗନ୍ଧରେଅସହ୍ୟ ହୋଇ ପଡ଼ିବାରୁ ଶେଷରେ ସପରିବାର ଆତ୍ମହୁତି ଦେବାର ନିଷ୍ପତି ନେବେ ବୋଲି ମହାମହିମ ରାଷ୍ଟ୍ରପତି ଓ ଓଡ଼ିଶାର ରାଜ୍ୟପାଳଙ୍କୁ ଚିଠି ଲେଖିଥିଲେ । ଏପରିକି ରାଜ୍ୟପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ ଅଭିଯୋଗ କରିଥିଲେ । ଏ ନେଇ ରାଜ୍ୟପାଳଙ୍କ ସଚିବ ପକ୍ଷରୁ ଚିଠି ନଂ.୧-୪୫/୨୨ ତା.୨୯.୮.୨୨ ରିଖରେ ଘଟଣାର ତଦନ୍ତ ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି କରିଥିବାର ଜଣାପଡ଼ିଛି । ଘଟଣାର ତଦନ୍ତ ରିପୋର୍ଟ ଖୁବ୍ ଶୀଘ୍ର ପ୍ରଦାନ ପାଇଁ ଚିଠିରେ ଉଲ୍ଲେଖ କରିଛନ୍ତି । ଉକ୍ତ ଘଟଣାକୁ ଜିଲ୍ଲାପାଳ କିପରି ତଦନ୍ତ କରି ରବିନ୍ଦ୍ର ପଣ୍ଡାଙ୍କୁ ନ୍ୟାୟ ଦେବେ, ତାହାକୁ ପରିବାର ଲୋକେ ଅନାଇ ବସିଛନ୍ତି ।

# ସ୍ୱର୍ଗତ ଗୁରୁପ୍ରସାଦ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ



ଭଦ୍ରକ, ୧୩/୦୯ (ନି.ପ୍ର): ଆଜି ସ୍ୱର୍ଗତ ଗୁରୁପ୍ରସାଦ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ନିଜସ୍ୱ ଗୃହ କାନ୍ତିବିହାର ବାଇପାସ ସ୍ଥିତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ସାଂସଦ ମଂଜୁଲତା ମଣ୍ଡଳ, ପୂର୍ବତନ ପାରିଷଦ ପ୍ରବୀର ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଶିଷ୍ଟ ସମାଜସେବୀ ଅଜୟ ନାୟକ, ଜିଲ୍ଲାପରିଷଦ ମଳୟ ଜେନା, ବିଜେପି ନେତା ସୁରେଶ ସାମଲ, କଂଗ୍ରେସ ନେତା ସୁଧାକର ରାଉତ, ଆଡ୍‌ଭୋକେଟ ଅତିଶ୍ ବେହେରା, ପ୍ରଦୀପ ପଣ୍ଡା, ଖଣ୍ଡତଡା ସରପଂଚ ବିଶୁ ନାୟକ, କାଳୀପ୍ରସାଦ ମହାନ୍ତିଙ୍କ ସମେତ ଭଦ୍ରକ ବହୁମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ଉଦ୍ଦେର୍ଶରେ ୧ମିନିଟ୍ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏବଂ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଝଡର ଇଗଲ ବୋଲି ଗୁରୁବାବୁଙ୍କୁ ତୁଳନା କରିଥିଲେ । ଇତି ଅବସରରେ ସ୍ୱର୍ଗତ ମହାନ୍ତି ଜଣେ ଅମାୟୁକ ବ୍ୟକ୍ତି, ଦେବଦୁଲ୍ଲଭ, ପରପୋକାରୀ, ସମାଜସେବୀ ଥିଲେ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ ।

# ଅହିଂସା ରଥକୁ ବାରିପଦାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା, ୧୩/୦୯ (ନି.ପ୍ର): ଚଳିତ ବର୍ଷ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ପାଳନ କରୁଥିବା ବେଳେ ଏହି ବର୍ଷକୁ ସ୍ମରଣୀୟ କରିବା ଲାଗି ରାଜ୍ୟ ସରକାର ଉଦ୍ୟମ କରିଛନ୍ତି । ଦେଶବାସୀଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିବା ଲାଗି ଏଭଳି ଅହିଂସା ରଥର ଶୁଭାରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱାଧୀନତା ଦିବସରେ ଶୁଭାରମ୍ଭ ହୋଇଥିବା ଅହିଂସା ରଥ ଆଜି ବାରିପଦା ସହର ପରିକ୍ରମା କରିଛି । ରଥ ବାରିପଦାରେ ପହଂଚିବା ପରେ ବିରାଟ ପଟୁଆରରେ ଏହି ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଦୁଇଟି ଅହିଂସା ରଥ ଜିଲ୍ଲାର ବିଭିନ୍ନ ରାସ୍ତା ଦେଇ ପରିକ୍ରମା କରିଥିବା ସହିତ ଦେଶପ୍ରେମ ଓ ଅହିଂସାର ବାର୍ତ୍ତା ବାଣ୍ଟୁଛି । ବିଭିନ୍ନ ବର୍ଗର ଲୋକେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ଜଣାଇ ଶୋଭାଯାତ୍ରାରେ ସାମିଲ ହେଇଛନ୍ତି । ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ଅନୁଷ୍ଠାନର କର୍ମଚାରୀ ତଥା ସମସ୍ତ ସ୍କୁଲ ଛାତ୍ରଛାତ୍ରୀ, ଜିଲ୍ଲା ପ୍ରଶାସନ ପକ୍ଷରୁ ଅଂଶ ଗ୍ରହଣ କରିଥିଲେ । ଅହିଂସା ରଥକୁ ଏକ ଭବ୍ୟ ପରିବେଶ ମଧ୍ୟରେ ସ୍ୱାଗତ କରାଯାଇଥିବା ବେଳେ ବଡ଼ ଜଗନ୍ନାଥ ମନ୍ଦିର, ବଡ଼ବଜାର ସମେତ ବିଜୁ ପଟ୍ଟନାୟକ ଗୋଳାଇ ଠାରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥି ସହିତ ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଳାକାରମାନଙ୍କ ଚିତାକର୍ଷକ ପାରମ୍ପାରିକ ନୃତ୍ୟ ପରିବେଷଣ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ପତାକା ଧରି ଅହିଂସା ରଥକୁ ସ୍ୱାଗତ କରିବାର ଦୃଶ୍ୟ ବେଶ ମନ ମୁଗ୍ଧକର ହୋଇଥିଲା । ନୃତ୍ୟ, ସଙ୍ଗୀତର ତାଳେ ତାଳେ ବିରାଟ ଶୋଭାଯାତ୍ରାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଜନତା । ସେହିପରି ବାରିପଦା ବ୍ଲକ ପରିସରରେ ମଧ ଏହି ଅହିଂସା ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।

## ଲାଲୁ କିଡନୀ ଚିକିତ୍ସା କରିବାକୁ ଯିବେ ସିଙ୍ଗାପୁର, କୋର୍ଟରୁ ମାଗିଲେ ପାସପୋର୍ଟ

ରାଂଚି, ୧୩/୦୯ (ନି.ପ୍ର): ବିହାରର ପୂର୍ବ ମୁଖ୍ୟମନ୍ତ୍ରୀ ଏବଂ ରାଜଦ ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ସିବିଆଇ କୋର୍ଟରେ ପାସପୋର୍ଟ ରିଲିଜ୍ କରିବାର ଅନୁମତି ମାଗିଛନ୍ତି। ତାଙ୍କର ଓକିଲ ପ୍ରଭାତ କୁମାର କହିଛନ୍ତି ଯେ ପାସପୋର୍ଟ ରିଲିଜ୍ କରିବା ପାଇଁ ସିବିଆଇର ବିଶେଷ ନ୍ୟାୟାଧିଶ ଦିନେଶ ରାୟଙ୍କ ଅଦାଲତରେ ଆବେଦନ ଦାଖିଲ କରାଯାଇଛି। ସେ କହିଛନ୍ତି ଯେ ମଙ୍ଗଳବାର ଦିନ ସିବିଆଇର ବିଶେଷ ଅଦାଲତରେ ଶୁଣାଣୀ ପରେ ଲାଲୁଙ୍କ ଆବେଦନ ଉପରେ ଜବାବ ଦାଖିଲ କରିବା ପାଇଁ ସମୟ ଦେବାର ଆଗ୍ରହ କରାଯାଇଥିଲା। ସିବିଆଇର ଆଗ୍ରହକୁ ସ୍ୱୀକାର କରି ଅଦାଲତ ଆସନ୍ତା ଶୁଣାଣୀ ପାଇଁ ୧୬ ସେପ୍ଟେମ୍ବର ତାରିଖ ନିର୍ଦ୍ଧାରିତ କରିଛନ୍ତି।

## ରେଳ ଧାରଣାରୁ ମୃତଦେହ ଉଦ୍ଧାର

ଗଞ୍ଜାମ,୧୩/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ମନମୋହନପୁର ନିକଟ ରେଳ ଧାରଣାରୁ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହକୁ ବ୍ରହ୍ମପୁର ଜିଆରପି ଜବତ କରିଛି । ଏହାକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି । ଗତକାଲି ବିଳମ୍ବିତ ରାତିରେ ରାଜାରାଣୀ ଏକ୍ସପ୍ରେସ ଟ୍ରେନ୍ ଧକ୍କାରେ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ତେବେ ଅଦ୍ୟାବଧି ମୃତକଙ୍କ ପରିଚୟ ମିଳିପାରିନାହିଁ । ଜିଆରପି ପକ୍ଷରୁ ଶବ ଚିହ୍ନଟ ପ୍ରକ୍ରିୟା ଜାରୀ ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବଢ଼ାଇ ହେବନି ଆୟୁଷ ଡାକ୍ତରଙ୍କ....

ରମେଶ ଚନ୍ଦ୍ର ପଟ୍ଟନାୟକ ମିଳିତ ଭାବେ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ଦେଇ ସେମାନଙ୍କର ଅବସର ବୟସ ୬୦ରୁ ୬୫ବର୍ଷକୁ ବୃଦ୍ଧି ନିମନ୍ତେ ଦାବି ଜଣାଇଥିଲେ । ଉତ୍ତର ଦିଲ୍ଲୀ ମ୍ୟୁନିସପାଲ କର୍ପୋରେସନ ଅଧୀନରେ ଥିବା ଆୟୁଷ ଓ ହୋମିଓପ୍ୟାଥି ଡାକ୍ତରଙ୍କ ଅବସର ବୟସ ବୃଦ୍ଧି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଆଧାର କରି ଏହି ଡାକ୍ତରମାନେ ସେମାନଙ୍କର ସରକାରୀ ଚାକିରିରୁ ଅବସର ବୟସସୀମାକୁ ୬୫ବର୍ଷକୁ ବୃଦ୍ଧି ନିମନ୍ତେ ଦାବି ଜଣାଇଥିଲେ । ମାତ୍ର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ଧଳ ଗତକାଲି ଏନେଇ ଏକ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, ସରକାରୀ କର୍ମଚାରୀଙ୍କ ଅବସର ବୟସ ବୃଦ୍ଧି ପ୍ରସଙ୍ଗ ହେଉଛି ଏକ ନୀତିଗତ ନିଷ୍ପତ୍ତି । ନିଜର ଅବସର ବୟସ ବୃଦ୍ଧି ଦାବି କରିବା ଅଧିକାର କର୍ମଚାରୀମାନଙ୍କର ନାହିଁ । ସୁପ୍ରିମକୋର୍ଟ ମଧ ଏନେଇ ସ୍ପଷ୍ଟ ରାୟ ଦେଇଛନ୍ତି । ରାଜ୍ୟରେ ଆଲୋପ୍ୟାଥିକ ଡାକ୍ତରଙ୍କ ଭଳି ବୟସସୀମା ବୃଦ୍ଧି ଦାବି କରିବାର ଯଥାର୍ଥତା ନାହିଁ । କାରଣ ରାଜ୍ୟରେ ଅଭିଜ୍ଞ ଓ ବରିଷ୍ଠ ଏଲୋପ୍ୟାଥିକ ଡାକ୍ତରଙ୍କ ସଂଖ୍ୟା ଅଭାବ ଥିବା ତଥା ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ ସରକାର ଏହାକୁ ଦୃଷ୍ଟିରେ ରଖି ଆଡଭୋକେଟ୍ ଜେନେରାଲଙ୍କ ମତାମତ ନେବା ପରେ ଅର୍ଥ ବିଭାଗ ଏହି ବୟସ ସୀମାକୁ ୬୨ରୁ ୬୫ବର୍ଷକୁ ବୃଦ୍ଧି କରିଛନ୍ତି । ତା'ଛଡ଼ା ହୋମିଓପ୍ୟାଥି ଓ ଆୟୁଷ ଡାକ୍ତରଙ୍କ ଅବସର ବୟସସୀମା ବୃଦ୍ଧି ହେଲେ ତା'ର ପ୍ରତିକୂଳ ପ୍ରଭାବ ଚାକିରି ଆଶାୟୀ ଆୟୁଷ ଡାକ୍ତରଙ୍କ ଉପରେ ପଡ଼ିବ। କାରଣ ପ୍ରତିବର୍ଷ ରାଜ୍ୟରୁ ଉଭୟ ଆର ?ୟୁବେଦିକ ଓ ହୋମିଓପ୍ୟାଥିରେ ୫୬୦ଜଣ ଗ୍ରାଜୁଏଟ କୃତକାର୍ଯ୍ୟ ହେଉଛନ୍ତି । ଏବେ ରାଜ୍ୟରେ ୬୮୫୪ଜଣ ଯୋଗ୍ୟ ଆୟୁର୍ବେଦିକ ଡାକ୍ତର ଓ ୪୮୦୦ ହୋମିଓପ୍ୟାଥି ଡାକ୍ତର ଚାକିରି ଅପେକ୍ଷାରେ ରହିଛନ୍ତି । ତେଣୁ ସୁପ୍ରିମକୋର୍ଟ ଏକ ନିର୍ଦ୍ଦିଷ୍ଟ ମାମଲାରେ ଦେଇଥିବା ରାୟକୁ ଆଧାର କରି ଅବସର ବୟସ ବୃଦ୍ଧି ଦାବି ଗ୍ରହଣୀୟ ନୁହେଁ କିମ୍ବା ସରକାର ଏବେ ଏହି ଅବସର ବୟସସୀମା ବୃଦ୍ଧି କରିବେ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ।

### ନକଲି ଔଷଧ କାରବାର ....

ଚଢାଉ ବେଳେ କଟକରେ ବିପୁଳ ପରିମାଣର ନକଲି ଔଷଧ ବିକ୍ରି ହୋଇଥିବା ଜଣାପଡିଥିଲା । ଉଭୟ ରାହୁଲ ଓ ସଂଜୟଙ୍କ ନାଁରେ ଅଭିଯୋଗ ଆସିଥିଲା । ଗତକାଲି ସେମାନେ ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ୍ ସେମାନଙ୍କୁ ଗିରଫ କରିଥିଲା । କଟକ ଡିସିପି ପିନାକ ମିଶ୍ର କହିଛନ୍ତି, ଅଭିଯୁକ୍ତଙ୍କୁ ଜେରା ପରେ ଆମେ ଗିରଫ କରିଛୁ । ଜେରା ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଏମାନେ ବିହାର ଓ ବେଙ୍ଗାଲୁରରୁ ଏହି ନକଲି ଔଷଧ ଆଣୁଥିଲେ । ଏହି ତଥ୍ୟକୁ ନେଇ ଆମେ ଆଗକୁ ତଦନ୍ତ କରିବୁ । ଉଭୟ ଗିରଫ ଅଭିଯୁକ୍ତଙ୍କୁ ଆମେ ରିମାଣ୍ଡରେ ଆଣିବୁ ।ରାଜ୍ୟ ବାହାରକୁ ମଧ ପୋଲିସ ଟିମ ଯାଇ ତଦନ୍ତ କରିବ । ଏମାନଙ୍କଠାରୁ ଯେଉଁମାନେ ଔଷଧ ନେଉଥିଲେ ସେମାନେ ବି ତଦନ୍ତ ପରିସରଭୁକ୍ତ ହେବେ ।

### ୧୪ ଜିଲ୍ଲାରେ ବର୍ଷା....

ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବର୍ତ୍ତମାନ ସୁଦ୍ଧା ଚଳିତ ମୌସୁମି ଋତୁରେ ୧୦୮୪.୩ ମି.ମି. ବର୍ଷା ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକ ବର୍ଷା ତୁଳନାରେ ୫ ପ୍ରତିଶତ ଅଧିକ ବୋଲି ପାଣିପାଗ ବିଭାଗ ସୂତ୍ରରୁ ସୂଚନା ମିଳିଛି ।

### ଧସ୍ତାଧସ୍ତି ଓ ଲାଠିମାଡ଼ରେ....

ରେଳ ଷ୍ଟେସନ୍ ବାହାରେ ସଂଘର୍ଷ ଘଟିବା ପରେ ପୁଲିସ ସେମାନଙ୍କୁ ହାଜତକୁ ନେଇଛି । ଆଜି ହେବାକୁ ଥିବା 'ନବାନ୍ନ ଅଭିଯାନ'ରେ (ସଚିବାଳୟ ଚାଲ) ଯୋଗ ଦେବା ଲାଗି ପଶ୍ଚିମବଙ୍ଗର ବିଭିନ୍ନ ପ୍ରାନ୍ତରୁ କର୍ମୀ ଓ ସମର୍ଥକମାନଙ୍କୁ ଆଣିବା ଲାଗି 'ବିଜେପି' ୭ଟି ଟ୍ରେନ୍ ରିଜର୍ଭ କରିଛି । ଏହାକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗ ପୁଲସ ସୁରକ୍ଷା ବ୍ୟବସ୍ଥା କଡାକଡି କରିଥିଲା । ବିଜେପି କର୍ମୀଙ୍କୁ ଅଟକାଇବା ପଇଁ କୋଲକାତା ସରକାର ଅନ୍ୟ ରାଜ୍ୟରୁ ପୁଲିସ ଡକାଇଥିବା କୁହାଯାଉଛି ।

### ଚୀନକୁ ଚକମା ଦେଲା....

ସେକ୍ଟରରେ ଏହି ପୋଲ ତିଆରି କରିଛନ୍ତି । ମାତ୍ର କେଇ ଘଣ୍ଟା ଭିତରେ ସିନ୍ଧୁ ନଦୀ ଉପରେ ଏହି ଫ୍ଲୋଟିଂ ପୁଲ୍ ତିଆରି ହେଇଛି । ପୂର୍ବ ଲଦାଖରେ ସପ୍ତ ଶକ୍ତି ଇଞ୍ଜିନିୟର୍ସ ଏହି ଅଜବ କାରନାମାକୁ ସତ କରି ଦେଖାଇଛନ୍ତି । ତେବେ ସେହି ସମୟର ଭିଡିଓକୁ ସାଉଥ୍ ୱେଷ୍ଟର୍ଣ୍ଣ କମାଣ୍ଡ ଟୁଇଟ୍ କରି ସେୟାର କରିଛି । ଆଉ ସେନାର ଇଞ୍ଜିନିୟର୍ସଙ୍କୁ ପ୍ରଶଂସାରେ ପୋତି ପକାଇଛି । ସୀମାରେ ଚୀନ୍ ଆଉ ଭାରତ ଭିତରେ ସବୁବେଳେ ଉତେଜନା ଲାଗି ରହିଛି । ଚୀନ୍ ସୈନିକମାନେ ସୀମାରେ ମନମାନି କରୁଥିବାବେଳେ, ଭାରତୀୟ ଯବାନ ବି ଏହାର ଜବାବ ଦେଉଛନ୍ତି । ସୀମାରେ ଉତେଜନାକୁ ଦେଖି ଏବେ ଏଲଏସିରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଠୁଳ କରିବାରେ ଲାଗିଛି ଭାରତୀୟ ସେନା । ତେଣୁ ଏଭଳି ସମୟରେ ସିନ୍ଧୁ ନଦୀ ଉପରେ ଏହି ଅସ୍ଥାୟୀ ପୋଲ ସେନାକୁ ନିଶ୍ଚୟ ସାହାଯ୍ୟ ଯୋଗାଇବ ।

# ବଳଗଣ୍ଡେଶ୍ୱର ମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ



ବାରିପଦା, ୧୩/୦୯ (ନି.ପ୍ର): ବଡବଜ଼ାର ସ୍ଥିତ ଶ୍ରୀ ଶ୍ରୀ ବାବା ବଳଗଣ୍ଡେଶ୍ୱର ମନ୍ଦିର ପରିସର ଭାଗବତଟୁଙ୍ଗୀ ରେ ଭାଗବତଙ୍କ ଜନ୍ମ ଉପଲକ୍ଷେ ମନ୍ଦିର ର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ପୂଜକ ଗୌରୀ ଶଙ୍କର ପଣ୍ଡାଙ୍କ ଦ୍ୱାରା ପୂଜାଅର୍ଚ୍ଚନା ଓ ହୋମଯଜ୍ଞ କାର୍ଯ୍ୟ ସମ୍ପର୍ଣ ହୋଇଥିଲା । ସଭାପତି ଅଚ୍ୟୁତ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସର୍ବଶ୍ରୀ ହରେକୃଷ୍ଣ ପଶା, ଉମାକାନ୍ତ ମହାପାତ୍ର, ନରୋତମ ପାଣିଗ୍ରାହୀ, ରିକା ପଣ୍ଡା, ସମୀକ୍ଷା ପାଣିଗ୍ରାହୀ, ଭଗବତୀ ଦାଶ, ସାନ୍ଧ୍ୟରାଣୀ ପଣ୍ଡା, କାମେଶ୍ୱର ରଣା, ସମ୍ବିତ ମହାପାତ୍ର, ରତ୍ନାମଣି ସାହୁ, ରଂଜିତା ମହାପାତ୍ର, ବାସନ୍ତୀ ପଶା, ଅମ୍ବିକା ପଶା, ମନୋରଂଜନ ମହାପାତ୍ରଙ୍କ ସହିତ ବହୁତ ଶ୍ରଦ୍ଧାଳୁ ଭକ୍ତବୃନ୍ଦ ଉପସ୍ଥିତ ରହି ଏହି କାଯ୍ୟକ୍ରମ କୁ ସଫଳ କରିଥିଲେ ।

# ପୋଖରୀରେ ବିଷ ମାମଲା : ଆସାମୀଙ୍କୁ ଅର୍ଥ ଦଣ୍ଡ ଶୁଣାଣି

ବସ୍ତା, ୧୩/୦୯ (ନି.ପ୍ର): ବସ୍ତା କୋର୍ଟର ମାନ୍ୟବର ବିଚାରପତି ସୁଶ୍ରୀ ଗାୟତ୍ରୀ ମିଶ୍ର ସୋମବାର ଏକ ମାମଲାର ବିଚାର କରି ଆସାମୀମାନଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ୨୦୦୫ ମସିହାରେ ବସ୍ତା ଥାନା ମୁକୁନ୍ଦପୁର ଗ୍ରାମର ଏକ ପୋଖରୀ ରେ ବିଷ ପ୍ରୟୋଗ ଘଟଣାକୁ ନେଇ ଅଭିଯୋଗକାରୀ ଅଜୟ କୁମାର ବେହେରାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ନଂ ୯୮/୨୦୦୫ ରୁଜୁ କରି ତଦନ୍ତ ଜାରି ରଖିଥିଲେ । ଆସାମୀ ଦିବାକର ପୃଷ୍ଟି ଓ ତାଙ୍କ ଦୁଇ ପୁଅ କଟ ପୃଷ୍ଟି, କାଶୀନାଥ ପୃଷ୍ଟିଙ୍କ ବିରୁଦ୍ଧରେ ସକ୍ଷକ୍ଷ୍ୟ, ପ୍ରମାଣ ମିଳିବା ପରେ କୋର୍ଟ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ବିଧାନ ରାୟ ଶୁଣାଇଛନ୍ତି । କୋର୍ଟ ରେ ବିଚାରଧୀନ ଏହି ମାମଲାର ଆସାମୀ ମାନଙ୍କ ବିରୁଦ୍ଧରେ ଦଫା ୨୯୪/୩୪୧/୩୨୩/୩୪୨/୩୪ ଆଇପିସି ର ତଦନ୍ତ କରି ବସ୍ତା କୋର୍ଟ ର ସିଟି କେଶ ନଂ ୯୮୩/୦୫ ମୂଳେ ବିଚାର ଚାଲୁ ରହିଥିଲା । ସମସ୍ତ କାଗଜପତ୍ର, ସକ୍ଷକ୍ଷ୍ୟ, ପ୍ରମାଣକୁ ନେଇ ବିଚାର କରି ମାନ୍ୟବର ବିଚାରପତି ଆସାମୀ ମାନଙ୍କୁ ଦଫା ୩୪୨ ରେ ଦଣ୍ଡମୁକ୍ତ କରିଥିବା ବେଳେ ଦଫା ୨୯୪ପାଇଁ ୧ ହଜାର ଟଙ୍କା, ଦଫା ୩୪୧ ପାଇଁ ୫ ଶହ ଟଙ୍କା ଓ ଦଫା ୩୨୩ ପାଇଁ ୧ ହଜାର ଟଙ୍କା କରି ପ୍ରତ୍ୟେକ ଆସାମୀ ଙ୍କୁ ମୋଟ ୨୫ ଶହ ଲେଖାଏଁ ଟଙ୍କା ଅର୍ଥଦଣ୍ଡ ରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଜେଲ ଦଣ୍ଡ ଭୋଗିବେ ବୋଲି ରାୟ ରେ ପ୍ରକାଶ ହୋଇଛି । ରାୟ ପ୍ରକାଶ ପରେ ଆସାମୀ ମାନେ ସମସ୍ତ ଅର୍ଥ ଦଣ୍ଡ ଜମାକରି ମୁକ୍ତ ହୋଇଛନ୍ତି । ଏହି ମାମଲା ରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଜିତେନ୍ଦ୍ର ଉପାଧ୍ୟାୟ, ପ୍ରଣବ ରଞ୍ଜନ ମିଶ୍ର ଓ ଅସିତ ରଞ୍ଜନ ନାୟକ କେଶ ପରିଚାଳନା କରୁଥିଲେ ।

# ବାଖରାବାଜ ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ବାଖରାବାଜ,୧୩/୦୯(ନି.ପ୍ର) ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କ ୭୪ ତମ ଶୁଭ ଜନ୍ମଦିବସ ଆଶ୍ରମର ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ବକ୍ତା ଥିଲେ ଆଶ୍ରମର ଯୋଗଶିକ୍ଷକ ଯୋଗୀ ଶଙ୍କର ପାଲ ମହୋଦୟ । ମୁନି ସଙ୍ଗୀତ ଏବଂ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ ମୁନି ରାହାସ ବିହାରି ବାରିକ । ମୁନି ରାମହରି ସିଂ, ମୁନି ଡୁଲୁ ବେହେରା, ମୁନି ଇତର ମୁର୍ମୁ, ମୁନି ରାମେଶ୍ୱର ସିଂ, ମୁନି ପରମାନନ୍ଦ ମଣ୍ଡଳ, ମୁନି ହଙ୍ଗଲ ସିଂ, ମୁନି ବାଇଧର ଜେନା, ମୁନିମତୀ ଗୁରୁବାରୀ ସିଂ, ମୁନି ମତୀ କାନ୍ଦରୀ ମୁର୍ମୁ ଇତ୍ୟାଦି ବହୁ ମୁନି-ମୁନିମତୀମାନେ। ପ୍ରଥମେ ଆଦିମୁନିଶ୍ୱର ଯୋଗେଶ୍ୱର ସଦ୍‌ଗୁରୁଦେବଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ସଭାପତି ପ୍ରଦାନ କରିବା ପରେ, ସମସ୍ତେ ଜୟଧ୍ୱନି ଦେବାପରେ, ସମୂହ ପ୍ରଣବ ଶୁଭ ଭାବନା ମିଶ୍ରିତ ପ୍ରଣବ କରାଯାଇ ବେଦ ପାଠ, ଶାନ୍ତି ପାଠ କରାଯାଇ ଥିଲା । ଯୋଗୀ ପରମାନନ୍ଦ ମୁନିଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନ ସହିତ, ତାଙ୍କର ଆଧାତ୍ମିକ, ଆଦିଦୈବିକ ଏବଂ ଆଦିଭୌତିକ ଉନ୍ନତିର ଶୁଭକାମନା କରା ଯାଇଥିଲା । ଜଣେ ଯମ ନିୟମ ପାଳନ କରି ପ୍ରତିଦିନ କ୍ରିୟାତ୍ମକ ଯୋଗ ସାଧନା ଜାରି ରଖି ଚାଲିଲେ, ସେ ନିଶ୍ଚୟ ସୁଖ-ଶାନ୍ତି-ଆନନ୍ଦରେ ରହିବ, ଏହା ବକ୍ତାମାନେ ପ୍ରକାଶ କରିଥିଲେ । ଶେଷରେ ମୁନି ଦାମୋଦର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ଏକାତ୍ମ ସ୍ୱାଦିଷ୍ଟ ମିଷ୍ଟାନ୍ନ ଭକ୍ଷଣ ରେ ଆପ୍ୟାୟିତ ହୋଇଥିଲେ ।

# ଶିଶୁ ସୁରକ୍ଷା ୟୁନିଟ୍‌ର ୫ଜଣ ଛାତ୍ରଙ୍କୁ ନିଃଶୁଳ୍କ ପ୍ରଶିକ୍ଷଣ ସୁଯୋଗ



ଭଦ୍ରକ, ୧୩/୦୯ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଭଦ୍ରକ ଦ୍ୱାରା ଅନୁଷ୍ଠିତ ଓ ଅଣ-ଆନୁଷ୍ଠାନିକ ସେବାଯତ୍ନ ପାଉଥିବା ଶିଶୁଙ୍କୁ ନେଇ "ଶିଶୁଙ୍କ ଭବିଷ୍ୟତ ଗଠନ ଓ କୌଶଳ ବିକାଶ" ଏକଦିବସୀୟ କର୍ମଶାଳା ଗତ ଅଗଷ୍ଟ ୩୦ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ୫ ଜଣ ପିଲାଙ୍କର ପ୍ରଶିକ୍ଷଣ ତଥା ରୋଜଗାରକ୍ଷମ କରିବା ନିମନ୍ତେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ବିଜୟ କେତନ ସାହୁ ଏବଂ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ଅଜୟ କୁମାର ଦାସଙ୍କ ମିଳିତ ଉଦ୍ୟମରେ ଉକ୍ତ ୫ ଜଣ ପିଲାଙ୍କୁ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଏକବର୍ଷୀୟ ଆବାସିକ "ଐବସକ୍ସ ରବୟଷସକ୍ଟଭ ଓ ଉର-ବ୍ୱସଶଭ" ବିଭାଗରେ ଗତକାଲି (୧୨/୦୯/୨୨)ରେ ସାମିଲ୍ କରାଯାଇଛି । ଭଦ୍ରକ ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଗତ ଜିଲ୍ଲା ଦକ୍ଷତା କମିଟି ବୈଠକରେ ଏହିଭଳି ଆର୍ଥିକ ତଥା ସାମାଜିକ କ୍ଷେତ୍ରରେ ପଛୁଆବର୍ଗର ଯୋଗ୍ୟ ପିଲାମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ତଥା ନିଯୁକ୍ତି ପ୍ରକ୍ରିୟାରେ ସାମିଲ୍ କରିବାକୁ ପ୍ରାଧାନ୍ୟ ଦେଇଥିଲେ । ତଦନୁଯାୟୀ, ୪ଜଣ ଅନୁସୂଚିତ ଜନଜାତି ଏବଂ ଜଣେ ସାଧାରଣ ତଥା ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାଙ୍କୁ ମନୋନୀତ କରାଯାଇଥିଲା । ଏହି ପ୍ରଶିକ୍ଷଣ ନିମନ୍ତେ ଧାର୍ଯ୍ୟ ବାର୍ଷିକ ଦେୟ ୧୦,୦୦୦ ଟଙ୍କା ଥିବାବେଳେ ଜିଲ୍ଲା ନିୟୋଜନ ଅଧିକାରୀଙ୍କ ହସ୍ତକ୍ଷେପରେ ରାଜ୍ୟ ଦକ୍ଷତା ନିର୍ଦ୍ଦେଶକ ଶ୍ରୀ ଏ. ରଘୁ ଜି ସମସ୍ତ ପିଲାଙ୍କର ପ୍ରଶିକ୍ଷଣ, ରହିବା, ଖାଇବା ଛାଡ଼ କରାଇଥିଲେ । ଭଦ୍ରକ ଜିଲ୍ଲା ପାଇଁ ଏହିପରି କାର୍ଯ୍ୟକ୍ରମ ନିଶ୍ଚିନ୍ତ ପ୍ରଶଂସନୀୟ ତଥା ଦୃଷ୍ଟାନ୍ତମୂଳକ ପଦକ୍ଷେପ । ଜିଲ୍ଲାପାଳଙ୍କର ଅନନ୍ୟ ପ୍ରଚେଷ୍ଟା ଏବଂ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର ସହଯୋଗରେ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରଶିକ୍ଷଣ ତଥା ନିଯୁକ୍ତି କାର୍ଯ୍ୟକ୍ରମ ଗୁଡ଼ିକ ସଫଳ ରୂପାୟନ କରିବାକୁ ଅଗ୍ରାଧିକାର ଦିଆଯାଉଛି ।

ଧ୍ୱନି ପ୍ରତିଧ୍ୱନି



## ପୁରୀରେ ବିଜେପିର ତିନି ଦିନିଆ ପ୍ରାଦେଶିକ ପ୍ରଶିକ୍ଷଣ ଶିବିର ଆରମ୍ଭ

ଭୁବନେଶ୍ୱର, ୧୩/୦୯ (ନି.ପ୍ର): ବିଜେପିର ତିନି ଦିନିଆ ରାଜ୍ୟ ପ୍ରଶିକ୍ଷଣ ବର୍ଗ ମଙ୍ଗଳବାର ଠାରୁ ପୁରୀ ଠାରେ ଆରମ୍ଭ ହୋଇଛି। ଏହି ଶିବିରକୁ ରାଜ୍ୟ ସଭାପତି ସମୀର ମହାନ୍ତି ଉଦ୍‌ଘାଟନ କରିଥିଲେ। ମୋଟ ୧୫ଟି ସତ୍ରରେ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ବିଷୟକୁ ଚିନ୍ତନ, ଆଲୋଚନା, ପର୍ଯ୍ୟାଲୋଚନା ଆଗାମୀ ନିର୍ବାଚନ ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି। ପ୍ରଶିକ୍ଷଣର ପ୍ରଥମ ଦିବସରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ, ସହ ପ୍ରଭାରୀ ବିଜୟ ପାଲସିଂ ତୋମାର, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତି, ପ୍ରଶିକ୍ଷଣ ଶିବିର ରାଜ୍ୟ ସଂଯୋଜିକା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସୁରମା ପାଢ଼ୀ, ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀଙ୍କ ସମେତ ରାଜ୍ୟର ସମସ୍ତ ସାଂସଦ, ବିଧାୟକ, ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସଭାପତିମାନେ ଯୋଗ ଦେଇଛନ୍ତି। ଆଜି ଅନୁଷ୍ଠିତ ବିଭିନ୍ନ ସତ୍ରକୁ କେନ୍ଦ୍ର ପ୍ରଶିକ୍ଷଣ ଶିବିର ସଦସ୍ୟ ଡ. ହେମନ୍ତ ଗୋସ୍ୱାମୀ, ସାଂସଦ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ପ୍ରମୁଖ ନିଜ ନିଜ ବିଷୟ ଉପରେ ଆଲୋଚନା କରିଥିଲେ। ଓଡ଼ିଶାରେ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ଓଡ଼ିଶାବାସୀଙ୍କ ପାଇଁ ଆଶାର ଆଲୋକ ହେବାକୁ ଯାଉଛି। ଓଡ଼ିଶାବାସୀଙ୍କ ଦୁଃଖ ଦୂର କରିବା ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଯୋଜନାକୁ ଓଡ଼ିଶାରେ ଘରେ ଘରେ ପହଂଚାଇବା ହେଉଛି ମୂଳଲକ୍ଷ୍ୟ। ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହେଉନାହିଁ। ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳ ପାଇବାରୁ ବଂଚିତ ହେଉଛନ୍ତି ଓଡ଼ିଶାବାସୀ। ଦୀର୍ଘ ୨୩ବର୍ଷର ନିରଙ୍କୁଶ ଶାସନ କ୍ଷମତା ପରେ ମଧ୍ୟ ରାଜ୍ୟବାସୀଙ୍କୁ ବାସଗୃହ, ପାନୀୟଜଳ, ଶୌଚାଳୟ ଓ ବିଜୁଳି ଭଳି ମୌଳିକ ସୁବିଧା ଯୋଗାଇବାରେ ବିଫଳ ହେଉଛନ୍ତି ରାଜ୍ୟ ସରକାର।

## ଦୀର୍ଘଦିନରୁ ଅନ୍ଧାରରେ ଦୁଇ ଓଭର ବ୍ରିଜ




ବାଲେଶ୍ୱର,୧୩/୦୯ (ନି.ପ୍ର): ସମସ୍ୟା ବହୁଳ ବାଲେଶ୍ୱର ସହରର ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନବାଚୀ। କୋଟି କୋଟି ଟଙ୍କା ଖର୍ଚ୍ଚ କରି ମରାମତି ହୋଇଥିବା ବାଲେଶ୍ୱରର ପ୍ରଥମ ଉଡ଼ନ୍ତା ପୋଲରେ ଲୋକଙ୍କୁ ଏବେ ଅନ୍ଧାରରେ ଯିବାକୁ ପଡୁଛି। ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟର ଗୁଣବତ୍ତା ରକ୍ଷା ନେଇ ଦାବି ଆନ୍ଦୋଳନ କରାଯିବା ପରେ ପୋଲର ମରାମତି ଆପାତତଃ ଠିକଠାକ ହୋଇଥିଲା। ତେବେ ଏତେ ଟଙ୍କା ଖର୍ଚ୍ଚ ପରେ ମରାମତି ଶେଷ ହୋଇଥିଲେ ବି ଆଲୋକ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆ ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି। ଆଲୋକ ପାଇଁ ସଂଗଠନମାନେ ପୁଣି ଥରେ ଆଉ ଆନ୍ଦୋଳନକୁ ଓହ୍ଲାଇବେ କି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ପୋଲର ଗୋଟିଏ ହେଲେ ଲାଇଟ ଜଳୁ ନଥିବା ବେଳେ ରାତିରେ ଯାତାୟତ କରୁଥିବା ସାଧାରଣ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବଳ ପୋଲ ପାର୍ଶ୍ୱରେ ବିଭିନ୍ନ ପ୍ରତିଷ୍ଠାନର ଲଗାଯାଇଥିବା ଛୋଟ ଛୋଟ ବିଜ୍ଞାପନ ଗ୍ଲୋ'ସାଇନ ବୋର୍ଡ଼ର ଆଲୋକ ଏବେ ଲୋକଙ୍କୁ ରାସ୍ତା ଦେଖାଉଛି। ତେବେ ୨ଚକିଆ ୪କିଆ ଯାନର ଆରୋହୀଙ୍କ ପାଇଁ ଏହା କିଛି ଫରକ ପଡୁ ନଥିବା ବେଳେ ସାଇକେଲ ଆରୋହୀ ଓ ଚାଲି ଚାଲି ଯାଉଥିବା ଲୋକେ ଶଙ୍କିତ ଅବସ୍ଥାରେ ପୋଲ ପାର ହେଉଥିବା ଲକ୍ଷ୍ୟ କରାଯାଇଛି। ଏହି ଅବ୍ୟବସ୍ଥା କେବଳ ପ୍ରଥମ ଉଡ଼ନ୍ତା ପୋଲର ନୁହେଁ, ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି ତାମୁଲିଆ ରେଳ ଓଭରବ୍ରିଜରେ। ସେହି ପୋଲରେ ମଧ୍ୟ ଦୀର୍ଘଦିନରୁ ଲାଇଟ ଜଳୁ ନଥିବା ଲକ୍ଷ୍ୟ କରାଯାଇଛି। ଏନେଇ ପ୍ରଶାସନ କିମ୍ବା ପୌର କର୍ତ୍ତୃପକ୍ଷ ଦୃଷ୍ଟି ନଦେବାକୁ ନେଇ ସାଧାରଣରେ ଅସନ୍ତୋଷ ପରିଲକ୍ଷିତ ହୋଇଛି। ଏ ବାବଦରେ ପୌର କର୍ତ୍ତୃପକ୍ଷଙ୍କୁ ପଚାରିଲେ ଗୋଟିଏ ଉତ୍ତର ମିଳୁଛି ଯେ ବାଲେଶ୍ୱର ସହରର ଆଲୋକୀକରଣ ବ୍ୟବସ୍ଥା ପରିଚାଳନା ଦାୟିତ୍ୱ ଭୁବନେଶ୍ୱରର ଘରୋଇ ସଂସ୍ଥା ହାତରେ ଅଛି। ପ୍ରାୟ ସବୁ ଅଞ୍ଚଳର ଷ୍ଟ୍ରିଟ ଲାଇଟରେ ଟାଇମିଂ ବ୍ୟବସ୍ଥା କରାଯାଇଥିବା ବେଳେ ଉଡ଼ନ୍ତା ପୋଲରେ ବିଦ୍ୟୁତ ସଂଯୋଗର କିଛି ସମସ୍ୟା ଉପୁଜିଥାଇପାରେ ବୋଲି ପୌରପାଳିକାର ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ତୁରନ୍ତ ଏହି ଦୁଇ ଉଡ଼ନ୍ତା ପୋଲର ଆଲୋକୀକରଣ ବ୍ୟବସ୍ଥାର ସୁଧାର ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

## ଅହିଂସା ରଥ ପରିକ୍ରମାର ୩୦ ଦିନ ପୂର୍ତ୍ତି

ଭୁବନେଶ୍ୱର,୧୩/୦୯ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ପୂର୍ତି ତଥା ଆଜାଦି କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହିଂସା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଆଜି ରାଜ୍ୟରେ ଅହିଂସା ରଥ ପରିକ୍ରମାର ୩୦ ଦିନ ସଂପୂର୍ଣ୍ଣ ହୋଇଛି । ୪ ଟି ଅହିଂସା ରଥ ସମଗ୍ର ରାଜ୍ୟ ପରିକ୍ରମା ନିମନ୍ତେ ଯାତ୍ରା ଆରମ୍ଭ କରି ଇତି ମଧ୍ୟରେ ୧୯ଟି ଜିଲ୍ଲା ପରିକ୍ରମା ଶେଷ କରିଛନ୍ତି । ଏବେ କୋରାପୁଟ ଓ ବାଲେଶ୍ୱର ଜିଲ୍ଲାରେ ପରିକ୍ରମା ଜାରି ରହିଛି । ବିଗତ ୨୯ ଦିନ ଧରି ଗାନ୍ଧିଜୀଙ୍କ ବିଚାର ତଥା ସତ୍ୟ ଏବଂ ମାନବତାର ବାର୍ତ୍ତା ପ୍ରଚାର କରି ଅହିଂସା ରଥ ଓଡ଼ିଶାର କୋଣଅନୁକୋଣରେ ପରିକ୍ରମା କରୁଛି । ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ସମୟର କାହାଣୀ, ସ୍ୱାଧୀନତା ସଂଗ୍ରାମୀ ତଥା ବୀର ସଂଗ୍ରାମୀମାନଙ୍କର ଭୂମିକା ବିଷୟରେ ବିସ୍ତୃତ ସୂଚନା ସହ ପାଇକ ବିଦ୍ରୋହ, ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ବାବଦରେ ଅହିଂସା ରଥ ଜନସାଧାରଣଙ୍କୁ ଅବଗତ କରାଉଛି । ଉତ୍ତରପିଢ଼ିଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଏବଂ ଗାନ୍ଧିଜୀଙ୍କ ଅହିଂସା ଦର୍ଶନ ସଂପର୍କରେ ଅବଗତ କରିବାରେ ଅହିଂସା ରଥ ପ୍ରଭାବୀ ହୋଇପାରିଛି । ସବୁଠାରେ ଅହିଂସା ରଥକୁ ମିଳୁଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା । ପାରମ୍ପରିକ ନୃତ୍ୟଗୀତ, ସଂକୀର୍ତନ, ଭିଡ଼ିଓ ସୋ ପ୍ରଦର୍ଶନ, ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିପୁଳ ଜନସମାଗମ ଅହିଂସା ରଥ ପ୍ରତି ବ୍ୟାପକ ଆକର୍ଷଣକୁ ପ୍ରତିପାଦିତ କରୁଛି ।

## ରାଜଧାନୀରେ ୨୦ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୩/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ମୋଟ ୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୫୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୩୯୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୩ ହଜାର ୪୩୭ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୭୪୦ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୩୭ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ଏୟାର ସୋ ପାଇଁ ପହଂଚିଲା ଏଏନ୍ -୩୨ ବିମାନ

ଭୁବନେଶ୍ୱର,୧୩/୦୯ (ନି.ପ୍ର): ୧୮ ତାରିଖରେ ପୁରୀଠାରେ ସୂର୍ଯ୍ୟକିରଣ ଏୟାର ସୋ' ପାଇଁ ବାୟୁସେନାର ଇଣ୍ଡକସନ୍ ଟିମ ନେଇ ଆସିଥିବା ଏଏନ୍ ୩୨ ବିମାନ ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚି ସାରିଛି। ପୁରୀରେ ସୂର୍ଯ୍ୟକିରଣ ସୋ'ରେ ଭାଗ ନେବାକୁ ଥିବା ୧୧ଟି ହକ୍ ବିମାନ କର୍ଣ୍ଣାଟକର ବିଦାରରୁ ଆସୁଛି। ଆଜି ସମସ୍ତ ବିମାନ ପହଂଚିବ। ଏୟାର ସୋ' ପାଇଁ ଯନ୍ତ୍ରାଂଶ ନେଇ ଆସୁଥିବା ସି୧୭ ଗ୍ଲୋବ ମାଷ୍ଟର ମଧ୍ୟ ଆଜି ପହଂଚିବ। ଆସନ୍ତାକାଲି ସୋ' ହେବାକୁ ଥିବା ସ୍ଥାନରେ ମ୍ୟାପିଂ କରିବ ଏୟାରଫୋର୍ସ। ଏୟାର ସୋ' ନେଇ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର (ବିପିଆଇଏ)ର ନିର୍ଦ୍ଦେଶକ କହିଛନ୍ତି ଯେ, ଭୁବନେଶ୍ୱରରେ ଚଳିତ ମାସ ୧୫ ତାରିଖରେ ଫୁଲ ଡ୍ରେସ ରିହରସଲ ହେବ। ଏହା ପରେ ୧୭ରେ ପୁରୀ ହେବ ଫୁଲ ଡ୍ରେସ ରିହରସଲ। ଭୁବନେଶ୍ୱର ଲାଗି ବର୍ତମାନ ସୁଦ୍ଧା ଏୟାର ସୋ' ପାଇଁ ଅନୁମତି ମିଳିନି। ପୁରୀରେ ଏୟାର ଶୋ' ପାଇଁ ପୂର୍ବରୁ ଅନୁମତି ମିଳିଛି। ଭୁବନେଶ୍ୱର ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଅନୁମତିକୁ ଅପେକ୍ଷା କରାଯାଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ୧୬ ତାରିଖରେ ଏବଂ ପୁରୀ ରାଜଭବନ ନିକଟରେ ୧୮ ତାରିଖରେ ବାୟୁସେନା ପକ୍ଷରୁ ଏୟାର ସୋ'ହେବ। ବାୟୁସେନାର ପାଇଲଟମାନେ ଆକାଶ ମାର୍ଗରେ କଳା କୌଶଳ ପ୍ରଦର୍ଶନ କରିବେ।

## ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଝିଅ କବିତା କରୋନା ସଂକ୍ରମିତ

ହାଇଦ୍ରାବାଦ, ୧୩/୦୯ (ନି.ପ୍ର): ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ଏବଂ ବିଧାନପରିଷଦର ସଦସ୍ୟ କେ. କବିତା କରୋନା ଭାଇରସରେ ସଂକ୍ରମିତ ହୋଇଛନ୍ତି। ଏହାର ସୂଚନା କବିତା ଟ୍ୱିଟ୍ କରି ସ୍ପଷ୍ଟ କରିଛନ୍ତି।

## ଟାଉନ ହାଇସ୍କୁଲରେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୧୩/୦୯ (ନି.ପ୍ର): ବଦଳି ହୋଇ ଅନ୍ୟତ୍ର ଯାଉଥିବା ଟାଉନ ହାଇସ୍କୁଲ ଶିକ୍ଷୟିତ୍ରୀ ନମିତା ମହାପାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁମତି ରାଉତ ଅଧ୍ୟକ୍ଷତା କରିଥିଲେ। ଏସଏମସି ସଭାପତି ପ୍ରଦୀପ ଖୁଣ୍ଟିଆ, ଆଲୁମିନି ସଭାପତି ସୁବ୍ରତ କରଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିରେ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଭାବେ ଥାଇ ମଧ୍ୟ ସେ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସମନ୍ୱୟ ରଖି ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନ ପାଇଁ ସର୍ବାଦା ଚେଷ୍ଟା କରୁଥିଲେ ବୋଲି ସମସ୍ତେ ମତ ଦେଇଥିଲେ। ସମ୍ବର୍ଦ୍ଧିତ ଅବସରରେ ଶ୍ରୀମତୀ ମହାପାତ୍ର ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଶିକ୍ଷକ ଅକ୍ଷୟ କୁମାର ପାତ୍ର ଏହି ସମ୍ବର୍ଦ୍ଧନା ସଭାରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଦାମୋଦର ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀମତୀ ମହାପାତ୍ର ପଦୋନ୍ନତି ପାଇ ଏଠାରୁ ବଦଳି ସହ ଭୀମପୁର ସତ୍ୟନାରାୟଣ ଉଚ୍ଚ ବିଦ୍ୟାପୀଠକୁ ଯାଉଛନ୍ତି। ସେଠାରେ ସେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟରେ ନୂଆ ୧୫୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୩/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୫୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୦୫୯୩ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୧୫୯ ଆକ୍ରାନ୍ତଙ୍କ ମଧ୍ୟରୁ ୯୩ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୬୬ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୦୯ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୯୫୮୮ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୭୬୭ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୧୫୯ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୧, ବରଗଡ଼ ଜିଲ୍ଲାରେ ୭, ବଲାଙ୍ଗିର ଜିଲ୍ଲାରେ ୭, କଟକ ଜିଲ୍ଲାରେ ୨୬, ଦେବଗଡ଼ ଜିଲ୍ଲାରେ ୩, ଢ଼େଙ୍କାନାଳ ଜିଲ୍ଲାରେ ୩, ଗଞ୍ଜାମ ଜିଲ୍ଲାରେ ୪, ଜଗତସିଂହପୁର ଜିଲ୍ଲାରେ ୬, ଯାଜପୁର ଜିଲ୍ଲାରେ ୩, ଝାରସୁଗୁଡ଼ା ଜିଲ୍ଲାରେ ୧, କଳାହାଣ୍ଡି ଜିଲ୍ଲାରେ ୪, କନ୍ଧମାଳ ଜିଲ୍ଲାରେ ୪, କେନ୍ଦ୍ରାପଡ଼ା ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ଓଡ଼ିଶାର ଦୁଇଟି ଖଣି ସମେତ ୫ ରାଜ୍ୟରେ ନିଲାମ ହେଲା ୮ କୋଇଲା ଖଣି


ନୂଆଦିଲ୍ଲୀ/ଭୁବନେଶ୍ୱର,୧୩/୦୯ (ନି.ପ୍ର): ଓଡ଼ିଶାର ଦୁଇଟି ଖଣି ସମେତ ଦେଶର ୫ଟି ରାଜ୍ୟରେ ଥିବା ୮ଟି କୋଇଲା ଖଣି ନିଲାମ ହୋଇଛି। ଏସବୁ ଖଣି ନିଲାମ ପାଇଁ ମନୋନିତ କର୍ତ୍ତୃପକ୍ଷ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଆଜି ଇ-ନିଲାମୀ ମାଧ୍ୟମରେ ଏସବୁ ଖଣି ନିଲାମ କରାଯାଇଛି। ଓଡ଼ିଶାର ଦୁଇଟି ଖଣି ହେଲା- ରାମପିଆ ଏବଂ ରାମପିଆ ଡିପ୍ ସାଇଡ୍ କୋଇଲା ଖଣି । ଏହି ୮ଟି ମଧ୍ୟରୁ ୫ଟି ଖଣିରୁ ସମ୍ପୂର୍ଣ୍ଣ ଖଣିଜ ଦ୍ରବ୍ୟ ଉତ୍ତୋଳନ କରାଯିବ ଏବଂ ତିନୋଟି ଖଣିରୁ ଆଂଶିକ ଭାବେ ଖଣିଜ ଉତ୍ତୋଳନ କରାଯିବ। ଏହି ଆଠଟି ଖଣିରେ ମୋଟ୍ ୨୧୫୭.୪୮ ନିୟୁତ ଟନ କୋଇଲା ଗଚ୍ଛିତ ରହିଛି।

## ବହୁଜନ କୃଷକ ମୋର୍ଚ୍ଚା ପକ୍ଷରୁ ମହାମହିମ ରାଜ୍ୟପାଳଙ୍କୁ ଦାବିପତ୍ର



ଭଦ୍ରକ,୧୩/୦୯ (ନି.ପ୍ର): ବହୁଜନ ସମାଜ ପାର୍ଟି ଭଦ୍ରକ ଲୋକସଭା ଦ୍ୱାରା 'ବହୁଜନ କୃଷକ ମୋର୍ଚ୍ଚା' ପକ୍ଷରୁ କୃଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କୀତ ଏକ ଦାବିପତ୍ର ବହୁଜନ ସମାଜ ପାର୍ଟି ରାଜ୍ୟ ସମ୍ପାଦକ ତଥା ଭଦ୍ରକ ଲୋକସଭା ଦାୟିତ୍ୱରେ ଥିବା ଆଇନଜୀବୀ ଅର୍ଜୁନ ଚରଣ ମଲ୍ଲିକଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। କୃଷି ଋଣର ସରଳୀ କରଣ, ଉନ୍ନତ କିସମର ବିହନ କୃଷକମାନଙ୍କୁ ରିହାତି ଦରରେ ତଳି ପକାଇବା ପୂର୍ବରୁ ପ୍ରଦାନ କରାଯିବା, ସାରର ଅଭାବୀ ବିକ୍ରି ଏବଂ କଳାବଜାର ବନ୍ଦ କରିବା, ସମବାୟ ଜରିଆରେ ଚାଷୀଙ୍କୁ ସାର ଯୋଗାଣ କରିବା, ପଞ୍ଚାୟତ, ବ୍ଲକ ଏବଂ ପୌରପାଳିକା ଅଧିନରେ କାଞ୍ଜିଆହୁଦା ଖୋଲା ଯାଇ ଚାଷ ନଷ୍ଟ କରୁଥିବା ବୁଲା ଗାଇଗୋରୁ, ଷଣ୍ଢ ଆଦିଙ୍କୁ ସେଠାରେ ରଖିବାକୁ ନିର୍ଦ୍ଦେଶନାମା ଜାରି କରିବା, ଚାଷୀ ପଞ୍ଜିକରଣ, ଚାଷୀ ସଚେତନତା, ଉତ୍ପାଦିତ ଶସ୍ୟକୁ ସରକାର ଦରରେ ଚାଷୀଙ୍କଠାରୁ କ୍ରୟ କରିବା, ପର୍ଯ୍ୟାପ୍ତ ଜଳସେଚନର ବ୍ୟବସ୍ଥା କରାଯିବା, ଚୁଡାମଣିଠାରୁ ଚାରବାଟିଆ ପର୍ଯ୍ୟନ୍ତ ରହିଥିବା ଚିଙ୍ଗୁଡି ଘେରିକୁ ପାଣି ଯୋଗାଣ, ମଣ୍ଡି ବର୍ଷକଯାକ ଖୋଲା ରଖିବା, ଧାନ ବ୍ୟତୀତ ଚାଷୀମାନଙ୍କୁ ଗହମ, ଆଳୁ, ପିଆଜ, ଅଦା, ସାରୁ, ମକ୍କା ପ୍ରଭୃତି ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା, ବାଟମାରଣା ହେଉଥିବା ଚାଷୀ ବୀମା ଅର୍ଥ ବନ୍ଦ କରିବା, ମତ୍ସ୍ୟଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଭଳି ବିଭିନ୍ନ ଦାବୀ ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ର ପ୍ରଦାନରେ ଭଦ୍ରକ ଲୋକସଭାସ୍ଥ ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର, ଚାନ୍ଦବାଲି, ସୋର, ସିମୁଳିଆ ବିଧାନସଭା କ୍ଷେତ୍ରରୁ ସୁବାସ ଚନ୍ଦ୍ର ଯେନା, ବେଣୁଧର ଦାସ, ରାଜକିଶୋର ପାତ୍ର, ସେକ୍ ରିଆଜୁଦ୍ଦିନ ଖାଁ ପ୍ରମୁଖ ସାମିଲ ହୋଇଥିଲେ।

## ସେକାଳର କଥା ପୁସ୍ତକର ଦ୍ୱିତୀୟ ଖଣ୍ଡ ଉନ୍ମୋଚିତ



ବାରିପଦା, ୧୩/୦୯ (ନି.ପ୍ର): ବିଶିଷ୍ଟ ସାରସ୍ୱତ ସାଧକ ବୃନ୍ଦାବନ ଦାଶଙ୍କ ଲିଖିତ ପୌରାଣିକ ଓ ଐତିହାସିକ ଗଳ୍ପ ସଂକଳନ 'ସେକାଳର କଥା ଦ୍ୱିତୀୟ ଖଣ୍ଡ' ଗୋପବନ୍ଧୁ ସାହିତ୍ୟ ସଂସଦ ସୌଜନ୍ୟ ରେ ଉନ୍ମୋଚିତ ହୋଇଯାଇଛି । ସଂସଦର ସଭାପତି ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ସଭାରେ ସାହିତ୍ୟିକ ଅଜିତ କୁମାର କବାଟ ମୁଖ୍ୟ ଅତିଥି, ଗାଳ୍ପିକ ଅଶୋକ କୁମାର ପଲେଇ ମୁଖ୍ୟ ବକ୍ତା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ସମ୍ମାନିତ ଅତିଥି, ବରିଷ୍ଠ କବି ଡକ୍ଟର ନୀଳକଣ୍ଠ ମିଶ୍ର ସମୀକ୍ଷକ ଭାବେ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। କୃତୀ ଶିକ୍ଷକ ଡ଼କ୍ଟର ଶଶୀଧର ବିଶ୍ୱାଳ କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ କବି ଅଜିତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସଂସଦ ର ସମ୍ପାଦକ କବି ଅମିତାଭ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ରାଜୀବଲୋଚନ ଜେନା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ଡିଏଭି ସ୍କୁଲରେ ସାହିତ୍ୟ ସମ୍ମିଳନୀ

ବାଲେଶ୍ୱର, ୧୩/୦୯ (ନି.ପ୍ର): ବାଲେଶ୍ୱର ସହରର ସମଲପୁରସ୍ଥିତ ଡିଏଭି ସ୍କୁଲରେ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସେଣ୍ଟର ଫର ଏକାଡେମିକ ଏକ୍ସେଲେନ୍ସ ଓ ଡିଏଭି ୟୁନାଇଟେଡର ମିଳିତ ସହଯୋଗ ତଥା ଡିଏଭି ଓଡ଼ିଶା ଜୋନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ମନିନ୍ଦ୍ର କୁମାର ମେହେର ଏବଂ ଇଂରାଜୀ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ସୌମ୍ୟା ସଙ୍ଗୀତା ସାହୁ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସମୃଦ୍ଧ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମର୍ଯ୍ୟାଦା ଭିତ୍ତିକ ସାହିତ୍ୟ ସହ ସଂସ୍କୃତିର ସମନ୍ୱୟ ହିଁ ଜାତିର ପରିଚିତିକୁ ପରିବ୍ୟାପ୍ତ କରିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ନବ କିଶୋର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିବା ସହିତ 'ଭାଷା ଓ ଯୁବ ସମାଜ' ଶୀର୍ଷକ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସାମ୍ପ୍ରତିକ ଶିକ୍ଷାନୀତିରେ ଆଞ୍ଚଳିକ ଭାଷା ସାହିତ୍ୟକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ଏହା ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ବିକାଶରେ ବେଶ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଥିଲେ। ଏହି ସାହିତ୍ୟ ସମ୍ମିଳନୀରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ପରିଚାଳନା କମିଟି କର୍ମକର୍ତ୍ତା ତଥା ସଦସ୍ୟମାନେ ଉପସ୍ଥିତ ଥିଲେ। ସମ୍ମିଳନୀ ପରିଚାଳନାରେ କମିଟି ଉପାଧ୍ୟକ୍ଷ ବୈଦ୍ୟନାଥ ଷଡ଼ଙ୍ଗୀ ସକ୍ରିୟ ସହଯୋଗ କରିଥିଲେ।

## ଜଳେଶ୍ୱରରେ ଅହିଂସା ରଥକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

### 'ଆମ ପ୍ରଗତିର ଭିତ୍ତି ହିଁ ଆମ ସ୍ୱାଧିନତାର ମୂଳମନ୍ତ୍ର'



ଜଳେଶ୍ୱର, ୧୩/୯ (ନି.ପ୍ର): ଆଜି ଜଳେଶ୍ୱରଠାରେ ଆଜାଦିର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଅହିଂସା ରଥ ପହଞ୍ଚିଥିଲା । ୬୦ନଂ ଜାତୀୟ ରାଜପଥଠାରୁ ଏହାକୁ ଉଚ୍ଛସିତ ସମ୍ବର୍ଦ୍ଧନା ସହ ପାଛୋଟି ନିଆଯାଇଥିଲା । ଜଳେଶ୍ୱର ହାଇସ୍କୁଲ ପଡିଆଠାରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ବିଡିଓ ପୁନମ ରାଉତ, ପୌର ଅଧିକାରୀ ଅଜୟ କୁମାର ମହାପାତ୍ର, ଆଇଆଇସି ରୋଜାଲିନ୍ ବେହେରା, ବିଇଓ ଲଲାଟେନ୍ଦୁ ଜେନା, ଏବିଇଓ ସୁଶାନ୍ତ ଜେନା, ପୌରପାଳ ପ୍ରତୀପ କୁମାର ପ୍ରଧାନ, ଉପ ପୌରପାଳ ପୁଷ୍ପପ୍ରିୟା କାମିଲା, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ପ୍ରମୁଖ ଅହିଂସାରଥକୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଜଳେଶ୍ୱର ହାଇସ୍କୁଲର ଏନ୍‌ସିସି, ସ୍କାଉଟ୍ ଓ ଶହ ଶହ ଛାତ୍ରଛାତ୍ରୀ ୬୦ନଂ ଜାତୀୟ ରାଜପଥରୁ ହାଇସ୍କୁଲ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ । ଅଂଗନୱାଡିକର୍ମୀ, ପୌର କର୍ମଚାରୀ, ଫାଲଗୁନୀ ପାଣିଗ୍ରାହୀ, ଜଗଦୀଶ ନନ୍ଦି, ମନୋରଂଜନ ଦାସ ଓ ପାଲାଗାୟକ ଚନ୍ଦ୍ରମୋହନ ରାଉଳ, ପ୍ରଧାନ ଶିକ୍ଷକ କୁଂଜବିହାରୀ ପ୍ରଧାନଙ୍କ ସହିତ ଶିକ୍ଷକ ଓ କର୍ମଚାରୀ ଓ ବହୁ କାଉନ୍‌ସିଲରମାନେ ଏହି ଶୋଭାଯାତ୍ରାରେ ଯାଇଥିଲେ । ହାଇସ୍କୁଲ ପରିସରରେ ଭିଡିଓଗ୍ରାଫି ଜରିଆରେ ଗାନ୍ଧିଜୀଙ୍କ ଅହିଂସାମାର୍ଗର ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା । ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ପକ୍ଷରୁ ସ୍ୱାଗତ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା । ସେଠାରୁ ଏହି ରଥ ବ୍ଲକ ପରିସରକୁ ଗଲାବେଳେ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ, ଟାଉନ୍ ଉଚ୍ଚ ବିଦ୍ୟାଳୟ ଠାରେ ଛାତ୍ରଛାତ୍ରୀମାନେ ଏହି ରଥକୁ ସ୍ୱାଗତ ଜଣାଇଥିଲେ । ବ୍ଲକ ପରିସରରେ ଉପାଧ୍ୟକ୍ଷା ସଂଜିତା ସେନାପତି, ଆଇସିଡିଏସ୍‌ର କର୍ମକର୍ତ୍ତା, ଅଂଗନୱାଡି କର୍ମୀ, ବ୍ଲକ କର୍ମଚାରୀ ଓ ବହୁ ବର୍ଦ୍ଧିଷ୍ଣୁ ବ୍ୟକ୍ତି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେଠାରୁ ରଥ ରାଇବଣିଆ ଅଭିମୁଖେ ଗଲାବେଳେ ଅଗ୍ରୱାଲା ସୀମାନ୍ତ ହାଇସ୍କୁଲ, ଲକ୍ଷ୍ମଣନାଥ ହାଇସ୍କୁଲ, ଚାଫଳା ୟୁପି ସ୍କୁଲ, ଭଣ୍ଡାରପଲ୍ଲି ବିବି ନୋଡାଲ ସ୍କୁଲ, ହାତୀଗଡ ସ୍କୁଲ, ରାଇବଣିଆ ସ୍କୁଲ, ଗୋଡିପଦା ପ୍ରାଥମିକ ବିଦ୍ୟାଳୟ ପ୍ରମୁଖର ଛାତ୍ରଛାତ୍ରୀ ଓ ଶିକ୍ଷକ ଓ କର୍ମଚାରମାନେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## ରାଇବଣିଆରେ ବନ୍ୟ ବିଭାଗ ଓ ଭିଜିଲାନ୍ସର ଚଢାଉ : ୨ଟି କରତକଳ ଜବତ୍



ଜଳେଶ୍ୱର, ୧୩/୯(ନି.ପ୍ର): ଜଳେଶ୍ୱରର କେତେକ ଅଂଚଳରେ ଚୋରା କରତକଳ ଚାଲି ଆସୁଥିବାରୁ ଭିଜିଲାନ୍ସ ଓ ବନବିଭାଗ ପକ୍ଷରୁ ଆଜି ମିଳିତ ଚଢାଉ କରାଯାଇଛି । ଡିଏଫଓ ଆୟୁଷ ଜୈନଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ଦିଗନ୍ତ ଶୋଭନ ଚାନ୍ଦଙ୍କ ନେତୃତ୍ୱରେ ଜଳେଶ୍ୱର ରେଞ୍ଜ ଅଫିସର ଜୟଶ୍ରୀ ମୁର୍ମୁ, ଫରେଷ୍ଟର ଭକ୍ତିଲତା ଦାସ, ରାଇବଣିଆ ଫରେଷ୍ଟର ଦେବରାଜ ରାଉତ, ଫରେଷ୍ଟଗାର୍ଡ ଦୁଷ୍ମନ୍ତ ଜେନା, ମନୋହର ସିଂ, ରଂଜିତା ବିଶ୍ୱାଳ, ଫରେଷ୍ଟ ସ୍କ୍ୱାର୍ଡ ସମରେଶ ଦାସ, ଅମରେଶ ଦାସ, ସୁରେଶ ଦାସ, ଶିବ ମହାନ୍ତି, ହରେକୃଷ୍ଣ ବେହେରା ପ୍ରମୁଖ ଚଢାଉ କରିଥିଲେ । ଦୀର୍ଘଦିନରୁ କଳମା ଓ ମହୁଡୁମାର ଏହି ୨ଟି କରତକଳ ଜଂଗଲ ଅଂଚଳରେ ଚାଲୁଥିବାର ଅଭିଯୋଗ ହୋଇ ଆସୁଥିଲା । ଆଜି ପ୍ରାୟ ୫ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ୍ କରାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo